


ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ଶୁକ୍ରବାର ୦୪ ଏପ୍ରିଲ ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 04 APRIL 2025
Vol.No. 36 ■ No.88 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ସଂଗ୍ରହ କରନ୍ତୁ
ନୂଆବର୍ଷ ସଂଖ୍ୟା
ସାଗରିକା
ଏବେଠାରୁ
ଡିଜିଟାଲ୍ ଫର୍ମାଟରେ ଉପଲବ୍ଧ...
website : sagarika.in.net


## ଚକ୍ରବ୍ୟୂହରେ ଫସିଗଲା ଝାମୁ: ପୋଲିସ କଲା ଏନକାଉଣ୍ଟର

ତାଳଚେର, ୩/୪ (ନି.ପ୍ର): କୁଖ୍ୟାତ ଅପରାଧୀଙ୍କୁ ଏନକାଉଣ୍ଟର କରିଛି ପୋଲିସ। ପୋଲିସ ଗୁଳିରେ ଅପରାଧୀ ସୁଶାନ୍ତ ନାୟକ ଓରଫ ଝାମୁ ଆହତ ହୋଇଛି। ତା'ର ଗୋଡ଼ରେ ଗୁଳି ବାଜିଛି। ତାକୁ ଗୁରୁତର ଅବସ୍ଥାରେ ଅନଗୁଳ ମେଡ଼ିକାଲରେ ଭର୍ତ୍ତି କରାଯାଇଛି। ଗତ ଜାନୁୟାରୀ ୨୩ ତାରିଖରେ ତାଳଚେରସ୍ଥିତ ଶନିବାର ହାଟ ନିକଟରେ ଏକ ବଡ଼ଧରଣର ଡକାୟତି ଯୋଜନା କରୁଥିଲା ଝାମୁ । ତାଳଚେର ପୋଲିସ କୌଣସି ସୂତ୍ରରୁ ଖବରପାଇ ଘଟଣାସ୍ଥଳରେ ପହଞ୍ଚିବାରୁ ଝାମୁ ପୋଲିସ ଉପରକୁ ଗୁଳି ଚଳାଇ ଖସି ଯାଇଥିଲା । ଦୀର୍ଘ ଦିନ ପରେ ପୁଣି ଝାମୁ ଗତକାଲି ତାଳଚେରସ୍ଥିତ ସ୍କଟଲାଣ୍ଡପୁର ଜଙ୍ଗଲରେ ଏକ ଅପରାଧ କରିବା ଲାଗି ଯୋଜନା କରୁଥିଲା। ତାଳଚେର ପୋଲିସ ପାଟ୍ରୋଲିଂ କରୁଥିବା ବେଳେ ପୋଲିସ ଗାଡ଼ିକୁ ଦେଖି ଦୌଡି ପଳାଉଥିଲା । ତେବେ ପୋଲିସ ପିଛା କରିବା ବେଳେ ଝାମୁ ପୋଲିସ ଉପରକୁ ଗୁଳି ଚଳାଇଥିଲା। ପୋଲିସ ଏହାର ପାଲଟା ଜବାବ ଦେଇଥିଲା। ଝାମୁ ଉପରକୁ ପାଲଟା ଗୁଳି ଚଳାଇଥିଲା ପୋଲିସ୍ । ଝାମୁର ବାମ ଗୋଡ଼ରେ ଗୁଳି ବାଜିଥିଲା । ଝାମୁ ସେଇଠି ରହିଯାଇଥିଲା । ତାକୁ କାବୁ କରିଥିଲା ପୋଲିସ୍ । ଝାମୁର ଅବସ୍ଥା ଗୁରୁତର ହେବାରୁ ତାକୁ ସ୍ଥାନୀୟ ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ଝାମୁ ନାଁରେ ତାଳଚେର ସମେତ ଅନଗୁଳ ଏବଂ ବାହାର ଜିଲ୍ଲା ଥାନାରେ ୨୦ରୁ ଏକାଧିକ ଅପରାଧିକ ମାମଲା ରହିଛି।

# ଆମେରିକାର ଟାରିଫ, ଚିନ୍ତାରେ ପୂରା ବିଶ୍ୱ

## ସମାଧାନ ପାଇଁ ପିଏମଓରେ ଉଚ୍ଚସ୍ତରୀୟ ବୈଠକ




ନୂଆଦିଲ୍ଲୀ, ୦୩/୪ : ସାରା ବିଶ୍ୱରେ ଏବେ ଗୋଟିଏ ଚର୍ଚ୍ଚା ଟ୍ରମ୍ପ । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପ୍ରତିଶୋଧମୂଳକ ଶୁଳ୍କ ତଥା ନୂଆ ଟାରିଫ ଲାଗୁ କରିଛନ୍ତି । ଯାହାର ପ୍ରଭାବ ପୁରା ବିଶ୍ୱ ଉପରେ ପଡିଛି । ସେୟାର ବଜାର ମଧ ହ୍ରାସ ପାଇଛି । ଟ୍ରମ୍ପଙ୍କ ନୂଆ ଟାରିଫ ଲାଗୁ ହେବା ପରେ ପରେ ଗୁରୁବାର ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମଓ)ରେ ଉଚ୍ଚସ୍ତରୀୟ ବୈଠକ ହୋଇଛି । ପ୍ରଧାନମନ୍ତ୍ରୀଙ୍କ ମୁଖ୍ୟ ସଚିବଙ୍କ ଅଧକ୍ଷତାରେ ହୋଇଥିବା ଏହି ବୈଠକରେ ବାଣିଜ୍ୟ ମନ୍ତ୍ରଣାଳୟ, ତିନି ଆୟୋଗ ଏବଂ ଅନ୍ୟ ବିଭାଗର ପ୍ରତିନିଧି ସାମିଲ ହୋଇଛନ୍ତି । ସତର୍କତାର ସହ ସମସ୍ୟା ସମାଧାନ ନେଇ ଚିନ୍ତା କରାଯାଉଥିବା ନେଇ ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି । ଫଳରେ ଟ୍ରମ୍ପଙ୍କ ନୂଆ ଟାରିଫର ପ୍ରଭାବ ଭାରତ ଉପରେ ପଡିବ। ଯାହାକୁ ନେଇ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ସମାଲୋଚନା କରିଛନ୍ତି କଂଗ୍ରେସ ଅଧକ୍ଷ ମଲ୍ଲିକାର୍ଜୁନ ଖଡଗେ । ଏସିଆ ମହାଦେଶରେ ଟ୍ରମ୍ପଙ୍କ ଟାରିଫ ସବୁଠୁ ଚୀନ ଉପରେ ଅଧିକ ରହିଛି । ଏସିଆରେ ଚୀନ ଉପରେ ସର୍ବାଧିକ ୫୪%, କମ୍ବୋଡିଆ ଉପରେ ୪୯%, ଶ୍ରୀଲଙ୍କା ଉପରେ ୪୪%, ବାଂଲାଦେଶ ଉପରେ ୩୭%, ଭାରତ ଉପରେ ୨୬%, ଜାପାନ ଉପରେ ୨୪, ସିଙ୍ଗାପୁର ଉପରେ ସବୁଠୁ କମ ୧୦ ପ୍ରତିଶତ ପ୍ରତିଶୋଧମୂଳକ ଟାରିଫ ଲାଗୁ କରିଛି । ଆସନ୍ତା ୯ ତାରିଖରୁ ନୂଆ ଶୁଳ୍କ ଲାଗୁ ହେବାର ଥିବା ବେଳେ ସମାଧାନ ପାଇଁ ବିକଳ୍ପ ପନ୍ଥା ଚିନ୍ତା କରୁଛନ୍ତି ବିଭିନ୍ନ ଦେଶ । ଆମେରିକା ପରିବର୍ତ୍ତେ ଅନ୍ୟ ଦେଶ ସହ ବାଣିଜ୍ୟ କାରବାର ଉପରେ ବାର୍ତ୍ତାଳାପ ଚାଲିଛି । କିନ୍ତୁ ଏହି ଟାରିଫ ଯୁଦ୍ଧର ପ୍ରଭାବ କ'ଣ ପଡିବ ତାହା ଏବେ ଆକଳନ କରିବା କଷ୍ଟକର ବୋଲି କହିଛନ୍ତି ଅର୍ଥନୈତିଜ୍ଞ ।୨୦୩୦ ସୁଦ୍ଧା ଭାରତ-ଆମେରିକା ୫୦୦ ବିଲିୟନ ଡଲାର କାରବାର କରିବା ନେଇ ଲକ୍ଷ୍ୟ ରଖିଛନ୍ତି । ଟ୍ରମ୍ପଙ୍କ ନୂଆ ଟାରିଫ ଏହାକୁ ପ୍ରଭାବିତ କରିପାରେ । କିନ୍ତୁ ଆମେରିକାର ନୂଆ ଟାରିଫ ଦ୍ୱାରା ଚୀନ ଅଧିକ ପ୍ରଭାବିତ ହେବ। । ଯାହାର ଫାଇଦା ଭାରତକୁ ମିଳିପାରେ ।

## ସାର୍ବଜନୀନ ହେବ ସୁପ୍ରିମକୋର୍ଟ ବିଚାରପତିଙ୍କ ସମ୍ପତ୍ତି ତାଲିକା




ନୂଆଦିଲ୍ଲୀ, ୩/୪ (ନି.ପ୍ର): ଏଣିକି ସୁପ୍ରିମକୋର୍ଟ ବିଚାରପତିଙ୍କ ସମ୍ପତ୍ତି ତାଲିକା ସାର୍ବଜନୀନ ହେବ। ଏନେଇ ୩୦ ଜଣ ବିଚାରପତି ସମ୍ପତ୍ତି ସାର୍ବଜନୀନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ସୁପ୍ରିମକୋର୍ଟ ୱେବ୍‌ସାଇଟ୍‌ରେ ବିଚାରପତିଙ୍କ ସମ୍ପତ୍ତି ତାଲିକା ରହିବ। ପ୍ରଧାନ ବିଚାରପତିଙ୍କ ସମ୍ପତ୍ତି ମଧ କୋର୍ଟ ୱେବସାଇଟ୍‌ରେ ରହିବ। ଏନେଇ ଗତ ୧ରେ ଫୁଲ୍ କୋର୍ଟ ବୈଠକରେ ନିଷ୍ପତ୍ତି ହୋଇଥିବା ସୂଚନା। ପୂର୍ବରୁ ବିଚାରପତିଙ୍କ ସମ୍ପତ୍ତି ତାଲିକା ପ୍ରଧାନ ବିଚାରପତିଙ୍କୁ ଦିଆଯାଉଥିଲା। ଏବେ ସମସ୍ତଙ୍କର ସମ୍ପତ୍ତି କୋର୍ଟ ୱେବ୍‌ସାଇଟ୍‌ରେ ସ୍ଥାନ ପାଇବ। ସୂଚନା ଥାଉକି, ଜଷ୍ଟିସ ଯଶୱନ୍ତ ବର୍ମାଙ୍କ ଘରୁ ପୁଳାପୁଳା ଟଙ୍କା ମିଳିବା ପରେ ଏପରି ବଡ଼ ନିଷ୍ପତ୍ତି ନିଆଯାଇଛି। ଏହା ପରେ ମାମଲାର ତଦନ୍ତ ପାଇଁ ଉଔଓ ସଞ୍ଜୀବ ଖାନ୍ନା ମାର୍ଚ୍ଚ ୨୨ରେ ଜଷ୍ଟିସ୍ ଯଶୱନ୍ତ ବର୍ମାଙ୍କ ବିରୋଧରେ ୩ ଜଣିଆ ସଦସ୍ୟ ସହ ତଦନ୍ତ ଆରମ୍ଭ କରିଥିଲେ।

## ରାଜା ଚକ୍ର ଲିଙ୍କ୍ ମାମଲାରେ କେନ୍ଦୁଝର କୋଇଡ଼ା ମାଇନ୍ସ ଉପରେ ଚଢ଼ାଉ: କ୍ରାଇମ୍‌ବ୍ରାଞ୍ଚ, ଏସଟିଏଫ୍, ଇଓଡବ୍ଲୁର ମିଳିତ ରେଡ୍

ଭୁବନେଶ୍ୱର, ୩/୪ (ନି.ପ୍ର): ଗିରଫ ହେବା ପରେ ରାଜା ଚକ୍ରଙ୍କୁ ସମସ୍ୟା ଛାଡୁନି। କେନ୍ଦୁଝର କୋଇଡ଼ା ମାଇନ୍ସ ଉପରେ ଚଢ଼ାଉ କରାଯାଉଛି । କ୍ରାଇମ୍‌ବ୍ରାଞ୍ଚ, ଏସଟିଏଫ୍, ଇଓଡବ୍ଲୁର ମିଳିତ ଚଢ଼ାଉ କରାଯାଇଛି । ଚଢ଼ାଉ ପରେ ୩ଟି ଦାମୀ ଗାଡ଼ି ଜବତ କରାଯାଇଛି । ଏଥିସହ ବ୍ୟାପକ ହେରଫେର ନେଇ ଡକ୍ୟୁମେଣ୍ଟ ମଧ ଜବତ କରାଯାଇଛି । ସେପଟେ ଜାମିନ୍ ଆବେଦନ ଉପରେ ଶୁଣାଣି ନେଇ ଆଜି ରାଜା ଚକ୍ରଙ୍କୁ ବାଲେଶ୍ୱର ଓପିଆଇଡି କୋର୍ଟରେ ହାଜର କରାଯାଇଛି । ଆସନ୍ତା ୫ତାରିଖରେ ଜାମିନ ଆବେଦନର ପରବର୍ତ୍ତୀ ଶୁଣାଣୀ ହେବ। ଗନ୍ଧମାର୍ଦ୍ଦନ ଲୋଡିଙ୍ଗ ଏଜେନ୍ସିରେ ଟଙ୍କା ହେରଫେର ଘଟଣାରେ ଗିରଫ ରାଜା ଚକ୍ରଙ୍କୁ ନେଇ ପୂର୍ବରୁ ଜେରା କରିଥିଲା କ୍ରାଇମବ୍ରାଞ୍ଚ ଓ ଇଓଡବ୍ଲୁ।

# ରାତି ପାହିଲା, ବିଲ୍ ପାରିତ ହେଲା

## ସାଢେ ୧୨ ଘଣ୍ଟାର ଚର୍ଚ୍ଚା ପରେ ବାଜିଲା ମୋହର



ଭୁବନେଶ୍ୱର, ୩/୪ (ନି.ପ୍ର): ବାଦ ବିବାଦ, ତର୍କ ବିତର୍କରେ ଝୁଲି ରହିଥିଲା ଓଡ଼ିଶା ବିଶ୍ୱବିଦ୍ୟାଳୟ ସଂଶୋଧନ ବିଲ୍ । ଗତ ବିଧାନସଭାରେ ବିଲକୁ ଗୃହରେ ଉପସ୍ଥାପନ କରିଥିଲେ ହେଲେ ଏହାକୁ ପାରିତ କରିବାକୁ ସାହସ ଜୁଟାଇ ପାରିନଥିଲେ ନୂଆ ସରକାର । ଗୃହରେ ବିଲକୁ ଆଗତ କରିଥିଲେ ଉଚ୍ଚଶିକ୍ଷା ମନ୍ତ୍ରୀ । ସରକାର କାହିଁକି ଏ ବିଲ୍ ପାରିତ କରିବାକୁ ଚାହୁଁଛନ୍ତି ? ବିଲରେ ଅଛି କଣ ? କାହିଁକି ବିଶ୍ୱବିଦ୍ୟାଳୟ ପାଇଁ ଏହା ଗୁରୁତ୍ୱପୂର୍ଣ୍ଣ ? ଏ ସମ୍ପର୍କରେ ଗୃହକୁ ଅବଗତ କରାଇଥିଲେ । ବାସ୍ ଏହିଠାରୁ ଶାସକ-ବିରୋଧୀଙ୍କ ମଧ୍ୟରେ ଆରମ୍ଭ ହୋଇଥିଲା ବାକ୍‌ଯୁଦ୍ଧ । ଏହାପରେ ବିଲର ବିଭିନ୍ନ କ୍ଲଜକୁ ନେଇ ଆରମ୍ଭ ହେଲା ପଏଣ୍ଟ ଟୁ ପଏଣ୍ଟ ଆଲୋଚନା । ବିଧାନସଭାରେ ବିଶ୍ୱବିଦ୍ୟାଳୟ ବିଲ୍ ପାରିତ ହୋଇଛି । ଏବେ ନଜର ପକାନ୍ତୁ ସଂଶୋଧିତ ବିଲରେ କଣ ପରିବର୍ତ୍ତନ ଆଣିଛନ୍ତି ନୂଆ ସରକାର । ଓଡ଼ିଶା ବିଶ୍ୱବିଦ୍ୟାଳୟ ସଂଶୋଧନ ବିଲ୍: କଣ ନୂଆ ?: ବିଶ୍ୱବିଦ୍ୟାଳୟକୁ ସିନେଟ ବ୍ୟବସ୍ଥା ଫେରିବା ସହ କୁଳପତିଙ୍କର ବଢାଯାଇଛି କ୍ଷମତା। - ବିଶ୍ୱବିଦ୍ୟାଳୟରେ ପ୍ରଫେସର ଓ ସହକାରୀ ପ୍ରଫେସର ନିଯୁକ୍ତ କରିବେ କୁଳପତି, ପୂର୍ବରୁ ଓପିଏସସି ଦ୍ୱାରା ହେଉଥିଲା ନିଯୁକ୍ତି। କୁଳପତି ଅବସରର ୬ ମାସ ପୂର୍ବରୁ ନୂଆ କୁଳପତି ▶▶ପୃଷ୍ଠା ୭

# ବନ୍ଦ ଡାକରା ଦେଲା ମାଓ ସଂଗଠନ



ମାଲକାନଗିରି, ୩/୪ (ନି.ପ୍ର): ମାର୍ଚ୍ଚ ୨୯ରେ ଛତିଶଗଡ଼ର ସୁକମା ଜିଲ୍ଲାର କେରଲାପାଲ ଅଞ୍ଚଳର ଉପାମ, ନେଡୁମ ଏବଂ ନୀଲମ ଗ୍ରାମ ମଧ୍ୟରେ ଘଟିଥିବା ଏନକାଉଣ୍ଟରରେ ୧୭ ଜଣ ସାଥୀଙ୍କୁ ଦରଭା ଡିଭିଜନାଲ କମିଟି ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି। ଏହି ସମସ୍ତ ସାଥୀଙ୍କ ବଳିଦାନ ବୃଥା ଯିବାକୁ ଦେବୁ ନାହିଁ। ସେମାନଙ୍କର ଅସମ୍ପୂର୍ଣ୍ଣ ଇଚ୍ଛା ପୂରଣ କରି ଆନ୍ଦୋଳନକୁ ତୀବ୍ରତର କରିବୁ ବୋଲି ଆଜି ପ୍ରେସ ବିଜ୍ଞପ୍ତିରେ ଦରଭା ଡିଭିଜନର ପ୍ରବକ୍ତା ସାଇନାଥ ପ୍ରକାଶ କରିଛି। ପୁଣି ଛତିଶଗଡରେ ଫାସିଷ୍ଟ ବିଷ୍ଣୁ ଦେବ ସାଏଙ୍କ ସରକାର ଛତିଶଗଡରେ ଆଦିବାସୀ ତଥା ବିପ୍ଳବୀଙ୍କୁ ଘୃଣ୍ୟ ଉପାୟରେ ହତ୍ୟା କରୁଛନ୍ତି। କାରଣ ଫାସିଷ୍ଟ ବିଜେପି କେନ୍ଦ୍ର ସରକାରଙ୍କ ଦ୍ୱାରା ସୃଷ୍ଟି ହୋଇଥିବା 'କଗାର ଯୁଦ୍ଧ' ଯୋଗୁଁ ଜାନୁଆରି ୨୦୨୪ ପରଠାରୁ ଶହଶହ ବିପ୍ଳବୀଙ୍କର ମୃତ୍ୟୁ ଘଟିଥିବା କୁହାଯାଇଛି। କମ୍ରେଡ ଜଗଦୀଶ, କମ୍ରେଡ ରୋଶନ,କମ୍ରେଡ ସାରବମ ଯୋଗୀ ଭଳି ବହୁ ନେତା ଓ କର୍ମୀ ଦରଭା ଡିଭିଜନରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସେମାନେ ଭୂମୀ ଆନ୍ଦୋଳନ, କେନ୍ଦୁପତ୍ର ଆନ୍ଦୋଳନ, ବିସ୍ଥାପନ ବିରୋଧୀ ଆନ୍ଦୋଳନ, ଅର୍ଥନୈତିକ ସମସ୍ୟାର ମୁକାବିଲା ତଥା ଅନେକ ସମସ୍ୟାର ସମାଧାନ ପାଇଁ ଲଢେଇ କରିଆସୁଥିଲେ। ଏମାନେ ଦରଭା ଅଂଚଳରେ ଲୋକଙ୍କ ପାଖେ ସ୍ମରଣୀୟ ରହିବେ ବୋଲି କୁହାଯାଇଛି। ଏମାନେ ଦୀର୍ଘ ବର୍ଷ ଧରି ସଂଗଠନ ସହ ଜଡିତ ହୋଇ କାମ କରି ଆଜି ସହିଦ ହୋଇଥିବା କୁହାଯାଇଛି। ଦରଭା ଅଂଚଳରେ ମହିଳା ସଂଗଠନକୁ ଆଗକୁ ନୋବାରେ ସଲବମ ଯୋଗୀଙ୍କ ପ୍ରମୁଖ ▶▶ପୃଷ୍ଠା ୭

## ଦିଲ୍ଲୀ-ଏନସିଆରରେ ବାଣ ଫୁଟାଇବା ଉପରେ କଟକଣା ରହିବ ଜାରୀ

ନୂଆଦିଲ୍ଲୀ, ୦୩/୪ : ଦିଲ୍ଲୀ-ଏନସିଆରରେ ବାଣ ଫୁଟାଇବା ଉପରେ କଟକଣା ଜାରି ରହିବ। ଦିଲ୍ଲୀ-ଏନସିଆରରେ ଫୋଟକା ଉପରେ ସମ୍ପୂର୍ଣ୍ଣ ନିଷେଧକୁ ସୁପ୍ରିମକୋର୍ଟ ଯଥାର୍ଥ କରିଛନ୍ତି। ସୁପ୍ରିମକୋର୍ଟ ଏନସିଆରର ରାଜ୍ୟଗୁଡ଼ିକୁ ନିର୍ଦ୍ଦେଶ ଦେଇଥିଲେ ଯେ ରାଜ୍ୟ ସରକାରମାନେ ବାଣ ଫୁଟାଇବା ଉପରେ ନିଷେଧ ଲାଗୁ କରିବା ପାଇଁ ପ୍ରଭାବଶାଳୀ ପଦକ୍ଷେପ ନେବା ଉଚିତ। ସୁପ୍ରିମକୋର୍ଟ କହିଛନ୍ତି ଯେ ଯେପର୍ଯ୍ୟନ୍ତ ଏହା ପ୍ରମାଣିତ ନହୋଇଛି ଯେ ସବୁଜ କ୍ରାକର ନଗଣ୍ୟ ପ୍ରଦୂଷଣ ସୃଷ୍ଟି କରନ୍ତି, ସେପର୍ଯ୍ୟନ୍ତ ପୁରୁଣା ନିଷେଧ ଆଦେଶକୁ ପରିବର୍ତ୍ତନ କରିବାର କୌଣସି ଯଥାର୍ଥତା ନାହିଁ।

# ସଂସଦରେ ମୁହାଁମୁହିଁ ରାହୁଲ ଗାନ୍ଧୀ ଓ ଅନୁରାଗ ଠାକୁର



ନୂଆଦିଲ୍ଲୀ, ୦୩/୪ : ଆଜି ସଂସଦରେ ମୁହାଁମୁହିଁ ହୋଇଛନ୍ତି ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଓ ବିଜେପି ସାଂସଦ ଅନୁରାଗ ଠାକୁର । ଆମେରିକାର ଟାରିଫ ଏବଂ ଚୀନ ସହ ସୀମା ବିବାଦକୁ ନେଇ ସରକାରଙ୍କୁ ରାହୁଲଙ୍କ କଡା ସମାଲୋଚନା ପରେ ଜବାବ ରଖିଛନ୍ତି ବିଜେପି ସାଂସଦ । ରାହୁଲ କହିଛନ୍ତି, ଚୀନ ଆମ ଦେଶର ସୀମା ଭିତରେ ୪୦୦୦ କିଲୋମିଟର ସ୍ଥାନ ଉପରେ ବସିଛି । ବିଜେପି ସରକାର ଚୀନକୁ ୪୦୦୦ ସ୍କୋୟାର କିଲୋମିଟର ଜମି ଦେଇଦେଇଥିଲା କିନ୍ତୁ ୪୦୦୦ କିଲୋମିଟର ଜମି ନେଇଯାଇଛି ଚୀନ । ୨୦ ଯବାନ ସହିଦ ହୋଇଛନ୍ତି । କିନ୍ତୁ ଆମେ ସେମାନଙ୍କ ସହ କେକ କାଟୁଛୁ ବୋଲି କହିଛନ୍ତି ରାହୁଲ । ଏନେଇ ସେ ଚୀନ ରାଷ୍ଟ୍ରଦୂତଠୁ ଖବର ପାଇଥିବା ଦାବି କରିଛନ୍ତି । ଯାହାର ଜବାବ ରଖି ଅନୁରାଗ ଠାକୁର କହିଛନ୍ତି, ଯେଉଁମାନେ ଭାରତ-ଚୀନ ଉପରେ କଥା କହୁଛନ୍ତି ସେମାନେ ଚୀନ ସହ ସୁପ ପିଉଛନ୍ତି । କେଉଁ ସମୟରେ ଚୀନ ଉକ୍ତ ଅଞ୍ଚଳ ଉପରେ ଅଧିକାର ବିସ୍ତାର କରିଥିଲା ବୋଲି ପ୍ରଶ୍ନ କରିଛନ୍ତି । କାହିଁକି ରାଜୀବ ଗାନ୍ଧୀ ଫାଉଣ୍ଡେସନ ଚୀନଠୁ ଅନୁଦାନ ଆଣିଛି ବୋଲି ପ୍ରଶ୍ନ କରିଛନ୍ତି ବିଜେପି ନେତା ।

# ମମତାଙ୍କୁ ସୁପ୍ରିମକୋର୍ଟଙ୍କ ବଡ଼ ଝଟକା: ୨୫ ହଜାର ଶିକ୍ଷକ, କର୍ମଚାରୀ ନିଯୁକ୍ତି ବାତିଲ



ନୂଆଦିଲ୍ଲୀ, ୦୩/୪ : ପଶ୍ଚିମବଙ୍ଗର ଟିଏମସି ସରକାରକୁ ବଡ଼ ଝଟକା ଦେଇଛନ୍ତି ସୁପ୍ରିମକୋର୍ଟ। ବିବାଦୀୟ ଶିକ୍ଷକ ନିଯୁକ୍ତି ମାମଲାର ଶୁଣାଣି କରି ୨୫ ହଜାର ଶିକ୍ଷକ ଏବଂ ଅଣଶିକ୍ଷକ କର୍ମଚାରୀଙ୍କ ନିଯୁକ୍ତି ବାତିଲ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ପୂର୍ବରୁ ନିଯୁକ୍ତିକୁ ରଦ୍ଦ କରିବା ନେଇ ହାଇକୋର୍ଟଙ୍କ ନିଷ୍ପତ୍ତିକୁ ସୁପ୍ରିମକୋର୍ଟ ସମର୍ଥନ କରିଛନ୍ତି । ସର୍ବୋଚ୍ଚ ନ୍ୟାୟାଳୟ କଲିକତା ହାଇକୋର୍ଟଙ୍କ ନିଷ୍ପତ୍ତିରେ ହସ୍ତକ୍ଷେପ କରିବାକୁ ମନା କରି ଦେଇଛନ୍ତି । ଚୟନ ପ୍ରକ୍ରିୟାକୁ ଦୁର୍ନୀତିଗ୍ରସ୍ତ ଏବଂ କଳଙ୍କିତ ବୋଲି କହିଛନ୍ତି ପ୍ରଧାନ ବିଚାରପତିଙ୍କୁ ନେଇ ଗଠିତ ଖଣ୍ଡପୀଠ । କିନ୍ତୁ ସର୍ବୋଚ୍ଚ ଅଦାଲତଙ୍କ ରାୟ ଗ୍ରହଣୀୟ ନୁହେଁ ବୋଲି କହିଛନ୍ତି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ । ମମତା କହିଛନ୍ତି, ବ୍ୟକ୍ତିଗତ ଭାବେ ସେ ଏହି ରାୟ ଗ୍ରହଣୀୟ ନୁହେଁ । କିନ୍ତୁ ସରକାର ନୂଆ ନିଯୁକ୍ତି ପାଇଁ ପୁନଃ ପରୀକ୍ଷା କରିବେ । ମାମଲାର ଶୁଣାଣି କରି ମୁଖ୍ୟ ବିଚାରପତି ସଞ୍ଜିବ ଖାନ୍ନା ଏବଂ ବିଚାରପତି ପିଭି ସଞ୍ଜୟ କୁମାରଙ୍କ ଗଠିତ ଖଣ୍ଡପୀଠ କହିଛନ୍ତି, ନିଯୁକ୍ତି ବାତିଲ ହୋଇଥିବା କର୍ମଚାରୀଙ୍କ ଦରମା ଏବଂ ଅନ୍ୟାନ୍ୟ ଭତ୍ତା ଫେରସ୍ତ କରିବା ଆବଶ୍ୟକ ନାହିଁ । ଚୟନ ପ୍ରକ୍ରିୟାକୁ ପୁଣିଥରେ ଆରମ୍ଭ କରିବା ସହ ତିନି ମାସ ମଧ୍ୟରେ ଏହାକୁ ସମ୍ପୂର୍ଣ୍ଣ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ତେବେ ମାନବିକତା ଦୃଷ୍ଟିରୁ କେବଳ ଭିନ୍ନକ୍ଷମ କର୍ମଚାରୀଙ୍କୁ କାର୍ଯ୍ୟରେ ରଖାଯିବାକୁ କୁହାଯାଇଛି । ଏହି ଦୁର୍ନୀତିର ସିବିଆଇ ତଦନ୍ତ ଏବଂ ନିଯୁକ୍ତି ରଦ୍ଦ ନେଇ ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ଚ୍ୟାଲେଞ୍ଜ କରି ପଶ୍ଚିମବଙ୍ଗ ସରକାର ସୁପ୍ରିମକୋର୍ଟ ଯାଇଥିଲେ । କିନ୍ତୁ ତାଙ୍କୁ ନିରାଶ ହେବାକୁ ପଡିଛି । ଦୁର୍ନୀତି ଯୋଗୁ ୨୫ ହଜାର ନିଯୁକ୍ତି ବାତିଲ ମମତା ସରକାରଙ୍କ ସ୍ୱଚ୍ଛ ଭାବମୂର୍ତ୍ତି ଉପରେ ପ୍ରଭାବ ପକାଇବ ବୋଲି କୁହାଯାଉଛି ।

## ପାଣିପାଗ ବିଭାଗର ଚେତାବନୀ: ୭ ଜିଲ୍ଲାରେ ହୋଇପାରେ କାଳବୈଶାଖୀ

ଭୁବନେଶ୍ୱର, ୩/୪ (ନି.ପ୍ର): ଆଗାମୀ କିଛି ଘଣ୍ଟା ମଧ୍ୟରେ ରାଜ୍ୟର ୭ଟି ଜିଲ୍ଲାରେ କାଳବୈଶାଖୀ ହେବାର ସମ୍ଭାବନା ରହିଛି। ଏନେଇ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ପାଣିପାଗ ବିଭାଗର ସୂଚନା ଅନୁସାରେ କେନ୍ଦୁଝର, ଝାରସୁଗୁଡ଼ା, ଦେବଗଡ଼, ବରଗଡ଼, ସୁନ୍ଦରଗଡ଼, ନୂଆପଡ଼ା ଓ ସୁନ୍ଦରଗଡ଼ ଜିଲ୍ଲାରେ କାଳବୈଶାଖୀ ହୋଇପାରେ। ଏହି ସମୟରେ ପବନର ବେଗ ବଢ଼ିପାରେ। ସେହିପରି ଘଡ଼ଘଡ଼ି ସହିତ ମଧ୍ୟମଧରଣର ବର୍ଷା ମଧ୍ୟ ହୋଇପାରେ। ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି ଯେ, ଆସନ୍ତା ୬ ତାରିଖ ଯାଏଁ କାଳବୈଶାଖୀ ହୋଇପାରେ।

## ହନୁମାନ ଜୟନ୍ତୀ ପ୍ରସ୍ତୁତି

ସମ୍ବଲପୁର,୦୩/୪ (ନି.ପ୍ର): ୩୯ ତମ ହନୁମାନ ଜୟନ୍ତୀ ଶୋଭାଯାତ୍ରା କୁ ଏକ ଐତିହାସିକ ଓ ଭବ୍ୟ ଉତ୍ସବ ରେ ପରିଣତ କରିବା ଓ ଏକ ଉତ୍ସବର ରୂପ ଦେବା ପାଇଁ ଆମେ କାମ କରୁଛୁ ବୋଲି ଆୟୋଜିତ ପ୍ରସ୍ତୁତି ବୈଠକରେ ଆୟୋଜକ ମାନେ ମତପ୍ରକାଶ କରିଛନ୍ତି ।ହନୁମାନ ଜୟନ୍ତୀ ର ଇତିହାସ - ୧୯୮୭ ମସିହା ୨ଏପ୍ରିଲ ଥିଲା ହନୁମାନ ଜନ୍ମୋତ୍ସବ। ଏକ ଛୋଟ ଶୋଭାଯାତ୍ରା ଭଜନାଶ୍ରମ ରୁ ବାହାରି ଶକ୍ତି ସଂଘ୍ ମସଜିଦ ସାମ୍ନା ଦେଇ ଯାଉଥିବା ବେଳେ ମସଜିଦ ସାମ୍ନାରେ ବାଜା କାହିଁକି ବଜାଉଛ କହିକି କିଛି ବିଧର୍ମୀ ବାଦ୍ୟ ଯନ୍ତ୍ର ଫଟେଇ ଦେଇଥିଲେ,ଆମର ଆରାଧ ଦେବତା ବୀର ବଜରଙ୍ଗବଳି ଙ୍କ ମୂର୍ତ୍ତି ଭାଙ୍ଗିଥିଲେ ଓ ଭକ୍ତଙ୍କୁ ମାଡ଼ ମାରି ଥିଲେ। ଏ ଘଟଣା ଆମ ପାଇଁ ସାଧାରଣ ଘଟଣା ନଥିଲା। ସହିଷ୍ଣୁ ହିନ୍ଦୁ ସମାଜ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଥିଲେ ବିଧର୍ମୀ। ସେ ଚ୍ୟାଲେଞ୍ଜ କୁ ସଂପୂର୍ଣ୍ଣ ସମାଜ ଗ୍ରହଣ କରିଥିଲା। ଗାଁ,ସହର ସବୁଠି ବୈଠକ,ସଭା କରାଗଲା ଜାଗରଣ ପାଇଁ,ପ୍ରତିବାଦ,ପ୍ରତିରୋଧ ପାଇଁ।ସମ୍ବଲପୁରର ସମସ୍ତ ହନୁମାନ ମନ୍ଦିର,ଆଖଡ଼ା କମିଟି କୁ ଯୋଡିବା ପାଇଁ ପ୍ରଥମ ଥର ପାଇଁ ' ହନୁମାନ ଜୟନ୍ତୀ ସମନ୍ୱୟ ସମିତି ' ଗଠନ ହୋଇଥିଲା ୫ଏପ୍ରିଲ ୨୦୨୫। ୧୪ଏପ୍ରିଲ ,୧୯୮୭ ଥିଲା ପଣା ସଂକ୍ରାନ୍ତି,ବିଷୁବ ସଂକ୍ରାନ୍ତି, ଓଡ଼ିଆ ନୂଆଁ ବର୍ଷ। ସେଦିନ ସମ୍ବଲପୁରର ଛୋଟ ଛୁଆ,ମହିଳା ଠୁ ନେଇ ପରିବାର ର ସବୁଠୁ ବୟୋଜ୍ୟେଷ୍ଠ ବ୍ୟକ୍ତି ମଧ୍ୟ ସାମିଲ ହୋଇଥିଲେ ସେହି ଐତିହାସିକ ଶୋଭାଯାତ୍ରାରେ। ସବୁ ପ୍ରକାର ଚ୍ୟାଲେଞ୍ଜ କୁ ସ୍ୱୀକାର କରିବା ପାଇଁ ସାରା ସମ୍ବଲପୁର ଏକଜୁଟ ହୋଇଥିଲେ। ସେହି ପରମ୍ପରା ଆଜି ମଧ୍ୟ ବଜାୟ ରହିଛି। ବହୁ ଘାତ , ପ୍ରତିଘାତ ଭିତର ଦେଇ ଯିବାକୁ ପଡ଼ିଛି ସତ କିନ୍ତୁ ଉତ୍ସାହ ବଢି ବଢି ଚାଲିଛି।୨୦୨୩ ରେ ଏହି ଯାତ୍ରା କୁ ବଦନାମ କରିବା ଓ ସମାଜ କୁ ଡରାଇବା ପାଇଁ ତତ୍କାଳିନ ସରକାର ପ୍ରାୟୋଜିତ ଦଙ୍ଗା ସମ୍ବଲପୁର ରେ ହୋଇଛି। ଚଳିତ ବର୍ଷ ଏହି ଯାତ୍ରା ପ୍ରତି ପରିବାର ର ହେଉ, ସବୁ ଭାଷା,ସଂସ୍କୃତି ,ବର୍ଗ, ଜାତି, ରାଜନୀତିର ଉର୍ଦ୍ଧରେ ହେଉ ତାହାହିଁ ଆମର ଲକ୍ଷ୍ୟ।ଏକ ଭବ୍ୟ, ଐତିହାସିକ ଶୋଭା ଯାତ୍ରା, ଏକଲକ୍ଷ ଭକ୍ତଙ୍କ ସମାବେଶ ହେଉ ଓ ପ୍ରତି ପରିବାରର ସମସ୍ତେ ଏଥିରେ ସାମିଲ ହୁଅନ୍ତୁ ତାହାହିଁ ଆମ ସମସ୍ତ ଙ୍କ ପ୍ରୟାସ ଚାଲିଛି। ଏକ ଭୟ ମୁକ୍ତ, ଲଭ ଜେହାଦ ମୁକ୍ତ,ଗୋହତ୍ୟା,ଗୋ ଚାଲାଣ ମୁକ୍ତ,ବାଂଲାଦେଶୀ, ରୋଗୀଙ୍ଗିଆ ଅନୁପ୍ରବେଶକାରୀ ମୁକ୍ତ, ଅସ୍ତ୍ର ମୁକ୍ତ,ନିଶା ମୁକ୍ତ ସମ୍ବଲପୁର ପାଇଁ ଆସନ୍ତୁ ଆମେ ସମୟ ଦେବା,ଶକ୍ତି ଦେବା, ଲୋକଙ୍କୁ ଯୋଡିବା,ତାଙ୍କୁ ସୁରକ୍ଷା ଦେବା।

## ତୀର୍ଥଯାତ୍ରା ସମୟରେ ପୂର୍ବତନ ଶିକ୍ଷକଙ୍କ ପରଲୋକ

ସମ୍ବଲପୁର,୦୩/୪ (ନି.ପ୍ର): ସମ୍ବଲପୁର ଜିଲ୍ଲା ଯୁଯୋମୁରା ବ୍ଲକ ଅର୍ନ୍ତଗତ କବରାପାଲି ଗ୍ରାମର ପୂର୍ବତନ ଶିକ୍ଷକ ରାମପ୍ରସାଦ ସାହୁଙ୍କର ତୀର୍ଥଯାତ୍ରା ସମୟରେ ବାରାଣସୀ ଠାରେ ଗତ ସୋମବାର ପରଲୋକ ହୋଇଯାଇଛି । ମଙ୍ଗଳବାର ମଧ୍ୟରାତ୍ରରେ କବରାପାଲି ସ୍ଥିତ ବାସଭବନରେ ତାଙ୍କର ଶବ ପହଂଚିବା ପରେ ବୁଧବାର ଭୋର ସକାଳୁ ସ୍ଥାନୀୟ ସ୍ମଶାନ ରେ ଶବଦାହ କରାଯାଇଛି। ସେ ନିଜ ସ୍ତ୍ରୀ ସରୋଜିନୀ ସାହୁ ଏବଂ ସମ୍ପର୍କୀୟ ମାନଙ୍କ ସହ ତୀର୍ଥଯାତ୍ରାରେ ଯାଇଥିଲେ । ବାରାଣସୀରେ ବିଭିନ୍ନ ତୀର୍ଥକ୍ଷେତ୍ର ଭ୍ରମଣ ସମୟରେ ସେ ଅସୁସ୍ଥତା ଅନୁଭବ କରିଥିଲେ। ତାଙ୍କୁ ବାରାଣାସୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଥିଲା। ଖବରପାଇ ତାଙ୍କର ସାନପୁଅ ସୁକାନ୍ତ ସାହୁ ବାରାଣାସୀ ଯାଇ ଶବକୁ ନିଜ ଗାଁ କୁ ଆଣିଥିଲେ। ଶବ ପହଂଚିବା ପରେ ଗ୍ରାମବାସୀମାନଙ୍କ ଉପସ୍ଥିତିରେ ବଡ଼ପୁଅ ସୁଶାନ୍ତ ସାହୁ ମୁଖାଗ୍ନୀ ଦେଇଥିଲେ । ସ୍ୱର୍ଗତ ରାମପ୍ରସାଦ ପଦ୍ମପୁର ସ୍ଥିତ ଦେଉଲି ପ୍ରାଥମିକ ବିଦ୍ୟାଳୟ ରେ ଶିକ୍ଷକତା ଆରମ୍ଭ କରିଥିଲେ। ୨୦୦୫ ମସିହାରେ ସେ ଡଙ୍ଗାରପଡା ନୂଆମୁଡା ପ୍ରାଥମିକ ବିଦ୍ୟାଳୟରୁ ଅବସର ଗ୍ରହଣ କରିଥିଲେ। ସେ ଜଣେ ସୁ ଲେଖକ ଭାବେ ମଧ୍ୟ ପରିଚିତ ଥିଲେ। ପରଲୋକ ଅନ୍ତେ ତାଙ୍କର ଧର୍ମପତ୍ନୀ ସରୋଜିନୀ ସାହୁ, ଦୁଇପୁଅ ଦୁଇ ଝିଅ,ବହୁ ଏବଂ ନାତିନାତୁଣୀ ଙ୍କୁ ଛାଡିଯାଇଛନ୍ତି।

## ସିପିଆଇ(ଏମ୍)ର ୨୪ତମ ପାର୍ଟି କଂଗ୍ରେସ ଉପଲକ୍ଷେ ଭଦ୍ରକରେ ଲାଲ ପତାକା ଉତ୍ତୋଳନ

ଭଦ୍ରକ,୦୩/୪ (ନି.ପ୍ର): ସି ପି ଆଇ (ଏମ୍) ର ୨୪ତମ ପାର୍ଟି କଂଗ୍ରେସ ଏପ୍ରିଲ ୨ ତାରିଖ ରୁ ଏପ୍ରିଲ ୬ ତାରିଖ ପର୍ଯ୍ୟନ୍ତ ତାମିଲନାଡୁ ର ମାଦୁରାଇ ଠାରେ ଅନୁଷ୍ଠିତ ହେବା ଅବସର ରେ ସି ପି ଆଇ (ଏମ୍), ଭଦ୍ରକ ଜିଲ୍ଲା କମିଟି ତରଫରୁ ଲାଲ ପତାକା ଉତୋଳନ ବସ ଷ୍ଟାଣ୍ଡ ରେ ଉତୋଳନ କରିଥଲେ ସାଥୀ ରାଧା ଦାସ। ସେଠାରେ ଏକ ସଭା ପାର୍ଟି ଜିଲ୍ଲା ସମ୍ପାଦକ ଦିବ୍ୟ ସିଂହ ନାୟକ ଙ୍କ ସଭପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସେଥିରେ ଶତାଧିକ ପାର୍ଟି ସାଥୀ ସମର୍ଥକ ମାନେ ଯୋଗ ଦେଇଥିଲେ। ଏହି ସଭାରେ ବକ୍ତବ୍ୟ ରଖିଥିଲେ ସାଥୀ ଚନ୍ଦ୍ର ଶେଖର ନାୟକ, ପ୍ରଫୁଲ୍ଲ ପାଢ଼ୀ, ସୁରଜିତା ନାୟକ। ଏହି ସଭାରେ ଯୋଗ ଦେଇଥିଲେ ସାଥୀ କାଳନ୍ଦୀ ପାତ୍ର, ଅଭିନ୍ନ ଚନ୍ଦ୍ର ରାୟ, ନବ ବେହେରା, ସେକ୍ କମର, ସେକ୍ ଅଦ୍ଧଲ, ଗିରିଧାରୀ ନାଥ, ପ୍ରଭାତୀ ଜେନା, ପ୍ରଭାତୀ ନାୟକ, ବିନୋଦ ସାହୁ, ଡ. ପ୍ରହଲ୍ଲାଦ ପତି ସେମାନେ ପାର୍ଟି ପ୍ରତିଷ୍ଠା ଦିନରୁ ଆଜାଦି ଆନ୍ଦୋଳନ ରେ ଯୋଗ ଦେଇଥିଲେ ମୁଜାଫର୍ ହୋସେନ୍, ମହମ୍ମଦ ହସନ୍, ଭଗତ ସିଂହ, ଚନ୍ଦ୍ର ଶେଖର ଆଜାଦ, ସୁକ୍ ଦେବ, ଇ ଏମ୍ ସ ଏନ୍ଏମ୍ବୁଦ୍ରିପ ଦ,ବି ଟି ରାନେଦବ, ପି ସୁଡ଼ାରାଇ, ଜ୍ୟୋତି ବସୁ, ଏମ୍ ବସପୁଣେୟ, ପି ରାମ ମୂର୍ତି, ନୃପେନ୍ ଚକ୍ରବର୍ତୀ, ଭଗବତୀ ଚରଣ ପାଣିଗ୍ରାହୀ, ବନମାଳୀ ଦାସ, ଶିବାଜି ପଟ୍ଟନାୟକ, ବୈଷ୍ଣବ ପଟ୍ଟନାୟକ,, ବୈଦ୍ୟନାଥ ରଥ ଆଦି ଅଗଣିତ କମ୍ୟୁନିଷ୍ଟ ପାର୍ଟିର ନେତୃତ୍ୟ ମାନେ କାରାବରଣ କରିଥିଲେ ଓ ଫାଶୀ ପାଇଥିଲେ ଓ ଆତ୍ମଗୋପନ କରିଥିଲେ ବୋଲି ଆମ ଦେଶର ସ୍ୱାଧୀନତା ମିଳିଥିଲା। କମ୍ୟୁନିଷ୍ଟ ପାର୍ଟିର ସମ୍ବିଧାନ ଅନୁସାରେ ପ୍ରତି ତିନି ବର୍ଷରେ ବ୍ରାଂଚ ସ୍ଥରରୁ, ଆଂଚଳିକ, ଜିଲ୍ଲା ଓ ରାଜ୍ୟ ସ୍ତରରେ ସମ୍ମିଳନୀ ଅନୁଷ୍ଠିତ ହେବ, ତଦପରେ କେନ୍ଦ୍ର ସ୍ତରୀୟ ସମ୍ମିଳନୀ ଅର୍ଥ ପାର୍ଟି କଂଗ୍ରେସ ଅନୁଷ୍ଠିତ ହେଉଛି ମାଦୂରାଇ ଠାରେ। ସେହି ଅନୁସାରେ ଅଜି ଦେଶରେ ଡବଲ ଇଞ୍ଜିନ ସରକାର୍ ର ଦେଶ ବିରୋଧୀ, ଜନ ବିରୋଧି ନୀତି ନେଇ ଦରଦାମ୍ ବୃଦ୍ଧି କରୁଛି, ବେକରଙ୍କୁ କମଦେଇପରୁନି, ରାଷ୍ଟ୍ରାୟତ ଉଦ୍ୟୋଗ ଗୁଡ଼ିକରେ କର୍ପୋରେଟ ପୁଞ୍ଜି ବିନିଯୋଗ କରି ଆଦାନୀ ଓ ଅମ୍ବାନୀ ଙ୍କ ପୁଞ୍ଜି ବଢୁଛି, ଶ୍ରମିକ, କୃଷକ ଓ କୃଷିଶ୍ରମିକ ମାନଂକ ହାତରେ କାମ ନାହିଁ। ଦେଶ ର ମହାନ୍ ମଣିଷ ଜାତିର ଜନକ ମହତ୍ମା ଗାନ୍ଧୀ ହତ୍ୟା କରିଥିବା ବଂଶଧର ମାନେ ଶାସନ କାଳରେ ଆମ ଦେଶର ସ୍ୱାଧୀନତା, ସଂସଦ, ସମ୍ବିଧାନ ଆଜି ମହା ବିପଦରେ। ତବିରୋଧରେ ବାମ ଗଣ ତନ୍ତ୍ରୀ କ ଓ ଧର୍ମନିରେକ୍ଷଶକ୍ତି କୁ ଏକଜୁଟ କରାଇବାରନିଷ୍ପତି ନିଆଯିବ। ବିଶ୍ୱ ପରିସ୍ଥିତିକୁ ବିଚାର କରି ରାଜନୈତିକ ରଣ ନୀତି ସ୍ଥିର କରାଯିବ ଓ ନୂତନ ନେତୃତ୍ୱ ନିର୍ବାଚିତ କରାଯିବ ଡବଲ ଇଞ୍ଜିନ ସରକାର୍ ଆଣିଥିବା ନୂତନ ଚାରୋଟି ଶ୍ରମକୋଡ କୁ ପ୍ରତିବାଦ କରିବା ପାଇଁ ଆସନ୍ତା ମେ ମାସ୨୦ତାରିଖ ରେ ଦେଶବ୍ୟାପୀ ସାଧାରଣ ଧର୍ମଘଟ କୁ ସଫଳ କରିବକୁ ସମ୍ପାଦକ ଦିବ୍ୟସିଂହ ନାୟକ ଆହ୍ୱାନ ଜଣାଉଛି ନ୍ତି। ଶେଷ ରେ ସାଥୀ ରାଧା ଦାସ ସମସ୍ତ ଙ୍କୁ ଧନ୍ୟବାଦ୍ ଜାଣିବାପରେ ସଭା ଶେଷ ହୋଇଥଲା।

## ପଲିଟିକାଲ ଦଳ ଗୁଡିକ ସହ ନିର୍ବାଚନ ଆୟୋଗର ସମ୍ପର୍କ ଅଭିଯାନ

ସୁନ୍ଦରଗଡ଼,୦୩/୪ (ନି.ପ୍ର): ଭାରତୀୟ ନିର୍ବାଚନ କମିଶନ ସାରା ଦେଶରେ ନିର୍ବାଚନ ପଞ୍ଜିକରଣ ଅଧିକାରୀ, ଜିଲ୍ଲା ନିର୍ବାଚନ ଅଧିକାରୀ ଏବଂ ମୁଖ୍ୟ ନିର୍ବାଚନ ଅଧିକାରୀ ସ୍ତରରେ ରାଜନୈତିକ ଦଳଗୁଡ଼ିକ ସହିତ ସଂଚରିତ ସମ୍ପର୍କରେ ଏକ ଶୃଙ୍ଖଳା ପରିଚାଳନା କରିଥିଲେ। ୨୫ ଦିନ ମଧ୍ୟରେ ଏବଂ ୩୧ ମାର୍ଚ୍ଚ ୨୦୨୫ ସୁଦ୍ଧା , ମୋଟ ୭୧୯ ବୈଠକ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ୪୦ ଜନ ମୁଖ୍ୟ ନିର୍ବାଚନ ଅଧିକାରୀ, ୮୦୦ ଜନ ଜିଲ୍ଲା ନିର୍ବାଚନ ଅଧିକାରୀ ଏବଂ ୩୮୭୯ ନିର୍ବାଚନ ପଞ୍ଜିକରଣ ଅଧିକାରୀଙ୍କ ବୈଠକ ଅନୁଷ୍ଠିତ ହୋଇଥିଲା। ଯେଉଁଥିରେ ଦେଶ ବ୍ୟାପି ୨୮,୦୦୦ ରୁ ଅଧିକ ରାଜନୈତିକ ଦଳର ପ୍ରତିନିଧି ସାମିଲ ହୋଇଥିଲେ। ଏହି ବୈଠକ ଗୁଡ଼ିକ ନୂଆଦିଲ୍ଲୀଠାରେ ମାର୍ଚ୍ଚ ୪ ଓ ୫, ୨୦୨୫ ରେ ଅନୁଷ୍ଠିତ ମୁଖ୍ୟ ନିର୍ବାଚନ ଅଧିକାରୀ ସମ୍ମିଳନୀ ରେ ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ଜ୍ଞାନେଶ କୁମାରଙ୍କ ସହିତ ନିର୍ବାଚନ କମିଶନର ଡ଼ା ସୁଖବୀର, ସିଂହ ସାନ୍ଧୁ ଏବଂ ଡ଼ା ବିବେକ ଯୋଶୀଙ୍କ ଦ୍ୱାରା ଜାରି ନିର୍ଦ୍ଦେଶ ଅନୁଯାୟୀ ଅନୁଷ୍ଠିତ ହୋଇଥିଲା। ଜନପ୍ରତିନିଧିତ୍ୱ ଆଇନ ୧୯୫୦ ଏବଂ ୧୯୫୧, ଭୋଟର ପଞ୍ଜିକରଣ ନିୟମ ୧୯୬୦, ନିର୍ବାଚନ ଆଚରଣ ନିୟମ ୧୯୬୧ ଏବଂ ସମୟ ସମୟ ରେ ଭାରତୀୟ ନିର୍ବାଚନ କମିଶନ ଦ୍ୱାରା ଜାରି ହୋଇଥିବା ମାନୁଆଲ, ନିର୍ଦ୍ଦେଶାବଳୀ ଏବଂ ନିର୍ଦ୍ଦେଶାବଳୀ ର ବିଦ୍ୟମାନ ଆଇନଗତ ଢାଂଚା ମଧ୍ୟରେ ସକ୍ଷମ କର୍ତୃପକ୍ଷ ଯଥା ନିର୍ବାଚନ ପଞ୍ଜିକରଣ ଅଧିକାରୀ, ଜିଲ୍ଲା ନିର୍ବାଚନ ଅଧିକାରୀ କିମ୍ବା ମୁଖ୍ୟ ନିର୍ବାଚନ ଅଧିକାରୀ ଦ୍ୱାରା ଯେକୌଣସି ବିଚାରାଧୀନ ସମସ୍ୟା ର ସମାଧାନ କରିବା ପାଇଁ ଏହି ବୈଠକ ଗୁଡ଼ିକର ଲକ୍ଷ୍ୟ। ଅଧିକ ମୂଲ୍ୟାଙ୍କନ ପାଇଁ ସମସ୍ତ ରାଜ୍ୟ/ କେନ୍ଦ୍ର ଶାସିତ ଅଂଚଳ ଗୁଡ଼ିକର ମୁଖ୍ୟ ନିର୍ବାଚନ ଅଧିକାରୀ ମାନଙ୍କ ଠାରୁ ଏକ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ମଗା ଯାଇଅଛି ଏବଂ ଯଦି ବିଦ୍ୟମାନ ଆଇନଗତ ଢାଂଚା ମଧ୍ୟରେ ସମାଧାନ ନହୁଏ, ତେବେ କମିଶନ ଦ୍ୱାରା ବିଚାର କରାଯିବ। ବିଧାନସଭା ନିର୍ବାଚନ ମଣ୍ଡଳୀ, ଜିଲ୍ଲା ଏବଂ ରାଜ୍ୟ/ କେନ୍ଦ୍ର ଶାସିତ ଅଂଚଳ ଗୁଡିକରେ ସକ୍ରିୟ ଏବଂ ଉତ୍ସାହୀ ଅଂଶଗ୍ରହଣ ସହିତ ଏହି ଆଲୋଚନା ଗୁଡ଼ିକୁ ରାଜନୈତିକ ଦଳ ଗୁଡିକ ଦ୍ୱାରା ଭଲ ଭାବରେ ଗ୍ରହଣ କରାଯାଇଅଛି।

## ଗୁରୁକୁଳ ପବ୍ଲିକ ସ୍କୁଲ ଫାଟକ ଆଗରେ ଅବିଭାବକମାନଙ୍କ ଧାରଣା

ଧର୍ମଶାଳା,୨ଏପ୍ରିଲ (ହି.ସ.) - ଯାଜପୁର ଜିଲା ଧର୍ମଶାଳା ବ୍ଲକ ହରିଦାସପୁରସ୍ଥିତ ଗୁରୁକୁଳ ପବ୍ଲିକ ସ୍କୁଲରେ ଗୁଣାତ୍ମକ ଶିକ୍ଷା, ତାଲିମ ପ୍ରାପ୍ତ ଶିକ୍ଷକ ନିଯୁକ୍ତି ସହ ବର୍ଦ୍ଧିତ ସ୍କୁଲ ଫି ହ୍ରାସ ଦାବିରେ ଆଜି ଅଭିଭାବକମାନେ ସ୍କୁଲ ଫାଟକ ସମ୍ମୁଖରେ ପ୍ରତିବାଦ କରିଥିଲେ । ସକାଳ ୭ ଟା ଠାରୁ ମଧ୍ୟାହ୍ନ ୧୨ ଟା ପର୍ଯ୍ୟନ୍ତ ଅବିଭାବକମାନେ ପ୍ରତିବାଦ ସ୍ୱରୁପ ସ୍କୁଲ ଫାଟକ ସମ୍ମୁଖରେ ଧାରଣାରେ ବସିଥିଲେ ମଧ୍ୟ ସ୍କୁଲ କତୃପକ୍ଷ ଅବିଭାବକ ମାନଙ୍କ ନିକଟକୁ ଆଲୋଚନା କୁ ଆସିନଥିଲେ। ଧାରଣା ସମୟ ରେ ସ୍କୁଲ ପାଠ ପଢା ରେ ଅବିଭାବକ ମାନେ କୌଣସି ପ୍ରତିବନ୍ଧକ ସୃଷ୍ଟି କରି ନଥିଲେ। ଏହା ପରେ ସେମାନେ ଯାଜପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମେତ ଜିଲ୍ଲା ଶିକ୍ଷାଧିକାରୀ ଓ ବ୍ଲକ ଶିକ୍ଷାଧିକାରୀ ଙ୍କୁ ଭେଟି ଦାବି ପତ୍ର ପ୍ରଦାନ କରିଥିଲେ। ସ୍କୁଲ କର୍ତୃପକ୍ଷ ସେମାନଙ୍କ ଦାବି ସମ୍ପର୍କ ରେ ଆଲୋଚନା ନକରିବା ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ଅବିଭାବକ ମାନେ ଚେତାବନୀ ଦେଇଛନ୍ତି। ଏହି ସ୍କୁଲରେ ଦିନକୁ ଦିନ ଶିକ୍ଷା ବ୍ୟବସ୍ଥା ନିମ୍ନଗାମୀ ହେବାକୁ ଯାଉଛି। ଶିକ୍ଷାକୁ ବ୍ୟବସାୟୀକରଣରେ ପରିଣତ କରୁଛନ୍ତି। ଉତମ ଭିତଭୂମି ସତ୍ୱେ ତାଲିମ ପ୍ରାପ୍ତ ଶିକ୍ଷକ ଅଭାବରୁ ପିଲାମାନଙ୍କୁ ଗୁଣାତ୍ମକ ଶିକ୍ଷା ମିଳୁ ନାହିଁ। ବାର୍ଷିକ ଓ ମାସିକ ସ୍କୁଲ ଫି ହଜାର ହଜାର ଟଙ୍କା ଦେବ ସତ୍ୱେ ପିଲାମାନଙ୍କୁ ଗୁଣାତ୍ମକ ଶିକ୍ଷା ଦିଆଯାଉ ନାହିଁ। ସେମାନଙ୍କ ସୈକ୍ଷିକ ବିକାଶ ଘଟୁ ନାହିଁ। ସେହିପରି ବାର୍ଷିକ ସ୍କୁଲ ଫି ଓ ରି ଆଡ଼ମିଶନ ଫି ମଧ୍ୟ ୧୦ ରୁ ୧୫ ପ୍ରତିଶତ ବୃଦ୍ଧି କରାଯାଉଛି । ଯାହାକି ଜଣେ ସାଧାରଣ ଓ ମଧ୍ୟବିତ ପରିବାର ପାଇଁ ଦେବା ସମ୍ଭବ ନୁହେଁ। ଆଜିର ଏହି ପ୍ରତିବାଦରେ ସୁନିଲ କୁମାର ରାଉତରାୟ, ଦିବାକର ବେହେରା, ଅଜୟ କୁମାର ସାହୁ, ମାନସ ବିଶ୍ୱାଳ, ସୁକାନ୍ତ କୁମାର ସ୍ୱାଇଁ, ଦେବାଶିଷ କର, ଶୁଭାଶିଷ ଦାସ, ପ୍ରଶାନ୍ତ ରାଉତ, ଜୀବଦାନନ୍ଦ ପରିଡ଼ା, ମନୋରଞ୍ଜନ ସାହୁ ଓ ମାନସ ରଞ୍ଜନ ପାତ୍ରଙ୍କ ସମେତ ଶତାଧିକ ଅବିଭାବକ ସାମିଲ ହୋଇଥିଲେ।

## ଶ୍ରୀରାମ ନବମୀ ଓ ହନୁମାନ ଜୟନ୍ତୀ ମହୋତ୍ସବ ପ୍ରସ୍ତୁତି ବୈଠକ

ବଲାଙ୍ଗିର,୦୩/୪ (ନି.ପ୍ର): ସନ୍ଥ ଶ୍ରୀ ଚିନ୍ମୟ ଦାସଜୀ ମହାରାଜଙ୍କ ପ୍ରେରଣାରେ ବଲାଙ୍ଗିର ସୁଦପଡା ହନୁମାନ ମନ୍ଦିର ପ୍ରାଙ୍ଗଣରେ ଶ୍ରୀ ରାମନବମୀ ଓ ହନୁମାନ ଜୟନ୍ତୀ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଅଛି । ବରୁଣ କୁମାର ହେର୍ଣ୍ଣା ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପୂଜକ ଗୋକୁଳା ନନ୍ଦ ମିଶ୍ର ଓ ନବୀନ ଚନ୍ଦ୍ର ହୋତା, ସଂପାଦକ ସନ୍ତୋଷ ପଣ୍ଡା, କୋଷାଧକ୍ଷ ଶୁଭମ କେଶରୀ ପ୍ରଧାନ, ଉପସଭାପତି ବିଜୟ ମହାରଣା, ଉପଦେଷ୍ଟା ସର୍ବଶ୍ରୀ ମଧୁସୁଦନ ହୋତା, ପ୍ରଦିପ ପତି, ଅବନିକାନ୍ତ ପ୍ରଧାନ, ଆର୍ତ୍ତତ୍ରାଣ ବାଗ, କୃଷ୍ଣଚନ୍ଦ୍ର ମେହେର, ରାଜ କୁମାର ନାୟକ ପ୍ରମୁଖ ଉକ୍ତ ବୈଠକରେ ଉପସ୍ଥିତ ଥିଲେ ।

## ଫେରାର ୭ ଅଭିଯୁକ୍ତ ଗିରଫ

ଜୟପୁର,୦୩/୪ (ନି.ପ୍ର): ଅପରାଧିକ ମାମଲାରେ ଜଡିତ ଥାଇ ଫେରାର ୭ ଅଭିଯୁକ୍ତକୁ ଆଜି ଗିରଫ କରି କୋର୍ଟ ଚାଲାଣ କରିଛି ଜୟପୁର ସଦର ପୋଲିସ । ଗିରଫ ଅଭିଯୁକ୍ତ ମାନେ ହେଲେ ବାରିଣିପୁଟର ଭାରତ ଚନ୍ଦ୍ର ପ୍ରଧାନ (୪୫) , ବିଷୋଇପୁଟ କିଶୋର ଗଣ୍ଡ (୩୫) ,ଖଡପା ଗ୍ରାମର ଭକ୍ତ ଗଣ୍ଡ (୩୫), କୁନ୍ତର ଖାଲ ଗ୍ରାମର ଭଗବାନ ଗୌଡ (୬୦) , କେରାପୁଟ ଗ୍ରାମର ପର୍ଶୁ ହରିଜନ (୪୦) , ହାଟ କଙ୍ଗା ଗ୍ରାମର ରମେଶ ହରିଜନ (୩୦) , ବାୟାଗୁଡା ଗ୍ରାମର ଭୀମ ହରିଜନ (୩୭) । ସୁଚନା ଅନୁଯାଇ ବାରିଣିପୁଟର ଭାରତ ଚନ୍ଦ୍ର ପ୍ରଧାନ (୪୫) ନାମରେ ୨୦୧୦ ମସିହାରେ ଅପରାଧିକ ମାମଲା ରହିଥିଲା ସେହି ଦିନ ଠାରୁ ସେ ଫେରାର ଥିବା ବେଳେ ବିଷୋଇପୁଟ କିଶୋର ଗଣ୍ଡ (୩୫) ନାମରେ୨୦୨୦ ମସିହାରେ ମାମଲା ରହିଥିଲା । ଖଡପା ଗ୍ରାମର ଭକ୍ତ ଗଣ୍ଡ (୩୫)୨୦୧୮ ମସିହାରେ ମାମଲା ରହିଥିବା ବେଳେ , କୁନ୍ତର ଖାଲ ଗ୍ରାମର ଭଗବାନ ଗୌଡ (୬୦) ୨୦୦୪ ମସିହାରେ ମାମଲା ରହିଥିଲା , କେରାପୁଟ ଗ୍ରାମର ପର୍ଶୁ ହରିଜନ (୪୦) ୨୦୧୪ ମସିହାରେ ମାମଲା ରହିଥିବା ବେଳେ , ହାଟ କଙ୍ଗା ଗ୍ରାମର ରମେଶ ହରିଜନ (୩୦) ୨୦୨୩ ମସିହାରେ ମମଲା ରହିଥିଲା । ସେହିପରି ବାୟାଗୁଡା ଗ୍ରାମର ଭୀମ ହରିଜନ (୩୭) ୨୦୧୨ ମାମଲା ରହିଥିବା ବେଳେ ଆଡି ଚଢାଉ କରି ୭ ଅଭିଯୁକ୍ତ କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବିଷୟ ଜୟପୁର ସଦର ଥାନା ଅଧିକାରି ସଚିନ୍ଦ୍ର ପ୍ରଧାନ ସୁଚନା ଦେଇଛନ୍ତି ।

## ଧାନ କ୍ରୟରେ ନିଶ୍ଚନ୍ତପୁର ସେବା ସମବାୟ ସମିତିର ସଫଳତା: ସମ୍ପାଦିକା ଓ କ୍ରୟ କମିଟି ସଦସ୍ୟଙ୍କୁ ଚାଷୀଙ୍କ ସମ୍ବର୍ଦ୍ଧନା

ଭଦ୍ରକ,୦୩/୪ (ନି.ପ୍ର): ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ ସୟା ପଂଚାୟତ ଅଧୀନ ନିଶ୍ଚନ୍ତପୁର ସେବା ସମବାୟ ସମିତି ଚଳିତ ଖରିଫ୍ ଋତୁରେ ଶତପ୍ରଶତ ଧାନ କ୍ରୟ କରି ସଫଳତା ହାସଲ କରିଛି। ଯାହା ଫଳରେ ସମିତି ଅଧୀନରେ ଥିବା ଚାଷୀମାନେ ଅତ୍ୟନ୍ତ ଆନନ୍ଦିତ ହୋଇଛନ୍ତି। ସେମାନଙ୍କ ଧାନ ସରକାରୀ ମୂଲ୍ୟରେ ସମିତିର ସମ୍ପାଦିକା ଗୀତାଞ୍ଜଳି ଦାସଙ୍କ ତତ୍ତ୍ୱାବଧାନରେ କ୍ରୟ କରାଯାଇଛି। ସମିତିର ଚାଷୀ କମିଟି ଧାନ କ୍ରୟରେ ସମ୍ପାଦିକା ଶ୍ରୀମତୀ ଦାସଙ୍କୁ ସହଯୋଗ କରିଥିବାରୁ ଚାଷୀ ମହଲ କ୍ରୟ କମିଟିକୁ ଧନ୍ୟବାଦ ଜଣାଇଛନ୍ତି। ସ୍ଥାନୀୟ ଅଂଚଳର ଚାଷୀମାନେ ସମ୍ପାଦିକା ଶ୍ରୀମତୀ ଦାସ ଓ କ୍ରୟ କମିଟିର ସଦସ୍ୟମାନଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ଏହି ଅବସରରେ ସମିତି ପରିସରରେ ଏକ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା। କ୍ରୟ କମିଟିର ସଦସ୍ୟ ଶରତ କୁମାର ଲେଙ୍କାଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ କ୍ରୟକମିଟି ସଦସ୍ୟ ବିଜୟ ନାୟକ, ଜୀବନ ନାୟକ, ସୌମ୍ୟଗୋପାଳ ନାୟକ, ସୁବାସ ଚନ୍ଦ୍ର ମଳିକ, ପ୍ରେମାନନ୍ଦ ମଳିକ ପ୍ରମୁଖ ଯୋଗ ଦେଇ ସମିତି ଧାନ କ୍ରୟରେ ସଫଳତା ହାସଲ କରିଛି। ସମିତିରେ ମୋଟ ୬୪୫ ଚାଷୀ ପଞ୍ଜୀକୃତ ହୋଇଥିବା ବେଳେ ୬୪୨ଜଣ ଚାଷୀ ଧାନ ବିକ୍ରି କରିଛନ୍ତି। ସମିତିର ୬୪୨ ଚାଷୀଙ୍କ ଠାରୁ ୩୧୭୦୦ କୁଇ।ଲ ଧାନ କ୍ରୟ କରାଯାଇଥିବା ବେଳେ ୩୧୯୦୦ କୁଇଂଟାଲ ଧାନ କ୍ରୟ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ ଥିଲା ବୋଲି ଉପସ୍ଥିତ ଚାଷୀମାନଙ୍କୁ ସୂଚନା ଦେଇଥିଲେ। ଧାନ କ୍ରୟ କରିବା ଦିଗରେ ସମ୍ପାଦିକା ଶ୍ରୀମତୀ ଦାସଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିବା ବେଳେ କ୍ରୟ କମିଟି ମଧ୍ୟ ସମ୍ପୂର୍ଣ୍ଣ ସହଯୋଗ କରିଥିବା ନେଇ କମିଟି ସଦସ୍ୟମାନେ ମତବ୍ୟକ୍ତ କରିଥିଲେ। ଏଥିସହ ସମିତିରେ ଗୋଦାମ ଘର ନଥିବାରୁ ବହୁ ଅସୁବିଧାରେ ସମ୍ମୁଖୀନ ହୋଇ ଚାଷୀମାନଙ୍କ ଧାନକୁ ସୁରକ୍ଷିତ ରଖାଯାଇ ସେମାନଙ୍କୁ ଧାନର ମୂଲ୍ୟ ପ୍ରଦାନ କରାଯାଇଛି। ତୁରନ୍ତ ସମିତିରେ ଏକ ଗୋଦାମ ଘର ନିର୍ମାଣ କରାଯିବା ନେଇ ପ୍ରଶାସନ ଦୃଷ୍ଟି ଦେବାକୁ ସଦସ୍ୟମାନେ ଦାବି କରିଥିଲେ। ସୂଚନା ଯୋଗ୍ୟ ଯେ ସମିତିର ସୁପରିଚାଳନା ପାଇଁ ଏକ ୧୪ଜଣିଆ କମିଟି ଗଠନ କରାଯାଇଛି। ବିଶେଷ କରି ଜଣେ ମହିଳା ସମ୍ପାଦିକା ସମସ୍ତ କାର୍ଯ୍ୟକୁ ସୁଚାରୁ ରୂପେ ସମ୍ପାଦନ କରିଥିବାରୁ ଚାଷୀମାନେ ତାଙ୍କୁ ଭୂୟସୀ ପ୍ରଶଂସା କରିଛନ୍ତି। ଏହି ସମ୍ବର୍ଦ୍ଧନା ଉତ୍ସବରେ ସରପଂଚ ପ୍ରତିନିଧି ରବିନ୍ଦ୍ର ଶତପଥି, ସମିତିସଭ୍ୟ ପ୍ରତିନିଧି ସୁକାନ୍ତ ବିଶ୍ୱାଳ, ଚାଷୀ ସୁରେନ୍ଦ୍ର ନାୟକ, ରାଜକିଶୋର ନାୟକ, ଅଭୟ ପତି, ଶିବ ଚରଣ ନାୟକ, ଧୀରେନ୍ଦ୍ର ସେଠୀ, ଦାମୋଦର ମଲ୍ଲିକ, ବଳରାମ କବି, ବିଜୟ ପଣ୍ଡା, ରମେଶ ଲେଙ୍କା, ଅଶୋକ ବିଶ୍ୱାଳ, ହୃଷିକେଶ ନାୟକ, ସୁକାନ୍ତ ମହାନ୍ତି, ଜଗବନ୍ଧୁ ମଳିକ, ବିଶ୍ୱନାଥ ପୃଷ୍ଟି, ଶ୍ରୀନାଥ ମଳିକ, ପୂର୍ଣ୍ଣଚନ୍ଦ୍ର ମଳିକ, ଜଗବନ୍ଧୁ ମଳିକ, ନବକିଶୋର ସାହୁ, ବଳରାମ ମଳିକ, ସୁକାନ୍ତ ମହାନ୍ତି ପ୍ରମୁଖଙ୍କ ସହିତ ବହୁ ଚାଷୀ ଉପସ୍ଥିତ ଥିଲେ।

## ନେହେରୁ ଯୁବ କେନ୍ଦ୍ର ଦ୍ୱାରା ପାରମ୍ପରିକ ପୋଷାକ ଦିବସ ପାଳିତ



ବାଲେଶ୍ୱର,୦୩/୪ (ନି.ପ୍ର): ମାନ୍ୟବର ମୁଖ୍ୟ ମନ୍ତ୍ରୀ ଶ୍ରୀଯୁକ୍ତ ମୋହନ ଚରଣ ମାଝୀ ଙ୍କ ଆହ୍ୱାନ କ୍ରମେ ଓଡ଼ିଆ ପକ୍ଷ ପାଳନ ଅବସରରେ ଜିଲ୍ଲା ପାଳ ଅଫିସ କାର୍ଯ୍ୟ ରତ ବିଭିନ୍ନ ଅଧିକାରୀ ତଥା କାର୍ଯ୍ୟ ରତ ସହ କର୍ମୀ ଙ୍କ ମିଳିତ ଉଦ୍ୟାଗ ଓ ସ୍ୱେଚ୍ଛାସେବୀ ସଂଗଠନ କର୍ମ କର୍ତ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର କର୍ମ କର୍ତ୍ତା ମାନଙ୍କ ମିଳିତ ସହଯୋଗ ରେ ପାମ୍ପରିକ ପୋଷାକ ପରିଧାନ କରା ଯାଇଥିଲା। ସମସ୍ତେ ହସ୍ତ ତନ୍ତ ପୋଷାକ ପିନ୍ଧିବା କୁ ଅଭ୍ୟାସ ରେ ପରିଣିତ କରିବା, କେବଳ ଆଜି ନୁହେଁ ସବୁଦିନ ପିନ୍ଧିବା, ଏବଂ ବୁଣାକାର ଓ ଗ୍ରାମ୍ୟ ଅର୍ଥ ନୀତିକୁ ସଶକ୍ତ କରିବା ସହ ସମୃଦ୍ଧ ଓଡିଶା ଗଠନ କରିବା ରେ ଅଂଶୀ ଦାର ହେବା, ଆମ ବସ୍ତ୍ର ହେଉଛି ଆମ ସ୍ୱାଭିମାନ ଓ ଆମ ପରିଚୟ, ଓଡିଶା ହସ୍ତ ତନ୍ତ ସମଗ୍ର ବିଶ୍ୱ ରେ ପରିଚିତ ରହିଛି, ହସ୍ତ ତନ୍ତ ମାଧ୍ୟମ ରେ ବୁଣାକାର ମାନଙ୍କୁ ସୃଜନତ୍ମକ କୌଶଳ ପିଢ଼ି ପରେ ପିଢ଼ି ପ୍ରସାରିତ ହେଇ ଆସୁଛି, ଆସନ୍ତୁ ମିଳି ମିଶି ବୁଣାକାର ଭାଇ ଓ ଭଉଣୀ ମାନଙ୍କ କାର୍ଯ୍ୟ ସଂମାନ ଜଣାଇ ତାଙ୍କ ଖୁଶୀ ରେ ଟିକେ ଭାଗୀ ହେବା ଓ ତାଙ୍କ କଳା କରିଗାମା କୁ ଆଗକୁ ନେବା. ଏହା ହେଉଛି ଏହି କାର୍ଯ୍ୟକ୍ରମ ର ମୂଳ ଲକ୍ଷ୍ୟ ଥିଲା।

## ରାମ ନବମୀ ପାଇଁ ମୁତୟନ ହେବେ ୨୬ ପ୍ଲାଟୁନ୍ ଫୋର୍ସ

ଭଦ୍ରକ,୦୩/୪ (ନି.ପ୍ର): ଐତିହାସିକ ପ୍ରସିଦ୍ଧ ରାମନବମୀ ଭଦ୍ରକରେ ଶାନ୍ତିଶୃଙ୍ଖଳାର ସହ ପାଳନ ପାଇଁ ଭଦ୍ରକ ଏସ୍ପି ଅଫିସରେ ସମୀକ୍ଷା କରିଛନ୍ତି କ୍ରାଇମବ୍ରାଂଚ ଡିଜିପି ବିନୟତୋଷ ମିଶ୍ର। ଭଦ୍ରକ ଓ ବାଲେଶ୍ୱର ଉଭୟ ଜିଲାରେ ରାମନବମୀ ପାଳନରେ ଶାନ୍ତିଶୃଙ୍ଖଳା ନେଇ ସ୍ଥିତି ସମୀକ୍ଷା କରିଛନ୍ତି। ସମୀକ୍ଷା ପରେ ପୂର୍ବାଂଚଳ ଡିଆଇଜି ଡ. ସତ୍ୟଜିତ୍ ନାୟକ ଆୟୋଜିତ ଖବରଦାତା ସମ୍ମିଳନୀରେ ଶାନ୍ତିଶୃଙ୍ଖଳା ପ୍ରସ୍ତୁତି ନେଇ ଖବରଦାତା ସମ୍ମିଳନୀରେ ସୂଚନା ଦେଇଥିଲେ। ଶ୍ରୀରାମ ନବମୀ ଉପଲକ୍ଷେ ଭଦ୍ରକ ସହରରେ ୨୬ପ୍ଲାଟୁନ୍ ଫୋର୍ସ ମୁତୟନ ରହିବେ। ବିଏସ୍ଏଫ୍, ସିଆର୍ପିଏଫ୍, ରାପିଡ୍ ଆକ୍ସନ ଫୋର୍ସଙ୍କ ସମେତ ୩ କମ୍ପାନୀ କେନ୍ଦ୍ରୀୟ ସୁରକ୍ଷା ବଳ ମୁତୟନ ରହିବେ। ସହରର ବିଭିନ୍ନ ରାସ୍ତା ଓ ସାହିବସ୍ତୀରେ ଫୋର୍ସ ମୁତୟନ କରାଯିବା ସହ ସିସିଟିଭି ଓ ଡ୍ରୋନ୍ କ୍ୟାମେରାର ସହାୟତା ନିଆଯିବ। ୱାରେଂଟି ମାନଙ୍କୁ ଗିରଫ କରାଯିବା ପାଇଁ ପୋଲିସ ପକ୍ଷରୁ ଧରପଗଡ଼ କରାଯିବ। ମୋବାଇଲ ପାଟ୍ରୋଲିଂ କରାଯିବା ସହ ସୋସିଆଲ ମିଡିଆ ଉପରେ ତୀକ୍ଷ୍ଣ ନଜର ରଖାଯିବ ବୋଲି ଡିଆଇଜି ନାୟକ ସୂଚନା ଦେବା ସହ ମଙ୍ଗଳବାର ସୋସିଆଲ ମିଡିଆ ଅପବ୍ୟବହାର ନେଇ ଏକ ମାମଲା ହୋଇଥିବା କହିଛନ୍ତି।

## ବାବା ସାହେବଙ୍କର ୧୩୪ତମ ଜୟନ୍ତୀ ଉପଲକ୍ଷେ ପ୍ରସ୍ତୁତି ବୈଠକ




ଜଳେଶ୍ୱର,୦୩/୪ (ନି.ପ୍ର): ବାବା ସାହେବ ଆମ୍ବେଦକରଙ୍କର ୧୩୪ତମ ଜୟନ୍ତୀ ଉପଲକ୍ଷେ ୨/୪/୨୫ ରିଖ ସନ୍ଧ୍ୟା ୫ ଘଟିକା ସମୟରେ ଭଦ୍ରାପଦା (ଖୁଆଡ) ଠାରେ ଆୟୋଜିତ ଏକ ପ୍ରସ୍ତୁତି ବୈଠକ ଆମ୍ବେଦକର ସମତା ମଂଚର ସଭାପତି ଅଶୋକ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଛି । ବୈଠକରେ ଉପସ୍ଥିତ କାର୍ଯ୍ୟକର୍ତ୍ତା ଙ୍କ ସର୍ବସମ୍ମତି କ୍ରମେ ବାବା ସାହେବଙ୍କ ଜୟନ୍ତୀ ଉପଲକ୍ଷେ ବିଭିନ୍ନ କାର୍ଯ୍ୟକ୍ରମ କରିବା ପାଇଁ ନିଷ୍ପତି ନିଆଯାଇଥିଲା। ଏକ ଶୋଭାଯାତ୍ରା ଲୁହାପଡ଼ା ଛକଠାରୁ ସକାଳ ୮ ଘଟିକା ସମୟରେ ବାହାରି ରାଇବଣିଆ ଅଞ୍ଚଳର ବିଭିନ୍ନ ପଞ୍ଚାୟତ ପରିକ୍ରମା କରି ଭୟା ଚାପଲା ଛକ, ଲକ୍ଷ୍ମଣନାଥ ରାସ୍ତାରେ ଜଳେଶ୍ୱର ବ୍ଲକ ଛକ ଠାରେ ସକାଳ ୧୦ ଟା ସମୟରେ ପହଞ୍ଚିବ । ସେଠାରୁ ଶୋଭାଯାତ୍ରା ଜଳେଶ୍ୱର ମ୍ୟୁନିସିପାଲଟି ପରିକ୍ରମା କରି ଜଳେଶ୍ୱର ନୂଆ ବଜାର ନିକଟସ୍ଥ ଘଣ୍ଟି ପାର୍ଶ୍ୱରେ ଅବସ୍ଥିତ ହୋଟେଲ ଖୁସିପ୍ଲାଜା ରେ ଦିନ ୧୧ :୩୦ ମିନିଟ ସମୟରେ ପହଞ୍ଚିବ। ନିର୍ଦ୍ଧାରିତ ଦିବା ୧୨ ଘଟିକା ସମୟରେ ମଧ୍ୟାହ୍ନ ଭୋଜନ ସେବନ କରି ଅପରାହ୍ନ ୨ ଘଟିକା ସମୟରେ ଶୋଭା କାର୍ଯ୍ୟକ୍ରମ ଆରମ୍ଭ ହୋଇ ଅପରାହ୍ନ ୪ ଘଟିକାରେ ଶେଷ ହେବା। ବାବା ସାହେବଙ୍କ ଜୟନ୍ତୀ ଶୋଭାଯାତ୍ରାରେ ନିର୍ଦ୍ଧାରିତ ସ୍ଥାନ ଓ ସମୟରେ ଶହ ଶହ ସଂଖ୍ୟାରେ ଯୋଗଦେବାକୁ ମଞ୍ଚ ପକ୍ଷରୁ ନିବେଦନ କରାଯାଇଛି। ଉକ୍ତ ବୈଠକକୁ ସଫଳ କରିବାପାଇଁ ୱାଡମେମ୍ବର୍ ରାମ ଚନ୍ଦ୍ର ହାଁସଦା, ଯଦୁ ସରେନ ,ମଧୁ ବାସ୍କେ, ବିନୋଦ ହାଁସଦା, ରାମ ମୁର୍ମୁ,ରମେଶ ହେମ୍ବ୍ରମ,,ାଇନ ହାଁସଦା, ରାମେଶ୍ୱର ହେମ୍ବ୍ରମ, ମହେଶ୍ୱର ମାରାଣ୍ଡି,ମଙ୍ଗଳ ଟୁଡୁ,ଦୀପକ କର ତଥା ଅନୁଷ୍ଠାନର ସମ୍ପାଦକ ନୀରୋଜ କୁମାର ବେହେରା ପ୍ରମୁଖ ସହଯୋଗ କରିଥିଲେ।

# ପରଫେକ୍ଟ ଲାଇଫ ଷ୍ଟାଇଲ

**ସମୟ ବଦଳୁଛି, ତା ସହ ଜୀବନଶୈଳୀ । ତେବେ ସୁସ୍ଥ ଆଉ ସୁନ୍ଦର ଜୀବନଶୈଳୀ ପାଇଁ ଆପଣନ୍ତୁ କୋଟୋଟି କଥା, ଯେମିତିକି ଆପଣ ହୋଇପାରିବେ ପରଫେକ୍ଟ ଲାଇଫ୍ ଷ୍ଟାଇଲର ଅଧିକାରୀ ...**



*ଏପରି କରନ୍ତୁ ଦିନର ଆରମ୍ଭ:-*

ସକାଳୁ ଶୀଘ୍ର ଉଠନ୍ତୁ । ନିତ୍ୟକର୍ମ ସାରି କିଛି ସମୟ ଏକ୍ସରସାଇଜ କିମ୍ବା ମେଡିଟେଶନ କରନ୍ତୁ । କାରଣ ଏହାର ପ୍ରଭାବ ଜୀବନର୍ଶୈଳୀ ଉପରେ କଣ ପଡ଼େ ତାହା ଅନୁଭବୀ ହିଁ ଜାଣେ। ଏହାପରେ ବ୍ରେକଫାଷ୍ଟ କରିବାକୁ ଭୁଲନ୍ତୁ ନାହିଁ। ରାତିରେ ଅତିକମ୍‌ରେ ୬/୭ ଘଣ୍ଟା ଶୁଅନ୍ତୁ। କାରଣ ପରିଶ୍ରମ ଅନୁସାରେ ଉପଯୁକ୍ତ ବିଶ୍ରାମ ଶରୀରକୁ ଫିଟ ରଖିବା ସହ ସକାରାତ୍ମକ ମାନସିକତା ଦିଗରେ ସହାୟକ ହୋଇଥାଏ। ଦିନକୁ ୮ଗ୍ଲାସ ପାଣି ପିଅନ୍ତୁ। ଲଞ୍ଚ, ଡିନର ଠିକ୍ ସମୟରେ ଶେଷ କରିବା ସହ ତଟକା ଫଳମୂଳ ଖାଦ୍ୟ ତାଲିକାରେ ସାମିଲ କରନ୍ତୁ।



ବନ୍ଧୁପରିଜନଙ୍କ ସହ ସୁସମ୍ପର୍କ ରଖନ୍ତୁ । ବ୍ୟସ୍ତ ଜୀବନ ମଧ୍ୟରୁ ବନ୍ଧୁ ପରିଜନଙ୍କ ପାଇଁ କିଛି ସମୟ ବାହାର କରନ୍ତୁ । ସେମାନଙ୍କ ସହ ସୁସମ୍ପର୍କ ରଖିଲେ ଆପଣଙ୍କ ଲାଇଫ୍ ଷ୍ଟାଇଲରେ ବହୁତ ପରିବର୍ତ୍ତନ ଆସିଥାଏ । ପର୍ବପର୍ବାଣି କିମ୍ବା ଛୁଟିଦିନରେ ଆପଣ ଏହାର ମଜ୍ଜା ଉଠାଇପାରିବେ ।

*ଟାଇମମ୍ୟାନେଜମେଣ୍ଟ:-*

ଟାଇମ୍ ମ୍ୟାନେଜମେଣ୍ଟ କରିପାରୁଥିବା କବିତା, ଗପ ଲେଖିବା, ବହି ପଢ଼ିବା ଇତ୍ୟାଦି। ଏପରି କରିବା ଦ୍ୱାରା କାର୍ଯ୍ୟ କରିବାର ଆଗ୍ରହ ଓ ଉତ୍ସାହ ବଢ଼ଇଥାଏ ।

ନିଜ ଇଚ୍ଛା କମ୍ କରନ୍ତୁ:- ଆପଣଙ୍କ ଇଚ୍ଛା ଓ ଅଭିଳାଷ ଅଧିକ ହେଲେ ସମସ୍ୟାର ମାତ୍ରା ବଢ଼ିଥାଏ । କିନ୍ତୁ ଏହାର ବିପରୀତ ଦିଗ ଦେଖିଲେ ସମସ୍ୟା କମ୍ ଲାଗିଥାଏ । ଇଚ୍ଛା ଓ ଅଭିଳାଷ ଉପରେ ଆପଣ ଯେତେ ନିୟନ୍ତ୍ରଣ ରଖିବେ ଜୀବନରେ ଟେନସନ୍‌ଠାରୁ ସେତେ ଦୂରରେ ରହିବେ।

*ଅତୀତକୁ ଭୁଲିଯାଆନ୍ତୁ:-*

ଯଦି ଆପଣଙ୍କ ଜୀବନରେ ଅତୀତରେ କେବେ କୌଣସି ଅପ୍ରୀତିକର ବା ଦୁଃଖଦ ଘଟଣା ଘଟିଛି ତେବେ ସେହି ସ୍ମୃତିକୁ ବାରମ୍ବାର ମନେ ପକାନ୍ତୁ ନାହିଁ । ଅତୀତକୁ ଭୁଲି ବର୍ତ୍ତମାନରେ ଚାଲିବାଟା ଠିକ୍ । ଅତୀତକୁ ସବୁବେଳେ ମନେ ପକାଇଲେ ଆପଣ ବର୍ତ୍ତମାନର ମଜା ଉଠାଇପାରିବେ ନାହିଁ ।


*ଟେନସନ ଠାରୁ ଦୂରରେ ରୁହନ୍ତୁ:-*

ଆଜିକାଲି ଘରେ ହେଉ ବା ବାହାରେ ପ୍ରତିଟି ଜାଗାରେ କିଛି ନା କିଛି ଟେନସନ୍ ଲାଗି ରହୁଛି । ଏହା ସ୍ୱାସ୍ଥ୍ୟ ପ୍ରତି ହାନିକାରକ ହୋଇଥାଏ । ଏଥିପାଇଁ ବ୍ଲଡପ୍ରେସର ଅସନ୍ତୁଳିତ ରହିଥାଏ । ନିଦ ଉପରେ ପ୍ରଭାବ ପଡ଼ିଥାଏ । ପର୍ଯ୍ୟାପ୍ତ ନିଦ ନ ହେଲେ ବିଭିନ୍ନ ରୋଗ ସୃଷ୍ଟି ହୋଇଥାଏ । ତ୍ୱଚା ଉପରେ ମଧ୍ୟ ଏହାର ଖୁବ୍ ପ୍ରଭାବ ପଡ଼ିଥାଏ ।

*ଅଯଥା ଯୁକ୍ତିତର୍କ କରନ୍ତୁ ନାହିଁ:-*

ନିରର୍ଥକ ଯୁକ୍ତିତର୍କ କରିବା ଠାରୁ ଦୂରରେ ରୁହନ୍ତୁ । ଏହା କେବଳ ସମୟର ଅପଚୟ କରିଥାଏ ।

# ଆପଣ ସବୁବେଳେ ଦୁର୍ବଳ ଅନୁଭବ କରୁଛନ୍ତି କି; କରନ୍ତୁ ଏହି ଯୋଗ, ଶରୀରରେ ଖେଳିଯିବ ଶକ୍ତି



ଦିନ ସାରା କ୍ଲାନ୍ତ ଲାଗିବା ଅବସ୍ଥାକୁ କ୍ରନିକ୍ ଫଟିଗ୍ ସିଣ୍ଡ୍ରୋମ କୁହାଯାଏ। ଏଭଳି ଥକାପଣ ଏବଂ ଆପଣ ଦିନସାରା ଶୋଇଲେ ବି କିଛି ଲାଭ ହୁଏନି। ଏପରି ପରିସ୍ଥିତିରେ, ଥକାପଣ ଏବଂ ଦୁର୍ବଳତାର ପାଇଁ ଆପଣ ଯୋଗ କରିପାରିବେ। ଆଜିକାଲିର ଖରାପ ଜୀବନଶୈଳୀ, ଖାଦ୍ୟରେ ଗଡବଡ ଏବଂ ଲୋକମାନେ ଅନେକ ଶାରୀରିକ ଏବଂ ମାନସିକ ସମସ୍ୟାର ଶିକାର ହେଉଛନ୍ତି। ଏମିତି ଅବସ୍ଥାରେ ଅନୁଭବ କରିବା ସ୍ୱାଭାବିକ। ଆପଣ ବିଶ୍ରାମ ନିଅନ୍ତି ବା କିଛି କାମ ନ କରନ୍ତୁ କିନ୍ତୁ ଆଭ୍ୟନ୍ତରୀଣ କ୍ଲାନ୍ତ ଅନୁଭବ କରନ୍ତି। ଏହି ଅବସ୍ଥାକୁ କ୍ରନିକ୍ ଫଟିଗ୍ ସିଣ୍ଡ୍ରୋମ କୁହାଯାଏ। ଏଭଳି ଥକାପଣ ଏବଂ ଆପଣ ଦିନସାରା ବିଛଣାରେ ଶୋଇବାକୁ ଚାହାଁନ୍ତି। ତଥାପି, ଶରୀରରେ ଏତେ ଶକ୍ତି ଅଭାବ ରୁହେ ଦୁର୍ବଳ ଲାଗେ। ଏପରି ପରିସ୍ଥିତିରେ, ଥକାପଣ ଏବଂ ଦୁର୍ବଳତାର ଏହି ସମସ୍ୟାରୁ ମୁକ୍ତି ପାଇବା ପାଇଁ ଯୋଗ କେବଳ ଆପଣଙ୍କ ରୋଗ ପ୍ରତିରୋଧକ ଶକ୍ତି ବଢାଏ ନାହିଁ ବରଂ ଆପଣଙ୍କ ଉର୍ଜାକୁ ମଧ୍ୟ ଭାବରେ ଆପଣଙ୍କ ଶରୀର ହାଲୁକା ଏବଂ ଶକ୍ତିଶାଳୀ ଅନୁଭବ କରେ। ଯଦି ଆପଣ ମଧ୍ୟ ଏମିତି ତେବେ ଏହି ଯୋଗାସନାକୁ ଆପଣଙ୍କର ନିୟମିତ ଅଭ୍ୟାସରେ ଅନ୍ତର୍ଭୁକ୍ତ କରନ୍ତୁ।


ଦୁର୍ବଳତାକୁ ଦୂର କରିବା ପାଇଁ, ଏହି ସମସ୍ୟାରୁ ମୁକ୍ତି ପାଇବା ନିଦ୍ରା ଅଭାବ ହେତୁ ବ୍ୟକ୍ତି ଦିନସାରା କ୍ଲାନ୍ତ ଭାବରେ ଆପଣ ଦୁର୍ବଳ ଏବଂ ଦୁର୍ବଳତାକୁ ଦୂର କରିବା ପାଇଁ, ଯେ ଶରୀର ଓଜନିଆ ଲାଗେ, ଆପଣ ଯୋଗ କରିପାରିବେ। ବଢାଇଥାଏ। ଆଭ୍ୟନ୍ତରୀଣ ସମସ୍ୟାର ସମ୍ମୁଖିନ ହେଉଛନ୍ତି

*ବାଳାସନ:*

ନିୟମିତ ବାଳାସନ ଅଭ୍ୟାସ କରନ୍ତୁ। ଏହି ଆସନ ଚାପକୁ ହ୍ରାସ କରିଥାଏ ଏବଂ ଶକ୍ତି ମଧ୍ୟ ଯୋଗାଇଥାଏ। ବାଳାସନ କରିବାକୁ ହେଲେ ଆଣ୍ଠୁ ଉପରେ ଭୂମିରେ ବସନ୍ତୁ। ଉଭୟ ପାଦକୁ ଏକାଠି ସ୍ପର୍ଶ କରି ଗୋଇଠିକୁ ସାମାନ୍ୟ ଛଡା ରଖନ୍ତୁ। ପିଚାକୁ ଲଗେଇ ଗୋଇଠି ମଝିରେ ବସନ୍ତୁ। ଦୁଇ ଆଣ୍ଠୁକୁ ପ୍ରସାରିତ କରି ରଖନ୍ତୁ ଏକ ଗଭୀର ଶ୍ୱାସ ନେଇ ହାତକୁ ଉପରକୁ ଉଠାନ୍ତି, ଏବଂ ଶ୍ୱାସ ଛାଡି ଆଗକୁ ଝୁଙ୍କନ୍ତୁ। ପେଟକୁ ଦୁଇ ଜଙ୍ଘ ମଝିରେ ରଖନ୍ତୁ। ଏହି ଅବସ୍ଥାରେ କିଛି ସମୟ ରୁହନ୍ତୁ। ପରେ ମୂଳ ଅବସ୍ଥାକୁ ଆସନ୍ତୁ।

*ଧନୁରାସନ:*

ଥାଇରଏଡରେ ଧନୁରାସନ ଅଭ୍ୟାସ ଅତ୍ୟନ୍ତ ଲାଭଦାୟକ। ଏହି ଆସନ ଶକ୍ତିଶାଳୀ କରିବା ସହିତ ମେଦବହୁଳତା ହ୍ରାସ କରାଏ। ଏହି ଆସନ ଅଭ୍ୟାସ କରିବା ପାଇଁ ପେଟ ମାଡି ଶୋଇ ପଡନ୍ତୁ ଏବଂ ଅଣ୍ଟା ଆଡକୁ ପାଦ ଆଣନ୍ତୁ। ବର୍ତ୍ତମାନ ଉଭୟ ପାଦକୁ ଦୁଇ ହାତରେ ଧରି ରଖିବାକୁ ଚେଷ୍ଟା କରନ୍ତୁ। ତା'ପରେ ମୁଣ୍ଡ, ଛାତି ଏବଂ ଜଙ୍ଘକୁ ଉପରକୁ ଉଠାନ୍ତୁ ଏବଂ ଶରୀରର ଓଜନକୁ ପେଟର ନିମ୍ନ ଭାଗରେ ରଖନ୍ତୁ। କିଛି ସମୟ ଏହି ଅବସ୍ଥାରେ ରହି ମୂଳ ଅବସ୍ଥାକୁ ଫେରନ୍ତୁ।



*ତାଡାସନ:*

ଏହି ଆସନ ସମଗ୍ର ଶରୀର ଉପରେ ପ୍ରଭାବ ପକାଏ। ତାଡାସନ କରିବାକୁ ସିଧା ଠିଆ ହୁଅନ୍ତୁ ଏବଂ ଗୋଡ ମଧ୍ୟରେ କିଛି ଦୂରତା ରଖନ୍ତୁ। ଏକ ଗଭୀର ଶ୍ୱାସ ନେଇ ଉଭୟ ହାତ ଉପରକୁ ଉଠାନ୍ତୁ। ଉପରକୁ ଭିଡି ହୋଇ ଦୁଇ ଗୋଇଠି ଉଠାନ୍ତୁ ଆଉ ପାଦ ଆଙ୍ଗୁଠି ଉପରେ ଠିଆ ହୁଅନ୍ତୁ। ଏହି ଅବସ୍ଥାରେ ଶରୀରର ପ୍ରତ୍ୟେକ ଅଙ୍ଗ ଟାଣି ହୁଏ। ଏହି ଅବସ୍ଥାରେ କିଛି ସମୟ ରହିବା ପରେ ସାଧାରଣ ସ୍ଥିତିକୁ ଫେରନ୍ତୁ। ଏହି ଆସନକୁ ୧୦ରୁ ୧୫ଥର ପୁନରାବୃତ୍ତି କରନ୍ତୁ।

*ଶବାସନ:*

ଶାରୀରିକ ଏବଂ ମାନସିକ ଥକାପଣ ଦୂର କରିବା ପାଇଁ ଶବାସନ ଖୁବ ଲାଭଦାୟକ। ଏହି ଆସନ କରିବା ପାଇଁ, ପିଠି ପଟିଆ ଶୋଇ ଯାଆନ୍ତୁ ଏବଂ ଦୁଇ ଗୋଡ କିଛି ବ୍ୟବଧାନରେ ରଖି ଢିଲା ଛାଡିଦିଅନ୍ତୁ। ଦୁଇ ହାତକୁ ଶରୀରଠାରୁ ଅଳ୍ପ ଦୂରରେ ରଖି ଧୀରେ ଧୀରେ ଆଙ୍ଗୁଠି ଠାରୁ ଆରମ୍ଭ କରି ସମଗ୍ର ଶରୀର ଉପରେ ଧ୍ୟାନ ଦିଅନ୍ତୁ। ମନକୁ ଶାନ୍ତ ରଖନ୍ତୁ ଏବଂ ଶରୀରରେ ଶକ୍ତି ଖେଳିଯିବା ଅନୁଭବ କରନ୍ତୁ।

# ରସୁଣକୁ ଦେଶୀ ଘିଅରେ ଭାଜି ଖାଆନ୍ତୁ, ଏହି ସବୁ ସ୍ୱାସ୍ଥ୍ୟଗତ ସମସ୍ୟାର କରିଥାଏ ସମାଧାନ

ରସୁଣରେ ବହୁ ଔଷଧୀୟ ଗୁଣ ଭରି ରହିଛି। ସେଥିପାଇଁ ଏହାକୁ କେବଳ ମସଲା ଭାବେ ବ୍ୟବହାର କରାଯାଏ ନାହିଁ। ଅନେକ ରୋଗର ଉପଶମ ପାଇଁ ମଧ୍ୟ ଏହାକୁ ବ୍ୟବହାର କରାଯାଏ। ରସୁଣ ହେଉଛି ଆଣ୍ଟିବ୍ୟାକ୍ଟେରିଆଲ, ଆଣ୍ଟିଫଙ୍ଗଲ ଓ ଆଣ୍ଟିଭାଇରାଲ। ଏଥିରେ ଭିଟାମିନ ସି, ଭିଟାମିନ ବି-୬, ସେଲେନିୟମ, କ୍ୟାଲସିୟମ, ଆଇରନ, ଫସଫରସ ଓ ଫାଇବର ରହିଛି। ରସୁଣକୁ କଞ୍ଚା ଖିଆଯାଇପାରେ ଅବା ଭାଜି ଅବା ଡାଲି ଓ ତରକାରୀ ଆଦିରେ ପକାଇ ଖିଆଯାଇପାରେ। କିନ୍ତୁ ଆପଣ ଜାଣନ୍ତି କି ରସୁଣକୁ ଦେଶୀ ଘିଅରେ ଭାଜି ଖାଇଲେ ଅନେକ ରୋଗର ମୂଳୋତ୍ପାଟନ କରିବାରେ ସହାୟକ ହୋଇଥାଏ। ରସୁଣ ଖାଇଲେ ପାଟି ଜଳିଥାଏ। କିନ୍ତୁ ଏହାକୁ ଦେଶୀ ଘିଅରେ ଭାଜିଲେ ରାଗ ହୋଇନଥାଏ। ସେହିଭଳି ଘିଅରେ ଭାଜିଲେ ଏଥିରୁ ବାହାରୁ ଥିବା ଗନ୍ଧ ମଧ୍ୟ ହ୍ରାସ ପାଇଯାଏ। ରାତିରେ ରସୁଣର ଚୋପା ଛଡ଼ାଇ ଦିଅନ୍ତୁ ଓ ପାଣିରେ ପକାଇ ରଖନ୍ତୁ। ତା'ପର ଦିନ ପାଣିରୁ ରସୁଣକୁ କାଢ଼ି ଦେଶୀ ଘିଆରେ ଭାଜି ଖାଆନ୍ତୁ। ଦେଶୀ ଘିଅରେ ଭାଜି ହେବା ପରେ ରସୁଣର ସ୍ୱାଦ ବଦଳି ଯାଏ। ଆଉ ଏହାକୁ ଖାଇଲେ ଅନେକ ରୋଗରୁ ଉପଶମ ମିଳେ। ରସୁଣକୁ ଦେଶୀ ଘିଅରେ ଭାଜି ଖାଇଲେ ବ୍ରେନ୍ ଷ୍ଟ୍ରୋକ୍ ହେବାର ଆଶଙ୍କା କ୍ଷୀଣ ହୋଇଯାଏ। ଏହା ସହିତ ରକ୍ତଚାପକୁ ନିୟନ୍ତ୍ରଣରେ ରଖିବାରେ ଏହା ସହାୟକ ହୋଇଥାଏ। ଯେଉଁ ଲୋକମାନଙ୍କର ରୋଗ ପ୍ରତିଷେଧକ ଶକ୍ତି କମ୍, ସେମାନେ ରସୁଣକୁ ଦେଶୀ ଘିଅରେ ଭାଜି



ଖାଇବା ଉଚିତ। ଏହା ଦ୍ୱାରା ସେମାନଙ୍କ ରୋଗ ପ୍ରତିଷେଧକ ଶକ୍ତି ବଢ଼ିବ। ରସୁଣ ଆଣ୍ଟିଅକ୍ସିଡେଣ୍ଟ ଓ ଆଣ୍ଟି-ଇନ୍‌ଫ୍ଲମେମଟରୀ ଗୁଣରେ ଭରପୂର। ଆଉ ଏହା ଶରୀରରୁ ବିଷାକ୍ତ ଜିନିଷକୁ ବାହାର କରିବାରେ ସାହାଯ୍ୟ କରିଥାଏ। ରସୁଣକୁ ଦେଶୀ ଘିଅରେ ଭାଜି ଖାଇଲେ କିଛି ଅଟୋ ଇମ୍ୟୁନ ଡିଜିଜ, ଯେମିତିକି ଅର୍ଥରାଇଟିସ ଓ ଲ୍ୟୁପସର ଯନ୍ତ୍ରଣାରୁ ରକ୍ଷା ମିଳିବ।

# ଘରେ ତିଆରି କରନ୍ତୁ ତାଡ଼ିଆ ମିଠା

ଆବଶ୍ୟକ ସାମଗ୍ରୀ: କ୍ଷୀର,ଚିନି, ମଇଦା, ଛେନା, ଅଳେଇଚ ଗୁଣ୍ଡ ଓ ତେଲ



ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ କରେଇରେ କ୍ଷୀରକୁ ଗରମ କରନ୍ତୁ। କ୍ଷୀର ଗରମ ହୋଇଯିବା ପରେ ସେଥିରେ ଚିନି ପକାନ୍ତୁ। କ୍ଷୀରରେ ଚିନି ମିଶିବା ପର୍ଯ୍ୟନ୍ତ ଏହାକୁ ଭଲ ଭାବରେ ଗୋଳାନ୍ତୁ। ଏହାପରେ କ୍ଷୀରକୁ ଦଶରୁ ପନ୍ଦର ମିନିଟ ପର୍ଯ୍ୟନ୍ତ ଫୁଟାନ୍ତୁ । କ୍ଷୀର ଫୁଟି ଫୁଟି ଅଧା ହୋଇଗଲା ପରେ ତାହାକୁ ଓହ୍ଲାଇ ଏକ ପାତ୍ରରେ ରଖି ଦିଅନ୍ତୁ। ଏକ ପାତ୍ରରେ ଛେନାକୁ ଭଲ ଭାବେ ଚିପୁଡ଼ି ରଖନ୍ତୁ । ଏହାପରେ ଛେନାରେ ମଇଦା ମିଶାଇ ଭଲ କରି ଚକଟି ଦିଅନ୍ତୁ । ଚକଟି ସାରିବା ପରେ ଏହାକୁ ଗୋଲ ଗୋଲ କାକରାର ଆକାର ତିଆରି କରି ଏକ ପାତ୍ରରେ ରଖନ୍ତୁ । ଏହାପରେ କରେଇରେ ତେଲକୁ ଗରମ କରନ୍ତୁ । ତେଲ ଗରମ ହୋଇଗଲା ପରେ ପ୍ରସ୍ତୁତ କାକରା ଗୁଡିକୁ ଛାଣନ୍ତୁ। ଏହାକୁ ଅଳ୍ପ ନାଲି ରଙ୍ଗ ହୋଇଗଲା ପର୍ଯ୍ୟନ୍ତ ଛାଣନ୍ତୁ। ପରେ ଏହାକୁ ଏକ ପାତ୍ରକୁ କାଢ଼ି ଦିଅନ୍ତୁ। ଛଣା କାକରାକୁ ଆଗରୁ ପ୍ରସ୍ତୁତ ହୋଇଥିବା କ୍ଷୀରରେ ପକାନ୍ତୁ। ସେଥିରେ ଅଳେଇଚ ଗୁଣ୍ଡ ପକାଇ କିଛି ସମୟ ଥଣ୍ଡା ହେବା ପାଇଁ ଛାଡ଼ି ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ତାଡ଼ିଆ ମିଠା। ଆଜି ଦୀପାବଳିରେ ଏହି ମିଠାକୁ ଘରେ ତିଆରି ଠାକୁରଙ୍କ ପାଖରେ ଭୋଗ ଲଗାନ୍ତୁ।

# ପିଲାଙ୍କ ପାଇଁ ମିନି ଲାଇବ୍ରେରୀ

**ପିଲାମାନଙ୍କ ପାଠପଢ଼ା ସହିତ ସେମାନଙ୍କ ପାଇଁ ଏକ ମିନି ଲାଇବ୍ରେରୀର ଆବଶ୍ୟକତା ମଧ୍ୟ ରହିଛି। ମିନି ଲାଇବ୍ରେରୀଟିଏ ପିଲାମାନଙ୍କ ସ୍କୁଲ ଓ ଟ୍ୟୁସନରେ ବ୍ୟବହୃତ ସାମଗ୍ରୀ ଇଆଡ଼େ ସିଆଡ଼େ ବିଛାଡ଼ି ହୋଇ ପଡ଼ିବନି ।**



ଦିନକୁ ଦିନକୁ ଦିନ ବିଷୟ ବସ୍ତୁରେ ପରିବର୍ତ୍ତନ, ଜ୍ଞାନକୌଶଳ ଓ ମାନସିକ ତଥା ଶାରୀରିକ ବିଷୟବସ୍ତୁ ଯୋଗୁ ପିଲାଙ୍କ ଉପରେ ବହିର ବୋଝ ବଢ଼ିଚାଲିଛି । ଏହା ସହିତ ଏହି ପୁସ୍ତକ ଓ ଅନ୍ୟାନ୍ୟ ଶୈକ୍ଷିକ ସାମଗ୍ରୀ ରଖିବା ପାଇଁ ଅଧିକ ଷ୍ଟଡ଼ିରୁମ୍, ଆଲମୀରା, ଥାକର ଆବଶ୍ୟକ ପଡ଼ିଥାଏ । ପିଲାଙ୍କର ଏହି ଆବଶ୍ୟକତାକୁ ଅନେକ ଅଭିଭାବକ ଗୁରୁତ୍ୱର ସହିତ ନେଇ ଏସବୁ ଯୋଗାଇ ଦେଇଥାନ୍ତି । ତେବେ ସେମାନଙ୍କ ଷ୍ଟିଡିରୁମ୍କୁ ଗଲଶବେଳେ ଦେଖିବାକୁ ମିଳିଥାଏ ଯେ, ଘରର ବିଭିନ୍ନ ସ୍ଥାନ, ସେଲ୍‌ଫ, ଆଲମୀରାରେ ସେମାନଙ୍କର ଏସବୁ ଜିନିଷ ଛିନ୍‌ଛତ୍ର ହୋଇପଡ଼ିଥାଏ । ଫଳ ଏୟା ହୋଇଥାଏ ଯେ, ପ୍ରତିଦିନ ସ୍କୁଲ ଯିବାବେଳକୁ ବହିପତ୍ର ଓ ନୋଟ୍ସ ଖୋଜି ଖୋଜି ପିଲାଟି ନୟାନ୍ତ ହୋଇଯାଏ । ବେଳେବେଳେ ଆବଶ୍ୟକ ବହି ବା ନୋଟ୍ସ ନ ନେଇ ସ୍କୁଲ ଯିବାକୁ ହୋଇଥାଏ । ଏହାର ପ୍ରଭାବ ପଢ଼ା ଉପରେ ପଡ଼େ । କେବେ ଶିକ୍ଷକଙ୍କ ଠାରୁ ତ କେବେ ବାପା ମାଙ୍କ ଠାରୁ ଗାଳି ଶୁଣିବାକୁ ପଡ଼ିଥାଏ ।

ପିଲାମାନଙ୍କୁ ଏଥିରୁ ରକ୍ଷା କରିବା ପାଇଁ ଛୋଟ ଲାଇବ୍ରେରୀଟିଏ ବନାଇଲେ କିପରି ହୁଅନ୍ତା ? ଏହାଦ୍ୱାରା ପିଲାଟି ନିଜ ଜିନିଷକୁ ଠିକ୍ ସ୍ଥାନରେ ରଖିପାରିବ ଓ ଖୋଜିଲା ବେଳେ ପରିଶ୍ରମ କରିବାକୁ ପଡ଼ିବନି । ଏହା ଅନ୍ୟମାନଙ୍କୁ ମଧ୍ୟ ଆନନ୍ଦ ଦେବ ?

ଆପଣଙ୍କର ଯଦି ବହୁତ ଘର ଅଛି ତାହେଲେ ଏଥିପାଇଁ ଏକ ସ୍ୱତନ୍ତର କୋଠାରୀ ନେଇପାରିବେ । ଅନ୍ୟଥା ନିଜ ଷ୍ଟଡ଼ି ରୁମର ଗୋଟିଏ ପାଖକୁ ଏଥିପାଇଁ ବ୍ୟବହାର କରିପାରିବେ । ଏହି ସ୍ଥାନରେ ଆପଣ ସେଲଫ ବା ଖୋଲା ଆଲମୀରା ରଖି କରିପାରିବେ ଆପଣଙ୍କ ମିନି ଲାଇବ୍ରେରୀ ।

ନିଜ ଲାଇବ୍ରେରୀ କରିବା ସମୟରେ ଘରକୁ ପ୍ରଥମେ ଭଲ ଭାବେ ପରିଷ୍କାର ପରିଚ୍ଛନ୍ନ କରିବ।

ଆବଶ୍ୟକ ପଡ଼ିଲେ ସେହି ଘରକୁ ନିଜ ପସନ୍ଦର ରଙ୍ଗ ଦେଇପାରିବେ । ସେହି ରଙ୍ଗ ଉପରେ ସଂଖ୍ୟା, ଅକ୍ଷର ଓ ବର୍ଣ୍ଣମାଳା ଭଲ ଭାବେ ଲେଖିନିଅନ୍ତୁ।

ସାମଗ୍ରୀ ରଖିବା ପୂର୍ବରୁ ସେଲଫରେ ପେପର ବା ଅନ୍ୟ କୌଣସି ମୋଟା ଜିନିଷ ବିଛାଇବାକୁ ଯେପରି ନଭୁଲ ।

॥ କିପରି କରିବେ ପ୍ରସ୍ତୁତି ॥

ବଜାରରୁ ବିଭିନ୍ନ ସାମଗ୍ରୀ ସତ ବର୍ଣ୍ଣମାଳା, ସଂଖ୍ୟା, ଅକ୍ଷର ଚାର୍ଟ କିଣି କରି ନେଇଆସ । ସେସବୁ କାନ୍ଥରେ ନିଜ ପସନ୍ଦର ସ୍ଥାନରେ ଟାଙ୍ଗି ଦିଅ ।

ଯେଉଁ ସେଲଫ୍ ବା ଆଲମୀରାରେ ଯେଉଁ ଜିନିଷ ରଖିବ ବୋଲି ଚିନ୍ତା କରିଛି ତାହାର ଏକ ସୂଚୀ ପ୍ରସ୍ତୁତ କର ।

ମୋଟା କାଗଜରେ ନିଜ ଇଚ୍ଛାରେ ପେନସିଲ ବକ୍ସ ତିଆରି କରି ତା ଉପରେ ରଙ୍ଗୀନ କାଗଜ ଦେଇ ଆକର୍ଷଣୀୟ କରି ସଜାଇ ପାରିବେ।

ଗିଫ୍ଟରେ ପାଇଥିବା ସାମଗ୍ରୀ ସହିତ ପୁସ୍ତକକୁ ମଧ୍ୟ ରଖ । ଲାଇବ୍ରେରୀରେ ନିଜ ପଢ଼ିବା ପାଇଁ ମେଜ ଓ ଚୌକି ରଖିବା ସହିତ ଆଉ ଏକ ମେଜ ଓ ଚୌକ ।

# ଘରେ ତିଆରି କରନ୍ତୁ ମୁଢ଼ିର ଏହି ରେସିପି



ଆବଶ୍ୟକ ସାମଗ୍ରୀ: ମୁଢ଼ି, ଗାଜର, କ୍ୟାପିସମ,ପିଆଜ,ଲୁଣ, ହଳଦୀ , ବେସନ, ଧଳା ରାଶି, କଟା କଞ୍ଚା ଲଙ୍କା, ଧନିଆ ପତ୍ର, ତେଲ।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ମୁଢ଼ିକୁ ଏକ ପାତ୍ରରେ ନେଇ ତାକୁ କିଛି ସମୟ ପାଇଁ ଭିଜାଇ ରଖନ୍ତୁ। ଏହା ଭିଜିଗଲା ପରେ ତାକୁ ଭଲ ଭାବରେ ଗ୍ରାଇଣ୍ଡିଂ କରି ଦିଅନ୍ତୁ। ପରେ ସେଥିରେ କଟା ଗାଜର, କ୍ୟାପିସମ ଓ ପିଆଜ ମିଶାଇ ଭଲ ଭାବରେ ଗୋଳାଇ ଦିଅନ୍ତୁ। ପରେ ସେଥିରେ ଆବଶ୍ୟକ ଅନୁସାରେ ଲୁଣ, ହଳଦୀ , ବେସନ, ଧଳା ରାଶି, କଟା କଞ୍ଚା ଲଙ୍କା ଓ ଧନିଆ ପତ୍ର ପକାଇ ଗୋଳାଇ ଦିଅନ୍ତୁ। ପରେ କରେଇରେ ତେଲ ଗରମ କରନ୍ତୁ। ତେଲ ଗରମ ହେବାପରେ ଗୋଳାଇ ରଖିଥିବା ମିଶ୍ରଣ ପକୁଡି ଆକାରରେ ଛାଣନ୍ତୁ। ପକୁଡିର ଦୁଇ ପାର୍ଶ୍ୱ ହୋଇଗଲା ପରେ ତାକୁ ଏକ ପାତ୍ରକୁ କାଢ଼ି ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ମୁଢ଼ି ପକୁଡି। ଏହାକୁ ଟମାଟୋ ଚଟଣି ଓପୁଦିନା ଚଟଣି ସହ ଖାଇପାରିବେ।

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୦୪ ଏପ୍ରିଲ ୨୦୨୫, ଶୁକ୍ରବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## କାଶ୍ମୀରରେ ରେଳବାଇ...

କାଶ୍ମୀର- ପ୍ରାକୃତିକ ସୌନ୍ଦର୍ଯ୍ୟର ଗନ୍ତାଘର; ସମଗ୍ର ଭାରତବାସୀଙ୍କ ସ୍ୱପ୍ନର ରାଜ୍ୟ। ଏଠାକୁ ଭ୍ରମଣରେ ଆସିବାକୁ କିଏ ବା ନ ଚାହେଁ; ଦେଶର କୌଣସି ନାଗରିକ ହୁଅନ୍ତୁ ବା ବିଦେଶର ? ତେବେ ବିଛିନ୍ନତାବାଦ ଏବଂ ଆତଙ୍କବାଦ ଏହି ରାଜ୍ୟକୁ ଢେର ବର୍ଷ ହେବ କବଳିତ କରି ରଖିଥିଲା, ଯାହା ସାମ୍ପ୍ରତିକ ସମୟରେ ବିଜେପି-ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କ ଦୃଢ଼ ଆଭିମୁଖ୍ୟ ଯୋଗୁଁ ତା'ର ପାଦ ତଳର ମାଟିକୁ ଧସିବା ପରିଲକ୍ଷିତ କରୁଛି । ନରେନ୍ଦ୍ର ମୋଦୀଙ୍କ ସରକାର କାଶ୍ମୀରର ତୃଣମୂଳ ସ୍ତରର ବାସ୍ତବତାରେ ପରିବର୍ତ୍ତନ ଆଣିବାରେ ଅନେକାଂଶରେ ସଫଳ ହୋଇଛନ୍ତି; ଏକ ନୂଆ ମହତ୍ତ୍ୱାକାଂକ୍ଷୀ ଅଞ୍ଚଳରେ ପରିଣତ କରିବାରେ ସମର୍ଥ ହୋଇଛନ୍ତି ଯାହା ବର୍ତ୍ତମାନ ସମୃଦ୍ଧି, ଶାନ୍ତି ଏବଂ ସଂହତି ଚାହୁଁଥିବା ଭଳି ମନେ ହେଉଛି । ଏହି ପରିବର୍ତ୍ତନକୁ ପ୍ରତିଫଳିତ କରୁଛି ଅନେକ ସଂଖ୍ୟକ ବିଚ୍ଛିନ୍ନତାବାଦୀ ସଂଗଠନ- ଜାମ୍ମୁ ଏବଂ କଶ୍ମୀର ପିପଲସ୍ ମୁଭମେଣ୍ଟ, ଡେମୋକ୍ରିଟିକ୍ ପଲିଟିକାଲ ମୁଭମେଣ୍ଟ, ଜାମ୍ମୁ ଏବଂ କାଶ୍ମୀର ତେହରିକ୍ ଇସ୍ତକାଲ, ତେହେରିକ୍-ଇ-ଇସ୍ତିକାମାତ୍ ଏବଂ ଜାମ୍ମୁ ଏବଂ କାଶ୍ମୀର ସାଲଭେସନ୍ ମୁଭମେଣ୍ଟ ଭଳି ସଂଗଠନମାନଙ୍କ ଦ୍ୱାରା ସେମାନଙ୍କ ଆଦର୍ଶବାଦରୁ ବିଚ୍ୟୁତିକୁ, ଯାହା ସେମାନେ ଆନୁଷ୍ଠାନିକ ଭାବରେ ନିକଟରେ ମୁକ୍ତକଣ୍ଠରେ ଘୋଷଣା କରିଛନ୍ତି । ଏବେ କାଶ୍ମୀରର ବିକାଶରେ ଯୋଡ଼ି ହେବାକୁ ଯାଇଛି ଏକ ନୂଆ ଅଧ୍ୟାୟ- ଉଦ୍ଧାମପୁର-ଶ୍ରୀନଗର-ବାରାମୁଲା ରେଳ ସଂଯୋଗ (ୟୁଏସ୍‌ବିଏଆରଏଲ୍) । ଏହି ପ୍ରକଳ୍ପ ଶେଷ ହେବାକୁ ଲାଗିଛି ଦୀର୍ଘ ୨୭ ବର୍ଷ । ତେବେ ଏହି ପରିଶ୍ରମ ଓ ସମୟର ଢ଼େର ମୂଲ୍ୟ ରହିଛି, ଯେହେତୁ ଏହା କାଶ୍ମୀର ଉପତ୍ୟକାକୁ ଦେଶର ଅନ୍ୟାନ୍ୟ ଭାଗ ସହ ଅଧିକ ନିକଟତର କରି ଯୋଡ଼ିବାକୁ ଯାଉଛି । କାଶ୍ମୀରକୁ ରେଳ ସଂଯୋଗ କେବଳ ପର୍ଯ୍ୟଟନ ପାଇଁ ପ୍ରସିଦ୍ଧ ଏହି ରାଜ୍ୟର ପର୍ଯ୍ୟଟନ ଓ ବ୍ୟବସାୟ କ୍ଷେତ୍ରକୁ ପ୍ରୋତ୍ସାହନ ଯୋଗାଇବ ନାହିଁ, ତା' ସହିତ ରାଜ୍ୟବାସୀଙ୍କୁ ଅନ୍ୟାନ୍ୟ ଅଞ୍ଚଳର ଲୋକମାନଙ୍କର ନିକଟତର ହୋଇ ସେମାନଙ୍କୁ ବୁଝିବା ସଙ୍ଗେ ସଙ୍ଗେ ସେମାନଙ୍କ ସହିତ ନିବିଡ଼ ସମ୍ପର୍କ ପ୍ରତିଷ୍ଠା କରିବାରେ ମହତ୍ତ୍ୱପୂର୍ଣ୍ଣ ଅବଦାନ ରଖିବ । ହାସଲ ହୋଇଥିବା ଏହି ମାଇଲଖୁଣ୍ଟକୁ ସ୍ମରଣ କରିବା ପାଇଁ ଏପ୍ରିଲ ୧୯ ତାରିଖରେ କଟରା ଏବଂ ଶ୍ରୀନଗର ମଧ୍ୟରେ ବନ୍ଦେ ଭାରତ ଏକ୍ସପ୍ରେସ୍ ଚଳାଚଳର ଶୁଭାରମ୍ଭ କରିବାକୁ ଦିନ ଧାର୍ଯ୍ୟ ହୋଇଛି । ଏହି ଉଦ୍‌ଘାଟନ ଉତ୍ସବ ଅବଶ୍ୟ ଭାରତୀୟ ରେଳବାଇ ତଥା ସମଗ୍ର ଦେଶ ପାଇଁ ଏକ ଅବିସ୍ମରଣୀୟ ଘଟଣା ହୋଇ ରହିବ, କାରଣ ଏହା ନିର୍ବାଧରେ କାଶ୍ମୀର ଉପତ୍ୟକାକୁ ଭାରତର ଅବଶିଷ୍ଟ ଅଞ୍ଚଳ ସହିତ ଯୋଡ଼ିବ। ୧୯୯୭ରେ ଆରମ୍ଭ ହୋଇଥିବା ଏହି ରେଳ ସଂଯୋଗ ପ୍ରକଳ୍ପ ଅନେକ ସଂଖ୍ୟକ ଭୌଗୋଳିକ ଏବଂ ସ୍ଥଳରୂପ ପ୍ରତିବନ୍ଧକକୁ ଅତିକ୍ରମ କରି ଆଜି ସାକାର ରୂପ ନେଇଛି । ଏହାର ମହତ୍ତ୍ୱ କେବଳ ରଣନୀତିକ ଗୁରୁତ୍ୱ ଦୃଷ୍ଟିରୁ ନୁହେଁ, ବରଂ ସମ୍ପୃକ୍ତ ଅଞ୍ଚଳର ଅର୍ଥନୀତିକ ବିକାଶ ଏବଂ ପର୍ଯ୍ୟଟନକୁ ପ୍ରୋତ୍ସାହନ ଯୋଗାଇବା ଦୃଷ୍ଟିରୁ ଯଥେଷ୍ଟ । କଟରା-ଶ୍ରୀନଗର ରେଳ ସଂଯୋଗ ଯାନ୍ତ୍ରିକ ବିଦ୍ୟାର ଏକ ସର୍ବଶ୍ରେଷ୍ଠ ଉଦାହରଣ, ଯାହା ମଧ୍ୟରେ ରହିଛି ଚେନାବ ରେଳ ପୋଲ। ଏହା ଆଇଫେଲ ଟାୱାରଠାରୁ ମଧ୍ୟ ଅଧିକ ଉଚ୍ଚତାରେ ନିର୍ମିତ । ଏହି ପୋଲ ସବୁ ପ୍ରକାରର ଚରମ ବିପର୍ଯ୍ୟୟକୁ ସହ୍ୟ କରିବାର କ୍ଷମତା ରଖେ । ପୁନଶ୍ଚ, ଏହି ପ୍ରକଳ୍ପ ମଧ୍ୟରେ ରହିଛି ୟୁଏସବିଆରଏଲ୍ ଟନେଲ ୫୦ (ଟି-୫୦) । ୧୨,୭୭୫ କିଲୋମିଟର ଦୀର୍ଘତା ବିଶିଷ୍ଟ ଏହି ସୁଡ଼ଙ୍ଗ ହେଉଛି ଭାରତର ଦୀର୍ଘତମ ପରିବହନକାରୀ ସୁଡ଼ଙ୍ଗ, ଯାହା ହିମାଳୟର ବାଧାବିଘ୍ନପୂର୍ଣ୍ଣ ଅଞ୍ଚଳରେ ନିର୍ମାଣ କରିବାର ପ୍ରଣାଳୀର ସାକ୍ଷୀ ଭାବରେ ବିଦ୍ୟମାନ। ଏହିଭଳି ଆହୁରି ଅନେକ ବିଶେଷତ୍ୱ ରହିଛି ଉପରୋକ୍ତ ପ୍ରକଳ୍ପର; ଏଥିପାଇଁ ଅନେକ ପର୍ଯ୍ୟାୟରେ ମଧ୍ୟ କାମ କରାଯାଇଛି । ୨୦୨୪ରେ ଏହି ପ୍ରକଳ୍ପର କାମ ସମ୍ପୂର୍ଣ୍ଣ ଭାବରେ ଠିକ୍ ହୋଇଛି କି ନାହିଁ, ତାହା ଜାଣିବା ନିମନ୍ତେ ପରୀକ୍ଷାମୂଳକ ଚଳାଚଳ କରିଥିଲେ ଯାହା ସଫଳ ସାବ୍ୟସ୍ତ ହୋଇଥିଲା। ଏହା ପରେ ଆରମ୍ଭ ହୋଇଥିବା ସର୍ବାଧିକ ଆହ୍ୱାନପୂର୍ଣ୍ଣ ପର୍ଯ୍ୟାୟ ୨୦୨୫ର ଆଦ୍ୟଭାଗରେ, ଯାହା ଏହି ଐତିହାସିକ ପ୍ରକଳ୍ପକୁ ପୂର୍ଣ୍ଣାଙ୍ଗ ରୂପ ପ୍ରଦାନ କରିବା ଲାଗି ଉଦ୍ଦିଷ୍ଟ ଥିଲା । ଏପ୍ରିଲ ୧୯ ତାରିଖରେ କଟର-ଶ୍ରୀନଗର ମଧ୍ୟରେ ବନ୍ଦେ ଭାରତ ଏକ୍ସପ୍ରେସ୍ ଚଳାଚଳ କରିବାର ଉଦ୍‌ଘାଟନ ପରେ କାଶ୍ମୀରକୁ ଯାତ୍ରା କରିବାର ସମୟରେ ହ୍ରାସ ଘଟିବା ସଙ୍ଗେ ସଙ୍ଗେ ଜାମ୍ମୁ ଓ କାଶ୍ମୀରର କଷ୍ଟକର ପଥ ଏବଂ ସ୍ୱପ୍ନାବିଷ୍ଟ କରିଦେବା ଭଳି ଦୃଶ୍ୟପଟରେ ଯାତ୍ରୀମାନଙ୍କର ଯାତାୟାତ ଆରାମଦାୟକ ଓ ସଫଳ ଯାତ୍ରାରେ ପ୍ରମାଣିତ ହେବା ଆଶା କରାଯାଉଛି । ଭାରତୀୟ ରେଳବାଇ ନିମନ୍ତେ ଏହା ହେଉଛି ଏକ ଅବିସ୍ମରଣୀୟ କୃତିତ୍ୱ । ଏହା ମଧ୍ୟ ସମସ୍ତ ପ୍ରକାରର ପ୍ରତିକୂଳତା ସତ୍ତ୍ୱେ ଭିତ୍ତିଭୂମି ବିକାଶ ପ୍ରତି ଦେଶର ପ୍ରତିବଦ୍ଧତାର ପ୍ରମାଣ । ସବୁ ପ୍ରକାରର ପାଣିପାଗ ଅବସ୍ଥାରେ ଯାତାୟାତ କରିହେବା ଭଳି ଏହି ରେଳ ସଂଯୋଗ କାଶ୍ମୀର ଉପତ୍ୟକା ନିମନ୍ତେ ଜୀବନରେଖା କହିଲେ ଅତ୍ୟୁକ୍ତି ହେବନାହିଁ, କାରଣ ଅନେକ ସମୟରେ ଏହି ଅଞ୍ଚଳ ତୁଷାରପାତ ଏବଂ ପ୍ରତିକୂଳ ପାଣିପାଗ ଯୋଗୁଁ ଦେଶର ଅନ୍ୟାନ୍ୟ ଭାଗଠାରୁ ବିଚ୍ଛିନ୍ନ ହୋଇ ଯାଇଥାଏ । ଯେହେତୁ କଟରା-ଶ୍ରୀନଗର ରେଳ ଲାଇନ୍‌ର ଅଧିକାଂଶ ଭାଗ ମାଟି ତଳେ ଗତି କରୁଛି, ତେଣୁ ପରିବହନରେ ବିଶେଷ କିଛି ଅସୁବିଧା ହେବାର ଆଶଙ୍କା ନାହିଁ । ଏହି ପ୍ରକଳ୍ପ ସମ୍ପୃକ୍ତ ଅଞ୍ଚଳର ସମୃଦ୍ଧି ସହିତ ସମଗ୍ର ଦେଶ ପାଇଁ ମଧ୍ୟ ସମୃଦ୍ଧି ବହନ କରି ଆଣିବ ।

## ମାନେକଶା... ଭାରତର ପ୍ରଥମ ଫିଲଡ୍ ମାର୍ସଲ



### ଡକ୍ଟର ତପନ କୁମାର ପାଲ

ଅଦ୍ୟାବଧି ମାତ୍ର ଦୁଇ ଜଣ ଭାରତୀୟ ସେନା ବିଭାଗୀୟ ଉଚ୍ଚ ପଦାଧିକାରୀ ଫିଲଡ୍ ମାର୍ସଲ ପଦବୀକୁ ଉନ୍ନୀତ ହୋଇଥିବା ଜଣାଯାଏ । ସେମାନେ ହେଉଛନ୍ତି ସାମ ହୋମୂସଜୀ ଫ୍ରେମଜୀ ଜାମଶେଦଜୀ ମାନେକଶା ଓ କୋଡ଼ଣ୍ଡେରା ମଡ଼ା କରିଆ । ମାନେକଶା ଭାରତର ପ୍ରଥମ ଫିଲଡ୍ ମାର୍ସଲ । କରିଅପ୍ପା ବୟୋଜ୍ୟେଷ୍ଠ ହୋଇଥିଲେ ହେଁ ଅବସର ଗ୍ରହଣର ପ୍ରାୟ ତିରିଶ ବର୍ଷ ପରେ (୧୯୮୬)ରେ ଫିଲଡ଼ ମାର୍ସଲ ଉପାଧି ପାଇଥିଲେ । ଫିଲଡ୍ ମାର୍ସଲ ମାନେକଶା ସାମ ବାହାଦୂର ଭାବେ ମଧ୍ୟ ଜଣାଶୁଣା । ନିଜର ଚାରି ଦଶନ୍ଧିର ସୈନିକ ଜୀବନରେ ଫିଲଡ୍ ମାର୍ସଲ ମାନେକଶା ପାଞ୍ଚଟି ଯୁଦ୍ଧ ଲଢ଼ି ଥିଲେ । ବ୍ରିଟିଶ ଇଣ୍ଡିଆନ୍ ଆର୍ମି ପକ୍ଷରୁ ସେ ଦ୍ୱିତୀୟ ବିଶ୍ୱ ଯୁଦ୍ଧ ଲଢ଼ିଥିଲେ । ୧୯୬୯ରେ ସେ ଭାରତର ଅଷ୍ଟମ ଚିଫ୍ ଅଫ୍ ଆର୍ମି ଷ୍ଟାଫ୍ ଭାବେ ନିଯୁକ୍ତି ପାଇଥିଲେ ଏବଂ ତାଙ୍କ ନେତୃତ୍ୱରେ ୧୯୭୧ରେ ଭାରତ, ପାକିସ୍ତାନ ଉପରେ ବିଜୟ ହାସଲ କରିଥିଲା । ଏହାର ସୁଫଳ ସ୍ୱରୂପ ବାଙ୍ଗଲାଦେଶ ଜନ୍ମ ହୋଇଥିଲା । ୧୯୭୩ ଜାନୁଆରୀ ପହିଲାରେ ତାଙ୍କୁ ଫିଲଡ୍ ମାର୍ସଲ ଉପାଧିରେ ଭୂଷିତ କରାଯାଇଥିଲା । ଏହାଛଡ଼ା ତାଙ୍କୁ ମିଲିଟାରୀ କ୍ରସ୍, ପଦ୍ମ ଭୂଷଣ, ଓ ପଦ୍ମ ବିଭୂଷଣ ମଧ୍ୟ ପ୍ରଦାନ କରାଯାଇଥିଲା । ଦ୍ୱିତୀୟ ବିଶ୍ୱଯୁଦ୍ଧ ବେଳେ ବର୍ମାରେ ଜାପାନୀ ସେନା ସହ ଲଢ଼ୁଥିବା ବେଳେ ତାଙ୍କ ପେଟରେ ମେସିନ୍ ଗନ୍‌ର ଗୁଳି ବାଜିଥିଲା ଏବଂ ସେ ଗୁରୁତର ଭାବେ ଆହତ ହୋଇଥିଲେ । ବ୍ରିଟିସ ସେନା ପକ୍ଷରୁ ଯୁଦ୍ଧ ପରିଚାଳନା କରୁଥିଲେ ମେଜର୍ ଜେନେରାଲ ଡିଟି କୋୱାନ୍। ମାନେକଶାଙ୍କ ଅବସ୍ଥା ଓ ତାଙ୍କ ଦମ୍ଭ ଦେଖି ସେ ସଙ୍ଗେ ସଙ୍ଗେ ରଣାଙ୍ଗନରେ ହିଁ ତାଙ୍କୁ ମିଲିଟାରୀ କ୍ରସ ପ୍ରଦାନ କରି କହିଥିଲେ ମୃତ ସୈନିକକୁ ଏହା ଦିଆଯାଏ ନାହିଁ । ନିଅ, ଜୀବନ ଥାଉ ଥାଉ ଗ୍ରହଣ କର । ହେଲେ ସେ ବର୍ତ୍ତି ଯାଇଥିଲେ ।

ତାଙ୍କ ବ୍ୟକ୍ତିଗତ ପରିଚାରକ ଶେର ସିଂହ ଗୋଳା ବର୍ଷକୁ ଖାତିର ନକରି, ତାଙ୍କୁ ରେଙ୍ଗୁନସ୍ଥିତ ସେନା ହସ୍‌ପିଟାଲରେ ପହଞ୍ଚାଇଥିଲେ । ସେଠାରେ ଡାକ୍ତରମାନେ ମାନେକଶାଙ୍କ ପେଟ, ଫୁସ୍‌ଫୁସ୍, ବୃକକ୍ ଆଦିରୁ ସାତଟି ଗୁଳି ବାହାର କରିଥିଲେ । ଅସ୍ତ୍ରୋପଚାର ବେଳେ କ'ଣ ହୋଇଛି ପଚାରିବାରୁ ସେ କହିଥିଲେ ଗଧଟିଏ ନାତ ମାରିଦେଇଛି । ଫିଲଡ୍ ମାର୍ସଲ ମାନେକଶା ଥିଲେ ଗୁଜୁରାଟ ଅନ୍ତର୍ଗତ ବଲ ସହରର ମୂଳ ବାସିନ୍ଦା । ତାଙ୍କ ପିତା ଥିଲେ ଜଣେ ପାରସୀ ଡାକ୍ତର । ସେ ପଞ୍ଜାବର ଅମୃତସରରେ କାମ କରୁଥିଲେ। ଫିଲଡ୍ ମାର୍ସଲ ମାନେକଶା ପ୍ରଥମେ ପିତାଙ୍କ ପରି ଡାକ୍ତର ହେବାକୁ ଚାହୁଁଥିଲେ। ହେଲେ ଲଣ୍ଡନରେ ଡାକ୍ତରୀ ପଢ଼ିବା ପାଇଁ ପିତା ଅନୁମତି ନ ଦେବାରୁ କାହାକୁ କିଛି ନକହି ଦେହରାଦୂନର ଇଣ୍ଡିଆନ୍ ମିଲିଟାରୀ ଏକାଡ଼େମୀରେ ଭର୍ତ୍ତି ହୋଇଥିଲେ । ଭାରତୀୟ ସେନାର ଅପୂର୍ବ ବୀରତ୍ୱ ଗାଥାର ମୂର୍ତ୍ତିମନ୍ତ ପ୍ରତୀକ ଥିଲେ ମାନେକଶା। ତାଙ୍କ ଜୀବନ କାଳ ଭିତରେ ପ୍ରତିକୂଳତା ସହ ଲଢ଼େଇ କରି ଭାରତ ବିଜୟର ଜୟଯାତ୍ରାକୁ ସେ ଯେଉଁ ସ୍ଥାନକୁ ନେଇଛନ୍ତି ତାହା ବର୍ତ୍ତମାନର ସମୟରେ ଚିନ୍ତାର ବାହାରେ। ସୀମାନ୍ତ କ୍ଷେତ୍ରଠାରୁ ହିମ ବରଫ କ୍ଷେତ୍ର ବା ମରୁ ଅଞ୍ଚଳ ସବୁଠାରେ ସେନାବାହିନୀର ପରାକ୍ରମର ଯେଉଁ କାହାଣୀ ଗାଥା ଜଡ଼ିତ ସେ ସବୁ ପଛରେ ସ୍ମରଣୀୟ ସ୍ମୃତି କିନ୍ତୁ ସମସ୍ତଙ୍କର ରହିଛି ପ୍ରାତଃ ବନ୍ଦନୀୟ ମାନେକଶାଙ୍କ ପାଖରେ। ଆମ ଭାରତର ସେନାବାହିନୀର ବିଭିନ୍ନ କମାଣ୍ଡ କ୍ଷେତ୍ରର ଯୁଦ୍ଧ ସ୍ମାରକୀ, ଜାତୀୟ ସଂଗ୍ରାହାଳୟ ଓ ପ୍ରତିରକ୍ଷା ସଂଗ୍ରହାଳୟରେ ମାନେକଶାଙ୍କ ସ୍ମୃତି ଓ ତାଙ୍କ ବ୍ୟବହୃତ ସେନା ସରଞ୍ଜାମ ପ୍ରଦର୍ଶିତ ହେଉଛି। ଭାରତୀୟ ସେନାବାହିନୀ ପକ୍ଷରୁ ତାଙ୍କ ବୀରତ୍ୱ ଗାଥାକୁ ନେଇ ପ୍ରାମାଣିକ ଚିତ୍ର ବି ପ୍ରସ୍ତୁତ ହୋଇଛି। ୧୯୧୪ ଏପ୍ରିଲ ୩ ତାରିଖ ଦିନରେ ଅମୃତସରରେ ସେ ଜନ୍ମ ହୋଇଥିଲେ ।


ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ, ଷ୍ଟାଫ କଲୋନୀ, ଦେଉଳ ସାହି,
ତୁଳସୀପୁର, କଟକ,
ମୋ:୯୯୩୭୬୫୮୩୬୨


## ସମାଜ ହିତ ସାଧନେ



### ଶିବ ପ୍ରସାଦ ବାହିନୀପତି

ସମାଜର ହିତ - ସାହିତ୍ୟ; ଏକଥା ସର୍ବତ୍ର ବିଦିତ ଅଟେ । ଉଜ୍ଜ୍ୱଳ ସଭ୍ୟତାକୁ ପ୍ରତିପାଦିତ କରେ ସାହିତ୍ୟ । କୌଣସି ବ୍ୟକ୍ତିର ଜ୍ଞାନର ବୌଦ୍ଧିକ ବିକାଶ ସାଧନ ସାହିତ୍ୟ ମାଧ୍ୟମରେ ହୁଏ । ଜୀବନକୁ ଠିକ୍ ଭାବେ ଗଢ଼ି ତୋଳିବାରେ ସାହିତ୍ୟର ଭୂମିକା ଅତୁଳନୀୟ । ଜୀବନର ପ୍ରତି ପାଦରେ ସାହିତ୍ୟ ନିହିତ । କାବ୍ୟ, କବିତା, ଗଳ୍ପ, ପ୍ରବନ୍ଧ ଓ ନିବନ୍ଧ ମାଧ୍ୟମରେ ସାହିତ୍ୟର ପ୍ରଚାର ପ୍ରସାର ସମାଜର ହିତ ସାଧନେ ବିନିଯୋଗ। ସାହିତ୍ୟର କୌଣସି ନିର୍ଦ୍ଦିଷ୍ଟ ଭାଷା କି ଜାତି ନଥାଏ । ଯେକୌଣସି ଭାଷାରେ ଓ ଯେକୌଣସି ଜାତି ସମାଜର ହିତାର୍ଥେ ସାହିତ୍ୟକୁ ବ୍ୟବହାର କରିପାରିବ। ସମାଜ ସହିତ ଯେ ଅଙ୍ଗାଙ୍ଗୀ ଭାବେ ଜଡ଼ିତ, ସେ ସାହିତ୍ୟ ।

ଏତେ ସହଜରେ ଜଣେ ସାହିତ୍ୟ ସାଧକ ହୋଇପାରେନା । ସାହିତ୍ୟକୁ ସାଧିବାକୁ ହେଲେ ସେତିକି ନିଷ୍ଠା ଦରକାର; ଅକ୍ଲାନ୍ତ ଶ୍ରମ ଦରକାର । ସାହିତ୍ୟିକ ଟିଏ ହେବାକୁ ହେଲେ ମନ, ବିବେକ, ଚରିତ୍ରକୁ ଏକଠୁଳ କରିବାକୁ ପଡ଼ିବ । ନିଜର ଅନ୍ତର୍ନିହିତ ଜ୍ଞାନକୁ ବିକଶିତ କରିବାକୁ ପଡ଼ିବ। କର୍ତ୍ତବ୍ୟପରାୟଣତା, ସମୟାନୁବର୍ତ୍ତିତା ହେବା ସଙ୍ଗେ ସଙ୍ଗେ ସହନଶୀଳତାକୁ ବୃଦ୍ଧି କରିବାକୁ ପଡ଼ିବ । ସତ୍ୟବାଦୀ, ନ୍ୟାୟବନ୍ତ, ଧର୍ମପରାୟଣା ନହେଲେ ସାହିତ୍ୟିକ ହେବା ଏତେଟା ସରଳସାଧ୍ୟ ନୁହେଁ। ସାହିତ୍ୟ ସମାଜର ଦର୍ପଣ; ସମାଜର ପ୍ରତିଛବିକୁ ସାହିତ୍ୟରେ ପ୍ରତିଫଳିତ କରିବାକୁ ହେଲେ ସାଧନା ଦରକାର ।

ବିଭିନ୍ନ ଭାଷା ସାହିତ୍ୟ ଆଜି କେତେ ଉଚ୍ଚକୋଟୀର ହୋଇଥିବା ବେଳେ ଆମ ଓଡ଼ିଆ ସାହିତ୍ୟ ଆଜି ବି ଧରାଶାୟୀ। କାରଣ କ'ଣ ଜାଣନ୍ତି କି ? କାରଣ ସ୍ୱାର୍ଥ, ହିଂସା, ଅହଂଭାବ ହିଁ ଆମ ସାହିତ୍ୟକୁ ନିକୃଷ୍ଟ କରିଦେଉଛି । ସମାଜର ବୌଦ୍ଧିକ ବିକାଶରେ ଏହି ସବୁ ସୃଷ୍ଟି କରୁଛି ବାଧା। ଓଡ଼ିଆ ଭାଷାରେ ଏକ ପ୍ରବାଦ 'ଓଡ଼ିଶା କଙ୍କଡ଼ା' ସଂଜୀବ ହୋଇ ସମଗ୍ର ଓଡ଼ିଶା ପ୍ରଦେଶରେ ଘୁରି ବୁଲୁଛି । ଜଣେ ଉପରକୁ ଉଠୁଛି ତ, ତା'ର ଟାଙ୍ଗକୁ ଟାଣି ଦିଅ । ପଡ଼ିଯାଉ ତଳେ ; ତା'ର ପତିତ ଶରୀର ଉପରେ ପାଦ ଥାପି ଆମେ ଉପରକୁ ଉଠିଯିବୁ । ଏଭଳି ମାନସିକ ରୋଗୀ ସମାଜ ତଥା ଓଡ଼ିଆ ସାହିତ୍ୟର ସାଧକ ନା ହିଂସ୍ରକ ବୁଝିବାକୁ ଆଉ ବାକି ନାହିଁ ।

ସାହିତ୍ୟିକ ହୋଇ ସାହିତ୍ୟିକ ପ୍ରତି ହିଂସା ମନୋଭାବ ପୋଷଣ ନିଜକୁ ମାନସିକ ରୋଗୀ ବୋଲି ପରିଚିତ କରାଏନି କି ? ଓଡ଼ିଆ ସାହିତ୍ୟର ବିକାଶ ତଥା ସମାଜର ବିକାଶକୁ ଦେଖି ଅସହ୍ୟବୋଧ ବ୍ୟକ୍ତି କେବେ ସାହିତ୍ୟିକର ଆସନ ଅଳଙ୍କୃତ କରିପାରେନି । ଉପଦେଶ ଦେବା ଅପେକ୍ଷା ଉପଦେଶକୁ ପାଳନ କରିବା ବ୍ୟକ୍ତି ହିଁ ମହାନ୍ । ଅନ୍ୟକୁ ଉଚିତ୍ ବାଟ ଦେଖାଉଥିବା ବ୍ୟକ୍ତି ନିଜେ ଉଚିତ୍ ପଥର ପଥିକ କି ନୁହେଁ ନିଜକୁ ନିଜେ ପରଖିବା ଉଚିତ। ଶାଳୀନତା ରକ୍ଷା କରିବାକୁ କହୁଥିବା ଲୋକ ନିଜେ ନିଜର ଶାଳୀନତାକୁ ବଜାୟ ରଖିବା ସର୍ବାଦୌ ଆବଶ୍ୟକ । ଓଡ଼ିଆ ଭାଷାର ଏକ ଲୋକକଥା 'ନାନୀ ଗଲା ଦିଅଁ ଦେଖି, ମୁଁ ଯିବି ଦିଅଁ ଦେଖି' ଭଳି ନୀତିରେ ଅନୁପ୍ରାଣୀତ ହେବା ସାହିତ୍ୟ ସାଧନା ନୁହେଁ। ହିଂସା ହିଁ ନିଜର ଯଥୋଚିତ ସାଧନାକୁ ନିମ୍ନଗାମୀ କରିଦିଏ । ସାହିତ୍ୟ ମାଧ୍ୟମରେ ସମାଜକୁ ଦିଗ୍‌ଦର୍ଶନ ଦେବା ପୂର୍ବରୁ ନିଜେ ସେ କାମ କରି ସମାଜ ଲୋଚନେ ପ୍ରତିଫଳିତ କରିବାକୁ ହେବ । ମୋହନ ଦାସ କରମଚାନ୍ଦ ଗାନ୍ଧୀ 'କୁଟି ଖାଅ - କାଟି ପିନ୍ଧ'ର ନାରା ଦେଉଥିଲେ ଏବଂ ନିଜେ ବି ଅର୍ଥରେ ସୂତା କାଟି ଲୁଗା ବୁଣି ପିନ୍ଧିବା ସହ ଢ଼ିଙ୍କିରେ ଧାନ କୁଟି ଚାଉଳ କରି ଖାଉଥିଲେ । ସୁବାର୍ତ୍ତା ପ୍ରଦାନ ପୂର୍ବରୁ ନିଜେ ସେ ବାର୍ତ୍ତାକୁ ପ୍ରଥମେ ପାଳନ କରି ଦେଖାଇବା ଉଚିତ। କସ୍ତୁରବା ସ୍ୱାସ୍ଥ୍ୟ ଖରାପ ହେବା ପରେ ଗାନ୍ଧୀ ତାଙ୍କୁ ଲୁଣ ଖାଇବାକୁ ବାରଣ କରିବାରୁ ଧର୍ମପତ୍ନୀ 'ନିଜେ ଆଗ ଲୁଣ ଖାଇବା ଛାଡ଼ନ୍ତୁ' ବୋଲି କହିଲେ । ଗାନ୍ଧିଜୀ ତା'ପରେ ଜୀବନର ଅବଶିଷ୍ଟ ସମୟତକ ଅଲଣା ଭୋଜନରେ ବିତାଇ ଦେଇଥିଲେ ।

ଈଶ୍ୱର ଚନ୍ଦ୍ର ବିଦ୍ୟାସାଗର ଦିନେ ରାସ୍ତାରେ ଯାଉଥିବା ବେଳେ ଜଣେ ଛୋଟ ପିଲା ତାଙ୍କୁ ଭିକ୍ଷା ମାଗିବାରୁ ସେ ତାଙ୍କୁ ପ୍ରଶ୍ନଟିଏ କରିଥିଲେ । ପ୍ରଶ୍ନଟି ଥିଲା - 'ମୁଁ ତତେ ଯଦି ଟଙ୍କାଟିଏ ଦିଏ, ତୁ କ'ଣ କରିବୁ ?' ଉତ୍ତର ଥିଲା - 'ପଚାଶ ପଇସାର ଘରକୁ ସଉଦା ନେବି, ଆଉ ବାକି ପଚାଶ ପଇସାରୁ କୋଡ଼ିଏ ପଇସା ଚଣା କିଣି ଖାଇବି । ତିରିଶି ପଇସା ମାଆକୁ ଦେବି ।' ଈଶ୍ୱର ଚନ୍ଦ୍ର ପୁଣି ପ୍ରଶ୍ନ କଲେ 'ଯଦି ମୁଁ ତତେ ଦୁଇ ଟଙ୍କା ଦିଏ ?' ଉତ୍ତର ଥିଲା - 'ଗୋଟାଏ ଟଙ୍କା ଏ ବାଟରେ ଖର୍ଚ୍ଚ କରିବା ପରେ ବାକି ଟଙ୍କାରେ ଦୋକାନ କରିବି ।' ବିଦ୍ୟାସାଗର ପିଲାଟିକୁ ଦୁଇ ଟଙ୍କା ଦେଇଥିଲେ ଓ ସେଠାରୁ ଚାଲି ଯାଇଥିଲେ । କିଛିଦିନ ପରେ ସେହିବାଟେ ପୁନର୍ବାର ଯିବା ବେଳେ ସେହି ପିଲାଟି ତାଙ୍କୁ ଦେଖି ତାଙ୍କ ପାଦତଳେ ଲୋଟିଗଲା । ବିଦ୍ୟାସାଗର ତାକୁ ତୋଳି ଆଣି ପରିଚୟ ପଚାରିବାରୁ ସେ ଜାଣି ପାରିଲେ ସେଦିନ ଦୁଇ ଟଙ୍କା ନେଇଥିବା ପିଲାଟି ଆଉ କେହି ନୁହେଁ; ଖୋଦ୍ ଏଇ ପିଲା । ସେହି ଦୁଇ ଟଙ୍କାରୁ ତା'ର ଦୁଇ ହଜାର ଟଙ୍କାର ଜଳଖିଆ ଦୋକାନ । ଈଶ୍ୱର ଚନ୍ଦ୍ର ବିଦ୍ୟାସାଗର ଦେଇଥିବା ଦୁଇ ଟଙ୍କାର ସାର୍ଥକତାକୁ ଏବଂ ପିଲାଟିର ଅଧ୍ୟବସାୟ ନିଷ୍ଠା ତା'ର ସାର୍ଥକତାକୁ ହୃଦୟଙ୍ଗମ କଲେ । ତେବେ ଜଣେ ଆନ ଜଣକୁ ଏତେ ଘୃଣା ଓ ହିଂସା କାହିଁକି ? ଯଦି ସେଦିନ ଈଶ୍ୱର ଚନ୍ଦ୍ର ଭିକାରୀ ଭାବି ତାକୁ କଡ଼େଇ ଚାଲି ଯାଇଥା'ନ୍ତେ ତେବେ ସେ କ'ଣ ଆଜି ଭିକାରୀରୁ ବଣିକ ହୋଇପାରିଥା'ନ୍ତା କି ? ଯଦି ଆମର ଏକ କ୍ଷୁଦ୍ର ସହଯୋଗରେ କାହାର ବିରାଟ ଉପକାର ହୋଇପାରୁଛି; ତେବେ ସହଯୋଗ କରିବାରେ ଅସୁବିଧା କ'ଣ ? ଏ ମନୋଭାବ ମଣିଷକୁ ଉଚ୍ଚାସନରେ ବସାଇଦିଏ ; କିନ୍ତୁ ହିଂସା ଓ ଅହଂଭାବ ମଣିଷକୁ ଅମାନବିକତାର ପରିଚୟ ପ୍ରଦାନ କରେ ।

'ମୁଁ କରିଛି ; ମୋ'ର ଲାଗି ସମ୍ଭବ' ଏସବୁ ବାକ୍ୟ ଅହଂଭାବର ପ୍ରତୀକ । ନିଜ ଅହଙ୍କାର ନିଜକୁ ଗୋଡ଼ାଇ ଖାଏ ; ତେଣୁ ସାହିତ୍ୟିକର ଧର୍ମ ଅହଙ୍କାର ବର୍ଜନ ଓ ହିଂସାର ଶତ୍ରୁ । ହିଂସା, ଅହଙ୍କାର ସହ ଶତ୍ରୁତା କରି ପାରିଲେ ସମାଜ ସାହିବ ମିତ୍ର । ନିଜର ଅହଂଭାବରୁ ହୁଏ ମର୍ଯ୍ୟାଦା ହାନୀ ଓ ମର୍ଯ୍ୟାଦାହାନୀରୁ ହିଂସା। ଶେଷରେ ଆପଣାର ପତନ ହୁଏ । ତେଣୁ ଏ ସବୁଠୁ ଦୂରରେ ରହିବା ସାହିତ୍ୟ ଅନୁରାଗୀ ସାହିତ୍ୟିକର ଧର୍ମ ଅଟେ। ସମୂହ ସ୍ୱାର୍ଥକୁ ଆଖି ଆଗରେ ଥାପି ସାହିତ୍ୟ ସାଧନାରେ ବ୍ରତୀ ହେଲେ ଜଣେ ଦକ୍ଷ ସାହିତ୍ୟିକର ମାନ୍ୟତା ପାଏ ; ନିଜର ସ୍ୱାର୍ଥ ଦେଖୁଥିବା ଲୋକକୁ ସାହିତ୍ୟିକ ନୁହେଁ ବରଂ ସ୍ୱାର୍ଥବାଦୀର ଆଖ୍ୟା ମିଳିଥାଏ । କିଛି ଗୋଟେ ଗାଧେଇ ଦେଲେ ଯେ ତାହା ସାହିତ୍ୟ ; ଏକଥା ଭାବିବା ଭୁଲ୍ । ଆଗରୁ କହିଛି ଆଉ ଏବେ ବି କହୁଛି ; ଯଥା ନିଷ୍ଠା, ଜ୍ଞାନ ଓ ଅଧ୍ୟବସାୟର ଶ୍ରମଦାନ ନିହାତି ଦରକାର । ଜଣେ ଯେ କେବଳ ଉଚ୍ଚଶିକ୍ଷିତ ବ୍ୟକ୍ତି ସାହିତ୍ୟିକ ପଦବାଚ୍ୟ ହେବ ଏକଥା ଭାବୁଥିବା ବ୍ୟକ୍ତିବିଶେଷ ନିଜ ମୂର୍ଖାମିର ପରିଚୟ ପ୍ରଦାନ କରନ୍ତି । ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପଢ଼ିଥିବା କବି ଗଙ୍ଗାଧର ମେହେର ପ୍ରକୃତିକବିର ଆଖ୍ୟା ପ୍ରାପ୍ତ; ମହାବିଦ୍ୟାଳୟ, ବିଶ୍ୱ ବିଦ୍ୟାଳୟରେ ଯାହାର ଲେଖା ଆଜି ପରିବ୍ୟାପ୍ତ ।

ସନ୍ଥକବି ଭୀମ ଭୋଇ ଅନ୍ଧ ହୋଇ ବି ଆମ ଓଡ଼ିଆ ସାହିତ୍ୟକୁ ତାଙ୍କର ଅବଦାନ ଅତୁଳନୀୟ । ସମାଜ ପାଇଁ ନିଜକୁ ସମ୍ପୂର୍ଣ୍ଣ ରୂପେ ଉତ୍ସର୍ଗୀକୃତ କରିଦେଇଥିଲେ ସନ୍ଥକବି ମହୋଦୟ । ତାଙ୍କ ଲେଖନୀ ମୂନରୁ ଝରି ପଡ଼ିଥିଲା କବିତାଟିଏ ; ଯାହା ଆଜି ଜାତିସଂଘର କାନ୍ଥରେ ଚିତ୍ରିତ ହୋଇ ଅଦ୍ୟାବଧି ଅବସ୍ଥିତ । ତାହା ହେଲା :-

'ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ  
ଦେଖୁ ଦେଖୁ କେବା ସହୁ  
ମୋ' ଜୀବନ ପଛେ ନର୍କେ ପଡ଼ିଥାଉ  
ଜଗତ ଉଦ୍ଧାର ହେଉ।'

ପ୍ରକୃତିକବି ଗଙ୍ଗାଧର ମେହେର କେବଳ ବଲ୍ଲୀ ପ୍ରକୃତି ନୁହେଁ ; ସମାଜର ପ୍ରକୃତିର ଚିତ୍ରକୁ ବି ନିଜ କାବ୍ୟ କବିତାରେ ଅଙ୍କନ କରି ଯାଇଛନ୍ତି। ସ୍ୱଳ୍ପ ଶିକ୍ଷିତ ହୋଇ ବି କାଳଜୟୀ ରଚନା ତାଙ୍କୁ ସଦା ଜୀବିତ ରଖିଛି । ନିଜ ମାତୃଭୂମି ପ୍ରତି ତାଙ୍କର ଅହେତୁକ ଭଲପାଇବା; ଏକ ସୁନ୍ଦର ମାତୃ ପ୍ରେମର ନିଦର୍ଶନ । ମାତୃଭୂମି କବିତାର ଗୋଟିଏ ପଦ ସାରା ସମାଜରେ ଆନ୍ଦୋଳିତ ହୁଏ -

'ମାତୃଭୂମି ମାତୃ - ଭାଷାରେ ମମତା  
ଯା' ହୃଦେ ଜନମି ନାହିଁ  
ତାକୁ ଯଦି ଜ୍ଞାନୀ ଗଣରେ ଗଣିବା  
ଅଜ୍ଞାନ ରହିବେ କାହିଁ ?'

ତେଣୁ ଏଠି ସାମୂହିକ ସ୍ୱାର୍ଥର କଥା ଆସେ । ନିଜର ସ୍ୱାର୍ଥକୁ ଜଳାଞ୍ଜଳି ଦେଇ ପାରିଲେ ଜଣେ ସୁସାହିତ୍ୟିକ ପଦବାଚ୍ୟ ହୁଏ । ଉତ୍କଳମଣି ଗୋପବନ୍ଧୁଙ୍କ ଭାଷାରେ-

'ମିଶୁ ମୋର ଦେହ ଏ ଦେଶ ମାଟିରେ  
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ  
ଦେଶର ସ୍ୱରାଜ ପଥେ ଯେତେ ଗାଡ଼  
ପୁରୁ ତହିଁ ପଡ଼ି ମୋର ମାଂସ ହାଡ଼।'

ଆଗରୁ ଆମ ଓଡ଼ିଆ ସାହିତ୍ୟ କେତେ ଉଚ୍ଚମନା, ନିଃସ୍ୱାର୍ଥପର ଓ ଉଚ୍ଚକୋଟୀର ଥିଲା ଇତିହାସ ପୃଷ୍ଠା କହେ। ଏବେ ସେ ସବୁ ଆଉ ନାହିଁ । କେଇଟା ଟଙ୍କାରେ ସାହିତ୍ୟ ସାଜିଛି ପଣ୍ୟଦ୍ରବ୍ୟ ; ଶସ୍ତା ସୁନ୍ଦର। କିନ୍ତୁ ମଜ୍‌ବୁତ୍ ନୁହେଁ । ସାହିତ୍ୟକୁ ନେଇ ଚାଲିଛି ଅଙ୍କକଷା ଆଉ ଲାଭଖୋରର ବେପାର ; ତୁଚ୍ଛା ସମ୍ମାନ ଆଶାରେ ପ୍ରତ୍ୟହ ଅବିରତ ନାଁ ଧଉଡ଼ । କଥାରେ ଅଛି 'ଟଙ୍କା, ମୁହଁ କରେ ବଙ୍କା।' ଟଙ୍କା ଫିଙ୍ଗିଲେ ସ୍ୱର୍ଣ୍ଣଲଙ୍କା ବି କ୍ରୟ କରିହେବ; ଏ କଥାକୁ ବାସ୍ତବରେ ରୂପ ଦେଇଛନ୍ତି ଆଜିକାଲିର ଶସ୍ତା ସାହିତ୍ୟିକ ମାନେ । 'ଅର୍ଥ ହିଁ ଅନର୍ଥର ମୂଳ'; ଏକଥା ବୋଧେ ତାଙ୍କୁ ଅଜ୍ଞାତ । ସେତେବେଳର ସାହିତ୍ୟ ଓ ଏବେକାର ସାହିତ୍ୟ ଭିତରେ ଆକାଶ ପାତାଳ ପ୍ରଭେଦ ପରିଲକ୍ଷିତ । ଇଣ୍ଟରନେଟ ଯୁଗରେ ସାହିତ୍ୟର ବିକାଶ ବଦଳରେ ବିନାଶ ଚାଲିଛି । ଆମ୍ଭ ଓଡ଼ିଆ ଭାଷାକୁ ପଙ୍ଗୁ, ଅଥର୍ବ ସଜେଇବା ପାଇଁ କେତେଜଣ ମୁଷ୍ଟିମେୟ ଶସ୍ତା ସାହିତ୍ୟିକଙ୍କର କାର୍ଯ୍ୟକଳାପ କଳଙ୍କମୟ ଇତିହାସ ସର୍ଜନାର ସୂଚନା ପ୍ରଦାନ କରୁଛି। ସୋସିଆଲ ମିଡ଼ିଆର ହ୍ୱାଟ୍ସଆପ୍, ଫେସବୁକ, ଟ୍ୱିଟରରେ ଛତୁ ଫୁଟୁଛନ୍ତି ଶସ୍ତା ସାହିତ୍ୟିକ । ସାହିତ୍ୟ ସଭାରେ ବାହାନାରେ ଲୁଟି ଚାଲିଛନ୍ତି ଅର୍ଥ ; ରାତିଏରେ ଛତିଏ ଉପାର୍ଜନ । ଗୋଟିଏ ଶସ୍ତା ଛପା କାଗଜ ଧରେଇ ଦେଇ କିମ୍ବା କାଚ ଦରମାରେ ବନ୍ଦି ଶସ୍ତା ମାନପତ୍ର ଧରେଇ ଦେଇ ହଜାର ହଜାର ଅର୍ଥ ଉପାର୍ଜନ ଅତି ସହଜ ଉପାୟରେ । ରାଜନୀତିର ପଶାପାଲିରେ ବଳି ପଡ଼ିଛି ସାହିତ୍ୟ । ସାହିତ୍ୟ ମଞ୍ଚରେ ସାହିତ୍ୟିକ ବଦଳରେ ରାଜନେତା, କୁଳିନେତା, ଲକ୍ଷ ପତି ଓ କୋରଡ଼ପତି ମଞ୍ଚାସୀନ । ମଞ୍ଚ ମଣ୍ଡନ ପାଇଁ ଅର୍ଥର ବର୍ଷା; ବାଃ ! ଏଇ ହେଉଛି ସାହିତ୍ୟ ! କଥାରେ ଅଛି - 'ପିମ୍ପୁଡ଼ି ରୁଖାରେ ଚଢ଼ିଗଲେ ଭାବେ ମୁଁ ସ୍ୱର୍ଗରେ ଚଢ଼ିଛି ।' ଏହି କଥାକୁ ପ୍ରତିପାଦିତ କରି ଚାଲିଛନ୍ତି କିଛି ଶସ୍ତା ସାହିତ୍ୟିକ । ତ୍ରୁଟିଶୂନ୍ୟ ଭାବରେ ଓଡ଼ିଆ ଭାଷା ଲେଖି ପାରୁନଥିବା କି କହି ପାରୁନଥିବା ଶସ୍ତା ସାହିତ୍ୟ ରଚକ ମଞ୍ଚାସୀନ ସାହିତ୍ୟ ମଞ୍ଚରେ ।

ନିଜର ଯଦି ଦକ୍ଷତା ଅଛି ତେବେ ପାଠକ, ଦର୍ଶକ ଓ ଅନୁଭବୀ ମାନେ ତୁମର ଗୁଣଗାନ କରିବେ ଏବଂ ଯଥୋଚିତ ସମ୍ମାନ ପ୍ରଦାନିବେ । 'ମାଗି ଓଲିଗି ଯାଉଚି ସମ୍ମାନ'ର ମୂଲ୍ୟ ବା କ'ଣ ? ଟଙ୍କା ଦେଇ ସବୁ କିଣି ହୁଏ ; କିନ୍ତୁ ସ୍ନେହ, ଶ୍ରଦ୍ଧା, ଭଲପାଇବା ଏବଂ ଶାଶ୍ୱତ ପ୍ରେମ ପ୍ରାପ୍ତ କରିବାକୁ ହେଲେ ସେତିକି ନିଷ୍ଠା ଓ ସାଧନା ସହିତ ସମାଜକଢ ସ୍ନେହ, ଶ୍ରଦ୍ଧା ଓ ଭଲପାଇବା ଦେବାକୁ ହେବ; ସମସ୍ତଙ୍କୁ ପ୍ରେମରେ ବାନ୍ଧି ରଖିବାକୁ ହେବ । ଟଙ୍କା ଫିଙ୍ଗି ସମ୍ମାନ କିଣି ହୁଏନି ; କିନ୍ତୁ ଆଜିକାଲି ଯୋଉ ସମ୍ମାନ ବିକ୍ରିବଟା ଚାଲିଛି ତାହା ମିଛ ସମ୍ମାନ କହିଲେ ଅତ୍ୟୁକ୍ତି ହେବନି । 'ମତେ ଦିଅ ମୁଁ ଦେବି' ଏହି ନ୍ୟାୟରେ ସାହିତ୍ୟ ଚାଲିଛି ଏବେ । ମତେ କିଏ ମାନପତ୍ରଟେ ଦେଇଛି ମୁଁ ତାକୁ ମାନପତ୍ରଟିଏ ଦେବି ; ଏ ନୀତି ସାହିତ୍ୟକୁ ଶସ୍ତା କରିଦେଉନାହିଁ କି ? ପ୍ରକୃତ ସାହିତ୍ୟ ଏଠି ବଳି ପଡ଼ିଯାଉନାହିଁ କି ? ନବାଗତ ସାହିତ୍ୟିକଙ୍କୁ ଉତ୍ସାହ କରିବା ବଦଳରେ ତାଙ୍କୁ ନିରୁତ୍ସାହିତ କରିବା କେତେଦୂର ଯଥାର୍ଥ ? ଏଠି ତ ଚାଲିଛି ମୁହଁ ଦେଖା ସାହିତ୍ୟ, ସାହିତ୍ୟ ସହିତ ରାଜନୀତିକୁ ଯୋଡ଼ି କଳଙ୍କମୟ ଇତିହାସର ସର୍ଜନା । ଖାଲି ପଦବୀ ମଣ୍ଡନ କରିବା ପାଇଁ ଆସ୍ପର୍ଦ୍ଧା ଫୁଟି ଉଠୁଛି ; ପ୍ରକୃତ ଭାଷା ସାହିତ୍ୟ କିନ୍ତୁ ଅବହେଳିତ ।

ପ୍ରକୃତ ସାହିତ୍ୟିକ ପଦପଦବୀ ଆଶାୟୀ ହେବା ଅନୁଚିତ। ସାହିତ୍ୟ ସାଧନାରେ ପଦପଦବୀର ଆବଶ୍ୟକତା ନଥାଏ । ପ୍ରକୃତ ସାହିତ୍ୟିକ ସାହିତ୍ୟ ସାଧନାର ଲକ୍ଷ୍ୟ ନେଇ ଆଗେଇ ଚାଲିଥାଏ । ଏଠି ମନେ ରଖିବାର କଥା ଯେ କବି ମାନଙ୍କ ଗହଣରେ ବସିବାର ଯେଉଁ ଶାନ୍ତି ଥାଏ , ମଞ୍ଚରେ ମଞ୍ଚାସୀନ ହୋଇ ତୁଚ୍ଛା ସମ୍ମାନ ପ୍ରାପ୍ତିରେ ସେ ଶାନ୍ତି ନଥାଏ । ଯିଏ ତୁଚ୍ଛା ସମ୍ମାନ ପାଇଁ ମଞ୍ଚାସୀନ ହେବାର ଆଶା ରଖନ୍ତି ସେମାନେ ପ୍ରକୃତ ସାହିତ୍ୟିକ ନୁହଁନ୍ତି । ପ୍ରକୃତ ସାହିତ୍ୟିକ ସିଏ ; ଯିଏ ସାହିତ୍ୟ ସାଧନାରେ ସଦାସର୍ବଦା ବ୍ରତୀ ଏବଂ ସମ୍ମାନର ଆଶା ନ ସଞ୍ଚିତ ନିଜ କର୍ମରେ ଲିପ୍ତ ଥାଏ ।

ମାତୃଭାଷା ମାତୃଭୂମି ପ୍ରତି ଅହେତୁକ ମମତା ହିଁ ମଣିଷକୁ ଉଚ୍ଚାସନ ପ୍ରଦାନ କରେ । କବି ଗଙ୍ଗାଧରଙ୍କ ଭାଷାରେ:-

'ଉଚ୍ଚ ହେବା ପାଇଁ  
କର ଯେବେ ଆଶା  
ଉଚ୍ଚ କର ଆଗେ ନିଜ  
ମାତୃଭାଷା।'

ତେଣୁ ମୁଁ ବଡ଼, ମୁଁ ବଡ଼ ବୋଲି ଗର୍ଜନ କରିଲେ କେହି କେବେ ବଡ଼ ହୋଇଯାନ୍ତି । ବଡ଼ ହେବା ପାଇଁ ନିଜ ଭାଷା, ସାହିତ୍ୟ ଓ ନିଜର ମାନବିକ ମୂଲ୍ୟବୋଧକୁ ସୁଚାରୁରୂପେ ଶାଳୀନତାର ସହ ବଦଳାଇବାକୁ ହେବ।


ସମ୍ପାଦକ (ପ୍ରତିଷ୍ଠାତା) -
ସୁଦେଷ୍ଣା ପ୍ରମୋଦ ସାହିତ୍ୟ ସଂସଦ
(ସୁଦେଷ୍ଣା ଖବରକାଗଜ)
ଭାଟପଡ଼ା, ନିରାକାରପୁର,
କଣାସ, ପୁରୀ
ମୋ: ୮୨୪୯୭୭୨୩୬୧


## କବିତା କୋଣାର୍କ

### ଖଡ଼ିଛୁଆଁ ଦିବସ

**ପ୍ରଦୀପ୍ତ କୁମାର ଦାସ**

ଖଡ଼ିଛୁଆଁ ଦିବସରେ  
ଖଡ଼ି ଆସ ଛୁଇଁବା -  
ଆଶାର କିରଣ ବୁଣି  
ରବି ସମ ଉଇଁବା,  
ସିଲଟରେ ଗୁରୁଜୀଙ୍କ  
ଖଡ଼ିଦାଗ ଦେଖିକି -  
ମଡାଇ ମଡାଇ ଆମେ  
ଖୁସିହେବା ଲେଖିକି,  
ବ୍ରହ୍ମା ବିଷ୍ଣୁ ମହେଶ୍ୱର  
ନାମ କରି ସ୍ମରଣ -  
ଗୁରୁଜୀଙ୍କୁ କରିବା ତ  
ଆମେ ଅନୁସରଣ,  
ପାଠ ପଢ଼ି ଜୀବନରେ  
କେତେ କଥା ଜାଣିବା -  
ଭବିଷ୍ୟତ ପାଇଁ ଆମେ  
ସୁଖ ଶାନ୍ତି ଆଣିବା,  
ଅରଜିବା ବୁଦ୍ଧି ଜ୍ଞାନ  
ଧରି ପାଠ ଧନକୁ -  
ହେବା ଆମେ ଭଲପିଲା  
ଦୃଢ଼ କରି ମନକୁ।


କଣ୍ଟାବଣିଆ, ଛତ୍ରପଡ଼ା,
ଯାଜପୁର,ଓଡ଼ିଶା
ମୋ - ୯୪୩୭୮୫୪୧୭୫


### ସୂର୍ଯ୍ୟାସ୍ତ ରଙ୍ଗ ବଦଳିଗଲା

**ପ୍ରଶ୍ନ କୁମାର ଶତପଥୀ**




ଏମିତି ଏ ମଧୁକାଳ  
ନିଦାଘ ପରି ଅନୁଭବ ହୁଅଇ,  
ମାଟିରୁ ଆକାଶଯାଏ  
ଧୂଆଁ ବିସ୍ତାରିଯାଏ,  
ଲୋହିତ ସୂର୍ଯ୍ୟ  
ଧୂଆଁ ଦେହରେ  
ନିଜକୁ ପରିବର୍ତ୍ତନ କରିଦିଏ,  
ଲୋହିତ ରଙ୍ଗ  
ଧୂସର ପାଲୋଟିଯାଏ  
ସୂର୍ଯ୍ୟାସ୍ତ ପର୍ବରେ,  
ସୂର୍ଯ୍ୟାସ୍ତ ରଙ୍ଗହୀନ ହୋଇଯାଏ,  
ଭାବ ସବୁ ମୋର  
ମଉଳିଯାଏ ମୋ ମନରେ... ।


ଦୁମାଡ଼ିହି, ଜାମଦା
ମୟୂରଭଞ୍ଜ


### ଚଇତରେ ମଲ୍ଲୀ ଫୁଟିଲା

**ଜଗଦୀଶ ସାହୁ**



ଚଇତରେ ମଲ୍ଲୀ ଫୁଟିଲା  
ଚଉଦିଗେ ବାସ ଛୁଟିଲା  
ଗୋପାଳ ଗଡ଼ରେ ମାଆ ହିଙ୍ଗୁଳାୟୀ  
ଭକ୍ତ ଜନ ମନ ଲୁଟିଲା ।

ଚଇତେ ରୁକୁଣା ଗଡିବ  
ଅଶୋକଅଷ୍ଟମୀ ପଡ଼ିବ  
ପ୍ରଭୁ ଲିଙ୍ଗରାଜ ଆଶିଷରୁ ଭକ୍ତ  
ମନରୁ କଳୁଷ ଛାଡ଼ିବ ।

ଚୋରା ଚଇତାଳି ବହିଲା  
ମନ ପରାଣକୁ ମୋହିଲା  
ଶ୍ରୀରାମ ନବମୀ ଯାତ ଦେଖିଯିବା  
ଜେଜେକୁ ଜେଜେମା କହିଲା ।

ଓଢ଼ଣୀ ପକେଇ ମୁଣ୍ଡରେ  
ପଣାଦେଲା ମାଆ ଦାଣ୍ଡରେ  
ଭାବ ଭକତିରେ ମୁଣ୍ଡିଆ ମାରିଲା  
ହୁଳହୁଳି ଦେଇ ତୁଣ୍ଡରେ ।

ଚଇତରେ ଝାମୁ ପରବ  
ଘରେ ପିଠା ପଣା ଦରବ  
ମଙ୍ଗଳା ମାଆଙ୍କୁ ଡାକିଲେ ଶୁଣନ୍ତି  
ମନରେ ନ ଥିଲେ ଗରବ ।


ସଂଜପଡା, ହିନ୍ଦୋଳ
ଢେଙ୍କାନାଳ, ୭୫୯୧୨୮
ମୋ :-୯୦୭୮୧୮୫୬୧୬



# ମୋତେ ବି ସମର୍ଥନ ଦରକାର: ସିକନ୍ଦର ପାଇଁ କେହି ସମର୍ଥନ କରୁନଥିବାରୁ ଏଭଳି କହିଲେ ସଲମାନ

ବଲିଉଡର ଭାଇଜାନ ସଲମାନ ଖାନ୍ ଏବେ ତାଙ୍କ ଫିଲ୍ମ ସିକନ୍ଦର ପାଇଁ ଚର୍ଚ୍ଚାରେ ଅଛନ୍ତି। ସିକନ୍ଦର ଇଦ୍ ଅବସରରେ ସିନେମା ହଲରେ ମୁକ୍ତିଲାଭ କରିଥିଲା। ପ୍ରଥମ ଦିନ ଫିଲ୍ମଟି ଭଲ ଆୟ କରିଥିଲେ ବି ଏବେ ଫିଲ୍ମର ଆୟ କମିବାରେ ଲାଗିଛି। ଫିଲ୍ମଟି ୧୦୦କୋଟି ପାର୍ କରିପାରିବ କି ନାହିଁ, ସେ ଚିନ୍ତା ଏବେ ନିର୍ମାତାଙ୍କୁ ଘାରିଲାଣି। ଏମଧ୍ୟରେ ବଲିଉଡରୁ ସଲମାନଙ୍କୁ କହେ ସମର୍ଥନ କରୁନଥିବା ଜଣାଯାଇଛି। ଏକଥା ନିଜେ ସଲମାନ ଜଣାଇଛନ୍ତି। ଏକ ସାକ୍ଷାତକାରରେ ସଲମାନଙ୍କୁ ଏନେଇ ପ୍ରଶ୍ନ କରାଯିବା ପରେ ସେ ଉତ୍ତରରେ ସମର୍ଥନ ମିଳୁନଥିବା ବିଷୟରେ କହିଥିଲେ। ସଲମାନଙ୍କ ନିଜ ସହ-କଳାକାରଙ୍କ ଫିଲ୍ମର ପ୍ରଚାର କରୁଥିବା ଅନେକ ସମୟରେ ଦେଖାଯାଏ। ହେଲେ ସିକନ୍ଦର ପାଇଁ କେହି ପ୍ରଚାର ନକରିବାରୁ ସଲମାନ କହିଛନ୍ତି ଯେ, 'ହୁଏତ ସେମାନେ ଭାବୁଛନ୍ତି ଯେ ମୋତେ ସମର୍ଥନର ଆବଶ୍ୟକତା ନାହିଁ। କିନ୍ତୁ ମୁଁ ସମସ୍ତଙ୍କୁ କହିବାକୁ ଚାହେଁ ଯେ, ମୋତେ ବି ସମର୍ଥନର ଆବଶ୍ୟକତା ରହିଛି।'

# ଅଲ୍ଟୋ କାର୍ ବି କିଣିବାକୁ ସକ୍ଷମ ନାହିଁ: ଆଶିତା




ଟେଲି ଅଭିନେତ୍ରୀ ଆଶିତା ଧାୱନ ଜଣେ ପ୍ରସିଦ୍ଧ ଟିଭି ଷ୍ଟାର। ଆଶିତା ବିଦାଇ, ନଜର, ୟେ୍ାଦା ରହା, ୟେ ରିସତା କ୍ୟା କେହଲତା ହେ, ଅଦାଲତ ଭଳି ଅନେକ ଲୋକପ୍ରିୟ ସୋ କରିଛନ୍ତି । ଆଶିତା ଟିଭି ଇଣ୍ଡଷ୍ଟ୍ରିରେ ନିଜର ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଛନ୍ତି। ତଥାପି, ଏବେ ସେ କାମକୁ ନେଇ ତାଙ୍କର ସଂଘର୍ଷ ବିଷୟରେ କହିଛନ୍ତି। ଆଶିତା କହିଥିଲେ ଯେ ଏବେ ସମୟ ବଦଳି ଯାଇଛି। ଆଶିତା ଧାୱନ ସେହି ସମୟକୁ ମନେ ପକାଇଥିଲେ ଯେତେବେଳେ କୌଣସି ନିର୍ଦ୍ଦିଷ୍ଟ କାର୍ଯ୍ୟ ସମୟ ନଥିଲା। ସେ କହିଥିଲେ, 'ସେତେବେଳେ ଆମେ କେବଳ କାମ କରୁଥିଲୁ, କୌଣସି ବିରତି ନେଉନଥିଲୁ ।' ଆମେ ଘରକୁ ମଧ୍ୟ ଯାଇ ନଥିଲୁ। କିନ୍ତୁ ଏବେ ପରିସ୍ଥିତି ବଦଳି ଯାଇଛି। ଏବେ ଏକ ଉପଯୁକ୍ତ କାର୍ଯ୍ୟସୂଚୀ ଅଛି। ଲୋକଙ୍କ ପାଖରେ ପରିବାର ପାଇଁ ସମୟ ଅଛି। ଏହା ଏକ ସକାରାତ୍ମକ ପରିବର୍ତ୍ତନ। ସେ ଆହୁରି କହିଛନ୍ତି ଯେ ଏବେ ଉପଯୁକ୍ତ ସ୍କ୍ରିପ୍ଟ ବ୍ୟାଙ୍କର ଅଭାବ ରହିଛି। ଆଶିତା କହିଥିଲେ, 'ସ୍କ୍ରିପ୍ଟ ଅନୁମୋଦନ ପାଇଁ ସମୟ ଲାଗେ, ଯାହା କେତେକ ସମୟରେ ସୃଜନଶୀଳତାକୁ ବାଧା ଦିଏ।' ଯଦି ଠିକ୍ ସମୟରେ ଅନୁମୋଦନ ମିଳେ, ତେବେ ବିଷୟବସ୍ତୁ ଉନ୍ନତ ହୋଇପାରିବ। ଆଶିତା କହିଛନ୍ତି ଯେ ସେ ଦୁଇ ଦଶନ୍ଧି ଧରି କାମ କରୁଛନ୍ତି କିନ୍ତୁ ଏବେ ସେ ବଜେଟ୍ ସମ୍ବନ୍ଧୀୟ ସଂଘର୍ଷର ସମ୍ମୁଖୀନ ହେଉଛନ୍ତି। ସେ କହିଲେ, 'ମୁଁ ନିରନ୍ତର କାମ କରିଛି, ତଥାପି ମୋତେ କାମ ମାଗିବାକୁ ପଡୁଛି ଏବଂ ପାରିଶ୍ରମିକ ପାଇଁ ବାରମ୍ବାର ଅନୁରୋଧ କରିବାକୁ ପଡୁଛି । ମୋତେ ଏକ ସାମଗ୍ରୀ ପରି ବ୍ୟବହାର କରାଯାଉଛି। ଗୋଟିଏ ସମୟ ଥିଲା ଯେତେବେଳେ ଏକତା ମ୍ୟାଡାମ୍ ଷ୍ଟାର ସୃଷ୍ଟି କରୁଥିଲେ ଏବଂ ସେମାନଙ୍କୁ ଘର, କାର ଏବଂ ଫାର୍ମହାଉସ୍ କିଣିବା ପାଇଁ ଫି ଦେଉଥିଲେ। ଏବେ, ଦିନରାତି କାମ କରିବା ପରେ ମଧ୍ୟ, ଏକ ଅଲଟ୍ଟୋ କାର ମଧ୍ୟ କିଣି ପାରିବେ ନାହିଁ। ଏହା ମୋତେ ଖରାପ ଲାଗୁଛି।

# ମନ୍ନତର ମରାମତି ପାଇଁ ଏକ ବିଳାସପୂର୍ଣ୍ଣ ଘର ବିକିଲେ ଗୌରୀ ଖାନ୍



ମୁମ୍ବାଇରେ ଅନେକ ଦର୍ଶନୀୟ ସ୍ଥାନ ରହିଛି। ବିଭିନ୍ନ ଐତିହାସିକ ସ୍ଥାନ ସହିତ ପର୍ଯ୍ୟଟକଙ୍କ ପାଇଁ ଆକର୍ଷଣର କେନ୍ଦ୍ର ପାଲଟିଥାଏ ଧନୀକ ବ୍ୟକ୍ତିଙ୍କ ବଡ଼ ବଡ଼ ବଙ୍ଗଳା। ବଲିଉଡ ସୁପରଷ୍ଟାର ଶାହରୁଖ ଖାନଙ୍କ ବଙ୍ଗଳା ମନ୍ନତ ସେଥିମଧ୍ୟରୁ ଅନ୍ୟତମ। ଲୋକେ ମୁମ୍ବାଇକୁ ବୁଲିବାକୁ ଗଲେ ମନ୍ନତକୁ ଦେଖିବାକୁ ଜମା ବି ଭୁଲନ୍ତି ନାହିଁ। ଶାହରୁଖ ଏହି ଘର ତିଆରି କରିବାକୁ କୋଟି କୋଟି ଟଙ୍କା ଖର୍ଚ୍ଚ କରିଥିବା ବେଳେ ଏବେ ସେ ନିଜ ପରିବାର ସହ ଏହି ଘର ଛାଡ଼ିବେ। ମନ୍ନତର ମରାମତି ହେବାକୁ ଥିବାରୁ ଶାହରୁଖ ଖାନ, ପତ୍ନୀ ଗୌରୀ ଖାନ, ପୁଅ ଆରୟନ ଖାନ, ଝିଅ ସୁହାନା ଖାନ ଏବଂ ପୁଅ ଅବରାମ ଚଳିତ ବର୍ଷ ମେ' ମାସ ପୂର୍ବରୁ ମନ୍ନତ ଛାଡି ବାନ୍ଦ୍ରାର ପାଲି ହିଲକୁ ରହିବାକୁ ଯିବେ। ତେବେ ମରାମତି ପାଇଁ ଅଧିକ ଟଙ୍କା ଦରକାର ଥିବାରୁ ଗୌରୀ ନିଜର ଏକ ଘର ବିକ୍ରି କରିଥିବା ସାମ୍ନାକୁ ଆସିଛି। ଗୌରୀ ମୁମ୍ବାଇର ଦାଦର ୱେଷ୍ଟ ଅଞ୍ଚଳରେ ଥିବା ଏକ ବିଳାସପୂର୍ଣ୍ଣ ଘର ବିକିଛନ୍ତି। ଏହି ଆପାର୍ଟମେଣ୍ଟଟି ଅଗଷ୍ଟ ୨୦୨୨ରେ ୮.୫ କୋଟି ଟଙ୍କାରେ କିଣିଥିଲେ ଗୌରୀ। ହେଲେ ଏବେ ଘରର ମରାମତି ପାଇଁ ସେ ଏହି ଆପାର୍ଟମେଣ୍ଟକୁ ୩.୧କୋଟି ଟଙ୍କା ଲାଭ ସହିତ ବିକ୍ରି କରିଛନ୍ତି। ଏହା ୧୧.୬୧ କୋଟି ଟଙ୍କାରେ ବିକ୍ରି ହୋଇଛି।



# 'ବୁର୍ଖା ସିଟି'ର ନକଲ 'ଲାପତା ଲେଡିଜ୍': କିରଣଙ୍କୁ ଟ୍ରୋଲ୍ କଲେ ଲୋକେ

କିରଣ ରାଓଙ୍କ ନିର୍ଦ୍ଦେଶନାରେ ନିର୍ମିତ 'ଲାପତା ଲେଡିଜ୍' ୯୭ତମ ଏକାଡେମୀ ଆୱାର୍ଡ (ଓସ୍କାର)ପାଇଁ ଆନୁଷ୍ଠାନିକ ଭାବେ ପ୍ରବେଶ କରିଥିଲା। କିନ୍ତୁ, ଏହି ଫିଲ୍ମ ଫାଇନାଲ ଦୌଡ଼ରେ ସ୍ଥାନ ପାଇପାରିଲା ନାହିଁ। ଏହି ଚଳଚ୍ଚିତ୍ରରେ ପ୍ରତିଭା ରାଣ୍ଟା, ନୀତାଂଶୀ ଗୋୟଲ ଏବଂ ସ୍ୱର୍ଣ ଶ୍ରୀବାସ୍ତବ ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ। ପୂର୍ବରୁ ଏହି ଫିଲ୍ମର କାହାଣୀ ଉପରେ ପ୍ରଶ୍ନ ଉଠିଥିବା ବେଳେ ଏବେ ପୁଣି ଥରେ ଏହି ଫିଲ୍ମର ମୌଳିକତା ଉପରେ ପ୍ରଶ୍ନ ଉଠିଛି। ଏଥର ପୁଣି ଥରେ କିରଣ ରାଓଙ୍କ ଉପରେ 'ବୁର୍ଖା ସିଟି' ଦେଖିବା ପରେ ଲାପତା ଲେଡିଜ୍ ସହିତ ଏହାର କାହାଣୀ ମିଶୁଥିବା ଲୋକେ ଦାବି କରିଛନ୍ତି। 'ବୁର୍ଖା ସିଟି'ରେ ଦେଖାଯାଇଛି ଯେ, ଜଣେ ନବବିବାହିତ ଯୁବକ ତାଙ୍କ ପତ୍ନୀଙ୍କୁ ଖୋଜୁଛନ୍ତି, ତାଙ୍କ ପତ୍ନୀଙ୍କ ସ୍ଥାନରେ ଘରକୁ ବୁର୍ଖା ପିନ୍ଧିଥିବା ଅନ୍ୟ ଜଣେ ମହିଳା ଆସିଯାଇଛନ୍ତି। 'ବୁର୍ଖା ସିଟି' ହେଉଛି ଫାବ୍ରିସ୍ ବ୍ରାକ୍ଙ୍କ ଦ୍ୱାରା ନିର୍ଦ୍ଦେଶିତ ଏକ ୨୦ମିନିଟର ଆରବିକ କମେଡି। ଓମର ମେବ୍ରୋକ୍, ଚାଦିଆ ଅମଜୋଦ୍, ଜଲାଲ୍ ଅଲତାୱିଲ୍ ଏବଂ ନୋମନ ହୋସନିଙ୍କ ଅଭିନୀତ ଏହି ଫିଲ୍ମଟି ୨୦୧୯ରେ ମୁକ୍ତିଲାଭ କରିଥିଲା। ଏହି ଫିଲ୍ମର କାହାଣୀ ମଧ୍ୟପ୍ରାଚ୍ୟର ଏକ ସହରର, ଯେଉଁଠାରେ ମହିଳାମାନେ ବୁର୍ଖା ପିନ୍ଧନ୍ତି। ବିବାହ ପରେ ଯୁବକଜଣକ ଜାଣିପାରନ୍ତି ଯେ ସେ ଭୁଲ ମହିଳାଙ୍କ ସହିତ ଘରକୁ ଆସିଛନ୍ତି। ବୁର୍ଖା ସିଟିକୁ ଆପଣ ଏବେ ଆମାଜନ ପ୍ରାଇମ୍ ଭିଡିଓରେ ଦେଖିପାରିବେ। ଏହି ଭିଡିଓଟି ଭାଇରାଲ ହେବା ପରେ ଏବେ ଲୋକେ କିରଣଙ୍କୁ ଟ୍ରୋଲ କରିଛନ୍ତି।



# ବକ୍ସ ଅଫିସରେ ପ୍ରଦର୍ଶନକୁ ଦେଖି ଖୁବ୍ କମ ଟଙ୍କାରେ 'ସିକନ୍ଦର'ର ଷ୍ଟ୍ରିମିଂ ରାଇଟ୍ସ କିଣିଲା ନେଟ୍ଫ୍ଲିକ୍ସ



ବଲିଉଡର ସିକନ୍ଦର ସଲମାନ ଖାନ ପୁଣିଥରେ ଚର୍ଚ୍ଚାରେ। ତାଙ୍କ ଫିଲ୍ମ ସିକନ୍ଦର ଇଦ୍ ଅବସରରେ ମାର୍ଚ୍ଚ ୩୦ରେ ସିନେମା ହଲରେ ମୁକ୍ତିଲାଭ କରିଥିଲା। ଏହି ଫିଲ୍ମଟି ଏ.ଆର. ମୁର୍ଗଡୋସ୍ଙ୍କ ନିର୍ଦ୍ଦେଶନାରେ ନିର୍ମାଣ ହୋଇଥିବା ବେଳେ ଏବେ ଫିଲ୍ମର ଆୟ ସାମ୍ନାକୁ ଆସିଛି। ଥିଏଟର ପରେ, ଏହି ଫିଲ୍ମଟି ଓଟିଟି ପ୍ଲାଟଫର୍ମ ନେଟଫ୍ଲିକ୍ସରେ ରିଲିଜ୍ ହେବ। ଏବେ ଫିଲ୍ମକୁ ନେଟଫ୍ଲିକ୍ସ କେତେ ଟଙ୍କାରେ କିଣିଛି ତାହା ସାମ୍ନାକୁ ଆସିଛି। ପ୍ରେକ୍ଷାଳୟରେ ଆଶାଠାରୁ କମ୍ ଆୟ କରିଥିବା ସିକନ୍ଦରକୁ ବହୁତ କମ ଦାମ୍ରେ କିଣିଛି ନେଟଫ୍ଲିକ୍ସ। କୁହାଯାଉଛି ଯେ, ସିକନ୍ଦରର ଷ୍ଟ୍ରିମିଂ ରାଇଟ୍ସକୁ ନେଟଫ୍ଲିକ୍ସ ୮୫କୋଟି ଟଙ୍କାରେ କିଣିଛି। ଏହି ଡିଲ୍ ମାର୍ଚ୍ଚ ୨୦୨୫ରେ ହୋଇଥିଲା। ରିପୋର୍ଟ ଅନୁସାରେ, ଯଦି ସିକନ୍ଦର ବକ୍ସ ଅଫିସରେ ୩୫୦ କୋଟିରୁ ଅଧିକ ରୋଜଗାର କରେ, ତେବେ ଏହି ପରିମାଣ ୧୦୦ କୋଟି ଟଙ୍କାକୁ ବୃଦ୍ଧି ପାଇପାରେ। ଏପର୍ଯ୍ୟନ୍ତ ଚଳଚ୍ଚିତ୍ରଟି ଡିଜିଟାଲ୍, ସାଟେଲାଇଟ୍ ଏବଂ ମ୍ୟୁଜିକ୍ ରାଇଟ୍ସରୁ ୧୬୫-୧୮୦ କୋଟି ଟଙ୍କା ରୋଜଗାର କରିଛି। ଏଥିରେ, ସାଟେଲାଇଟ୍ ରାଇଟ୍ସ ଜୀକୁ ୫୦ କୋଟି ଟଙ୍କାରେ ଏବଂ ମ୍ୟୁଜିକ୍ ରାଇଟ୍ସ ଜୀ ମ୍ୟୁଜିକକୁ ୩୦ କୋଟି ଟଙ୍କାରେ ବିକ୍ରି କରାଯାଇଛି। ସିକନ୍ଦରର ବଜେଟ୍ ପ୍ରାୟ ୨୦୦ କୋଟି ଟଙ୍କା ଥିବା ବେଳେ ପ୍ରେକ୍ଷାଳୟରେ ଫିଲ୍ମଟି ଏହାଠାରୁ ଅଧିକ ଆୟ କରିପାରିବ ନା ନାହିଁ, ତା' ଉପରେ ସମସ୍ତଙ୍କ ନଜର ରହିଛି। ସିକନ୍ଦରର ଷ୍ଟ୍ରିମିଂ ରାଇଟ୍ସକୁ ନେଟଫ୍ଲିକ୍ସ ୮୫କୋଟି ଟଙ୍କାରେ କିଣିବା ପରେ ସଲମାନଙ୍କ ଷ୍ଟାର ପାୱାର ଅନୁସାରେ ମୂଲ୍ୟ କମ୍ ବୋଲି ଚର୍ଚ୍ଚା ହେଉଛି। କାରଣ ପ୍ରଭାସଙ୍କ କଲ୍କି ୨୮୯୮ଏଡିର ଓଟିଟି ରାଇଟ୍ସ ୩୭୫କୋଟି ଟଙ୍କାରେ ବିକ୍ରି ହୋଇଥିଲା। ଯବାନର ଡିଜିଟାଲ ରାଇଟ୍ସକୁ ନେଟଫ୍ଲିକ୍ସ ୨୫୦କୋଟି ଟଙ୍କାରେ କିଣିଥିଲା। ସେହିଭଳି 'ସାଲାର' ଚଳଚ୍ଚିତ୍ରର ଓଟିଟି ରାଇଟ୍ସ ୧୬୨ କୋଟି ଟଙ୍କାରେ ବିକ୍ରି ହୋଇଥିଲା।

# ଛାଡ଼ପତ୍ର ଚର୍ଚ୍ଚା ଭିତରେ ଭାଇରାଲ୍ ହେଲା ଅଭିଷେକ-ଐଶ୍ୱର୍ଯ୍ୟାଙ୍କ ନୃତ୍ୟ ଭିଡିଓ



ନୀଳନୟନା ଐଶ୍ୱର୍ଯ୍ୟା ରାୟ ବଚ୍ଚନ ଓ ଅଭିଷେକ ବଚ୍ଚନଙ୍କର ଛାଡ଼ପତ୍ର ହେବ ବୋଲି ଚିନ୍ତା କରୁଥିବା ଲୋକମାନେ ଟିକେ ରହିଯାଆନ୍ତୁ। ପୁଣେରେ ଅଭିନେତ୍ରୀ ଐଶ୍ୱର୍ଯ୍ୟା ରାୟ ଏବଂ ଅଭିଷେକ ବଚ୍ଚନ ତାଙ୍କ ଝିଅ ଆରାଧ୍ୟାଙ୍କ ସହିତ ନାଚୁଥିବା ବେଳର ଏକ ଭିଡିଓ ଖୁବ୍ ଜୋରରେ ଭାଇରାଲ୍ ହେବାରେ ଲାଗିଛି। ଐଶ୍ୱର୍ଯ୍ୟାଙ୍କ ସମ୍ପର୍କୀୟ ଭାଇଙ୍କ ବିବାହରେ ଯୋଗ ଦେଇ ବାପାମାଆ ଓ ଝିଅ 'କଜ୍ରାରେ..'' ଗୀତରୁ ନୃତ୍ୟ ପରିବେଷଣ କରୁଥିବାର ଦେଖିବାକୁ ମିଳିଛି। ଉତ୍ସବର ଅନେକ ଫଟୋ ମଧ୍ୟରେ ଏହି ଦମ୍ପତିଙ୍କ ଲୋକପ୍ରିୟ ଗୀତ 'କଜରା ରେ' ଗୀତରେ ନାଚିବାର ଏକ ଭିଡିଓ ଭାଇରାଲ ହୋଇଛି। ଏହା ପ୍ରଶଂସକମାନଙ୍କ ପାଇଁ ଏକ ଉପହାର ସ୍ୱରୂପ। ଭାଇରାଲ କ୍ଲିପରେ ଅଭିଷେକ ଏବଂ ଐଶ୍ୱର୍ଯ୍ୟା ସେମାନଙ୍କ ଆଇକନିକ ଗୀତରେ ନାଚୁଥିବାର ଦେଖାଯାଇଛି। ଯେଉଁଥିରେ ଝିଅ ଆରାଧ୍ୟା ତାଙ୍କ ମାଆଙ୍କଠାରୁ ଷ୍ଟେପ୍ ଶିଖିବାକୁ ଚେଷ୍ଟା କରୁଥିବାର ଦେଖିବାକୁ ମିଳିଛି। ଅଭିଷେକ ଏବଂ ଐଶ୍ୱର୍ଯ୍ୟାଙ୍କ ମଧ୍ୟରେ କେମେଷ୍ଟ୍ରି ଇଣ୍ଟରନେଟର ଦୃଷ୍ଟି ଆକର୍ଷଣ କରିଛି। ଭିଡିଓରେ, ଐଶ୍ୱର୍ଯ୍ୟା ହଳଦିଆ ସୁଟ୍ ପିନ୍ଧି ରାଜକୀୟ ଦେଖାଯାଉଥିଲେ। ଅଭିଷେକ ଗୋଲାପୀ କୁର୍ତ୍ତା ଏବଂ ଧଳା ପାଇଜାମା ପିନ୍ଧି ଚମତ୍କାର ଦିଶୁଥିଲେ। ଅନ୍ୟପକ୍ଷରେ ଆରାଧ୍ୟା ଧଳା ଲେହେଙ୍ଗା ପିନ୍ଧିଥିଲେ। ଉଲ୍ଲେଖଯୋଗ୍ୟ, ବଣ୍ଟି ଔର ବବଲି (୨୦୦୫) ର କଜରା ରେ ଅଭିଷେକ, ଐଶ୍ୱର୍ଯ୍ୟା ଏବଂ ଅମିତାଭ ବଚ୍ଚନଙ୍କ ଉପରେ ଚିତ୍ରିତ ହୋଇଥିଲା।

# ଅର୍ଜୁନଙ୍କ ସହ ବ୍ରେକ୍ଅପ ପରେ ସାଙ୍ଗାକାରାଙ୍କ ସହ ନଜର ଆସିଲେ ମଲାଇକା



ରବିବାର (୩୧ ମାର୍ଚ୍ଚ) ଗୌହାଟୀରେ ପାଞ୍ଚ ଥର ଚାମ୍ପିଅନ୍ ଚେନ୍ନାଇ ସୁପର କିଙ୍ଗସକୁ ପରାସ୍ତ କରି ରାଜସ୍ଥାନ ରୟାଲ୍ସ(ଆରଆର) ଦଳ ଆଇପିଏଲ ୨୦୨୫ରେ ପ୍ରଥମ ବିଜୟ ହାସଲ କରିଥିଲା। ଆରଆର ଏପରି ଏକ ଦଳ ଭାବରେ ଜଣାଶୁଣା ଯିଏ ସର୍ବଦା ନିଜ କ୍ଷମତାଠାରୁ ଅଧିକ ଭଲ ପ୍ରଦର୍ଶନ କରନ୍ତି। ଏହି ମ୍ୟାଚ୍ରେ କ୍ରିକେଟରଙ୍କ ପ୍ରଦର୍ଶନ ସହ ଆଉ ଜଣଙ୍କୁ ନେଇ ଚର୍ଚ୍ଚା ହୋଇଥିଲା। ସେ ଥିଲେ ବଲିଉଡ ଅଭିନେତ୍ରୀ ମଲାଇକା ଆରୋରା। ଚେନ୍ନାଇ ସୁପର କିଙ୍ଗ୍ସ ବିପକ୍ଷ ମ୍ୟାଚ୍ ଦେଖିବା ପାଇଁ ବଲିଉଡ୍ ଅଭିନେତ୍ରୀ ମଲାଇକା ଆରୋରା ଗୌହାଟୀରେ ଆରଆର ଜର୍ସି ପିନ୍ଧି ପହଞ୍ଚିଥିଲେ। ଷ୍ଟାଡିୟମରେ ସେ ଆରଆରର ନିର୍ଦ୍ଦେଶକ କୁମାର ସାଙ୍ଗାକାରାଙ୍କ ସହିତ ବସି ମ୍ୟାଚ୍ ଦେଖୁଥିବା ଦେଖାଯାଇଥିଲା। ତାଙ୍କୁ ସାଙ୍ଗାକାରାଙ୍କ ସହିତ ଦେଖି ଲୋକେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ଏବେ ଦୁହିଁଙ୍କ ଫଟୋ ଦେଖି ଦୁହେଁ ପରସ୍ପରକୁ ଡେଟ୍ କରୁଥିବା ନେଇ ଲୋକେ ଚର୍ଚ୍ଚା କରୁଛନ୍ତି। ସୋସିଆଲ ମିଡିଆରେ ଫଟୋ ଭାଇରାଲ ହେବା ପରେ ଅର୍ଜୁନ କପୁରଙ୍କ ପରେ ମଲାଇକା ଏବେ ସାଙ୍ଗାକାରାଙ୍କ ପ୍ରେମରେ ପଡ଼ିଛନ୍ତି ବୋଲି କୁହାଯାଉଛି।

# ଦୁଇ ଅନାଥ ଶିଶୁଙ୍କ ଦୁଃଖରେ ଦୁଃଖୀ ହେଲେ ଶମ୍ଭୁନାଥ

ଘଟଗାଁ ,୦୩/୪ (ନି.ପ୍ର): ସମୟ ସମୟରେ ବେଢ଼ି ଉପରେ କୋରଡା ପଡିଲା ଭଳି ଦଣ୍ଡ ଭଗବାନ ଦେଇଥାନ୍ତି । ସେହିଭଳି ଏକ ଅଭାବନୀୟ ଦୃଶ୍ୟ କେନ୍ଦୁଝର ଜିଲ୍ଲା ଘଷିପୁରା ବ୍ଲକ ଅନ୍ତର୍ଗତ ଗୋହିରା ପଞ୍ଚାୟତ କଲାବିଲା ଗ୍ରାମ ମୁଣ୍ଡାସାହିରେ ଘଟିଯାଇଛି ।ଏକ ଜନଜାତି ମୁଣ୍ଡା ପରିବାରର ସ୍ତ୍ରୀ ରଶ୍ମିତା ମୁଣ୍ଡା ଗତ ଆଠ ମାସ ପୂର୍ବେ ମୃତ୍ୟୁ ବରଣ କରିଥିବା ବେଳେ ଏକ ସପ୍ତାହ ପୂର୍ବରୁ ତାଙ୍କ ସ୍ୱାମୀ ରମେଶ ମୁଣ୍ଡାଙ୍କର ମୃତ୍ୟୁ ହୋଇଯାଇଛି । ସେହି ମୃତକ ପିତାମାତାଙ୍କ ଠାରୁ ଜନ୍ମ ହୋଇଥିବା ୧୦ ବର୍ଷର ଶିଶୁ ପୁତ୍ର ସଞ୍ଜୟ ମୁଣ୍ଡା ଓ ୪ବର୍ଷର ଶିଶୁ କନ୍ୟା ଶୁଭଲକ୍ଷ୍ମୀ ମୁଣ୍ଡା ବେସାହାରା ହୋଇପଡିଛନ୍ତି । ନା ସେମାନେ ବାପା ମାଙ୍କୁ ଭୁଲି ପାରୁଛନ୍ତି କିମ୍ବା ସମାଜରେ ଠିଆ ହେବାଭଳି କ୍ଷମତା ଅଛି । ଦିନକୁ ଦୁଇ ଓଳା ଖାଇବାକୁ ପାଉନଥିବା ବଡ଼ ବାପାଙ୍କ ପାଖରେ ଆଶ୍ରୟ ନେଇଛନ୍ତି ସେହି ଦୁଇ ଶିଶୁ କଳିକା ।ଖବର ପାଇ ଶାଳପଡା ଗରିବ ସେବା ସଦନର ସଭାପତି ଡ଼ଃ ଶମ୍ଭୁନାଥ ରାଉତ ଏବଂ ସଦନର ସଦସ୍ୟ ସଦସ୍ୟା ଘଟଣା ସ୍ଥଳରେ ପହଞ୍ଚି ମୃତକ ପିତାମାତାଙ୍କର ଶୁଦ୍ଧିକ୍ରିୟା ପାଇଁ ସହାୟତାର ହାତ ବଢାଇଛନ୍ତି । ଭବିଷ୍ୟତରେ ସରକାରୀ ସ୍ତରରେ ସେମାନଙ୍କର ଶିକ୍ଷାଦାନ ନିମନ୍ତେ ସହଯୋଗ କରିବା ପାଇଁ ସ୍ଥାନୀୟ ଉପଜିଲ୍ଲାପାଳ ଓ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ।ନିକଟସ୍ଥ ସେବାଶ୍ରମ ଗୁଡିକର ପ୍ରଧାନଶିକ୍ଷକ ମାନଙ୍କ ସହ ଯୋଗାଯୋଗ ସ୍ଥାପନ କରିଛନ୍ତି ।ସେଥିପାଇଁ ଆବଶ୍ୟକ କାଗଜାତ ପ୍ରସ୍ତୁତ କରାଯାଇ ଉପଯୁକ୍ତ ସ୍ଥାନରେ ନାମ ଲେଖିବା ପାଇଁ ପ୍ରୟାସ ଜାରି ରଖିଛନ୍ତି । ଏହି ଘଟଣାକୁ ଗମ୍ଭୀରତା ସହ ଗ୍ରହଣ କରାଯିବ ବୋଲି ଡ଼ଃ ରାଉତ ଓ ସଦସ୍ୟ ସଦସ୍ୟା ମାନେ ପ୍ରତିଶ୍ରୁତି ବଦ୍ଧ ହୋଇଛନ୍ତି ।ଅନ୍ୟ ମାନଙ୍କ ମଧ୍ୟରେ ସେବା ସଦନର ମାନସ କୁମାର ଆଚାର୍ଯ୍ୟ, ତପନ କୁମାର ଧୀର, ପୁଷ୍ପଲତା ମହାନ୍ତି, ରାଜେଶ ଆଚାର୍ଯ୍ୟ, ବିଜୟ କୁମାର ରାଉତ, କୀର୍ତ୍ତନ ନାୟକ, ଶ୍ୟାମସୁନ୍ଦର ମୁର୍ମୁ, ଗୌତମ ନାୟକ ପ୍ରମୁଖ ଯୋଗଦେଇଥିଲେ ।

## ବ୍ରାଉନ ସୁଗାର ଜବତ: ଜଣେ ଗିରଫ

ଖୋର୍ଦ୍ଧା,୦୩/୪ (ନି.ପ୍ର): ବେଆଇନ ବ୍ରାଉନ ସୁଗାର ଅଭିଯୋଗରେ ଜଟଣୀ ପୋଲିସ ଜଣକୁ ଗିରଫ କରିଛି। ଗିରଫ ଜଣକ ହେଲା ନନ୍ଦୁ ଓରଫ ଅଜୟ ନାୟକ। ପୋଲିସ ତାଠାରୁ ୧୬ ଗ୍ରାମ ଓଜନର ବ୍ରାଉନ ସୁଗାର ଜବତ କରିଛି । ବିଶେଷ ସୂତ୍ରରୁ ଖବର ପାଇ ଜଟଣୀ ପୋଲିସର ଏକ ସ୍ପେଶାଲ ଟିମ ରାମଚନ୍ଦ୍ରପୁର ବଜାରସ୍ଥିତ ସାଇମନ୍ଦିର ନିକଟରେ ଚଢଉ କରିବା ସହିତ ବେଆଇନ ବ୍ରାଉନ ସୁଗାର ବିକ୍ରୟ ଅଭିଯୋଗରେ ନନ୍ଦୁ ଓରଫ ଅଜୟ ନାୟକଙ୍କୁ ଗିରଫ କରିଛି। ପଚରାଉଚରା ସମୟରେ ଅଭିଯୁକ୍ତ ନନ୍ଦୁ ବେଆଇନ ବ୍ରାଉନ ସୁଗାର ଖୋର୍ଦ୍ଧା ଅଂଚଳରୁ ଆଣି ଜଟଣୀ ଅଂଚଳରେ ବିକ୍ରି କରୁଥିବା କଥା ସ୍ୱୀକାର କରିଥିଲେ।

# ରାଜନୈତିକ ଦଳଗୁଡ଼ିକ ସହିତ ଭାରତୀୟ ନିର୍ବାଚନ ଆୟୋଗର ସବୁଠାରୁ ବଡ଼ ସମ୍ପର୍କ ଅଭିଯାନ

ବଲାଙ୍ଗିର,୦୩/୪ (ନି.ପ୍ର): ଭାରତୀୟ ନିର୍ବାଚନ କମିଶନ ସାରା ଦେଶରେ ନିର୍ବାଚନ ପଞ୍ଜିକରଣ ଅଧିକାରୀ, ଜିଲ୍ଲା ନିର୍ବାଚନ ଅଧିକାରୀ ଏବଂ ମୁଖ୍ୟ ନିର୍ବାଚନ ଅଧିକାରୀ ସ୍ତରରେ ରାଜନୈତିକ ଦଳଗୁଡ଼ିକ ସହିତ ସଂରଚିତ ସମ୍ପର୍କର ଏକ ଶୃଙ୍ଖଳା ପରିଚାଳନା କରିଥିଲେ। ୨୫ ଦିନ ମଧ୍ୟରେ ଏବଂ ୩୧ ମାର୍ଚ୍ଚ ୨୦୨୫ ସୁଦ୍ଧା, ମୋଟ ୭୧୯ ବୈଠକ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ୪୦ ଜଣ ମୁଖ୍ୟ ନିର୍ବାଚନ ଅଧିକାରୀ, ୮୦୦ ଜଣ ଜିଲ୍ଲା ନିର୍ବାଚନ ଅଧିକାରୀ ଏବଂ ୩,୮୭୯ ଜଣ ନିର୍ବାଚନ ପଞ୍ଜିକରଣ ଅଧିକାରୀ ବୈଠକ କରାଯାଇଥିଲା, ଯେଉଁଥିରେ ଦେଶବ୍ୟାପୀ ୨୮, ୦୦୦ରୁ ଅଧିକ ରାଜନୈତିକ ଦଳର ପ୍ରତିନିଧ ସାମିଲ ହୋଇଥିଲେ । ଏହି ବୈଠକଗୁଡ଼ିକ ନୂଆଦିଲ୍ଲୀ ଠାରେ ମାର୍ଚ୍ଚ ୪ ଓ ୫ ରେ ଅନୁଷ୍ଠିତ ମୁଖ୍ୟ ନିର୍ବାଚନ ଅଧିକାରୀ ସମ୍ମିଳନୀରେ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ସହିତ ନିର୍ବାଚନ କମିଶନର ଡକ୍ଟର ସୁଖବୀର ସିଂହ ସାନ୍ଧୁ ଏବଂ ଡକ୍ଟର ବିବେକ ଯୋଶୀଙ୍କ ଦ୍ୱାରା ଜାରି ନିର୍ଦ୍ଦେଶ ଅନୁଯାୟୀ ଅନୁଷ୍ଠିତ ହୋଇଥିଲା। ଜନପ୍ରତିନିଧିତ୍ୱ ଆଇନ ୧୯୫୦ ଏବଂ ୧୯୫୧ ; ଭୋଟର ପଞ୍ଜିକରଣ ନିୟମ, ୧୯୬୦; ନିର୍ବାଚନ ଆଚରଣ ନିୟମ, ୧୯୬୧ ଏବଂ ସମୟ ସମୟରେ ଭାରତୀୟ ନିର୍ବାଚନ କମିଶନ ଦ୍ୱାରା ଜାରି ମାନୁଆଲ୍, ନିର୍ଦ୍ଦେଶାବଳୀ ଏବଂ ନିର୍ଦ୍ଦେଶାବଳୀର ବିଦ୍ୟମାନ ଆଇନଗତ ଢାଂଚା ମଧ୍ୟରେ ସମ୍ପୃକ୍ତ ସକ୍ଷମ କର୍ତ୍ତୃପକ୍ଷ ଯଥା ନିର୍ବାଚନ ପଞ୍ଜିକରଣ ଅଧିକାରୀ, ଜିଲ୍ଲା ନିର୍ବାଚନ ଅଧିକାରୀ କିମ୍ବା ମୁଖ୍ୟ ନିର୍ବାଚନ ଅଧିକାରୀ ଦ୍ୱାରା ଯେକୌଣସି ବିଚାରାଧୀନ ସମସ୍ୟାର ସମାଧାନ କରିବା ପାଇଁ ଏହି ବୈଠକଗୁଡ଼ିକର ଲକ୍ଷ୍ୟ ରଖାଯାଇଛି । ଅଧିକ ମୂଲ୍ୟାଙ୍କନ ପାଇଁ ସମସ୍ତ ରାଜ୍ୟ/କେନ୍ଦ୍ରଶାସିତ ଅଂଚଳଗୁଡ଼ିକର ମୁଖ୍ୟ ନିର୍ବାଚନ ଅଧିକାରୀ ମାନଙ୍କଠାରୁ ଏକ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ମଗାଯାଇଛି ଏବଂ ଯଦି ବିଦ୍ୟମାନ ଆଇନଗତ ଢାଂଚା ମଧ୍ୟରେ ସମାଧାନ ନହୁଏ, ତେବେ କମିଶନ ଦ୍ୱାରା ବିଚାର କରାଯିବ। ବିଧାନସଭା ନିର୍ବାଚନମଣ୍ଡଳୀ, ଜିଲ୍ଲା ଏବଂ ରାଜ୍ୟ/କେନ୍ଦ୍ରଶାସିତ ଅଂଚଳ ଗୁଡ଼ିକରେ ସକ୍ରିୟ ଏବଂ ଉତ୍ସାହୀ ଅଂଶଗ୍ରହଣ ସହିତ ଏହି ଆଲୋଚନାଗୁଡ଼ିକୁ ରାଜନୈତିକ ଦଳଗୁଡ଼ିକ ଦ୍ୱାରା ଭଲ ଭାବରେ ଗ୍ରହଣ କରାଯାଇଛି ।

# କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ସାମ୍ବାଦିକତା ଛାତ୍ରଛାତ୍ରୀଙ୍କର ରେଡ଼ିଓ ଢେମସା ପରିଦର୍ଶନ

ଜୟପୁର,୦୩/୪ (ନି.ପ୍ର): ଓଡ଼ିଶାର କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ସାମ୍ବାଦିକତା ଏବଂ ଗଣ ଯୋଗାଯୋଗ ବିଭାଗର ଛାତ୍ର-ଛାତ୍ରୀ ମାନେ ସୋଭା (ଦକ୍ଷିଣ ଓଡିଶା ସ୍ୱେଚ୍ଛାସେବୀ ସଂଘ) ଏନଜିଓ ଦ୍ୱାରା ପରିଚାଳିତ ଏକ କମ୍ୟୁନିଟି ରେଡିଓ ଷ୍ଟେସନ୍ ରେଡିଓ ଢେମସାକୁ ପରିଦର୍ଶନ କରିଥିଲେ। କୋରାପୁଟ ଜିଲ୍ଲାର ଏକମାତ୍ର କମ୍ୟୁନିଟି ରେଡିଓ ଷ୍ଟେସନ୍ ଏହି ଅଞ୍ଚଳର ବିଭିନ୍ନ ସମ୍ପ୍ରଦାୟର ବିକାଶର ଆବଶ୍ୟକତାକୁ ପୂରଣ କରିବା ସହ ସେମାନଙ୍କର ସୂଚନା ଏବଂ ମତାମତକୁ ପ୍ରଶାସନକୁ ଅବଗତ କରାଇଥାଏ । ସାମ୍ବାଦିକତା ଏବଂ ଗଣ ଯୋଗାଯୋଗର ଅଧ୍ୟାପକଙ୍କ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀ ଓ ଗବେଷକ ମାନେ ରେଡିଓ ଷ୍ଟେସନ ପରିଦର୍ଶନ କରିଥିଲେ ଏବଂ ସମାଜ ପାଇଁ ଏହା ଏନଜିଓ ଦ୍ୱାରା ପରିଚାଳିତ ବିଭିନ୍ନ କାର୍ଯ୍ୟକ୍ରମର ଅନୁଧ୍ୟାନ କରିଥିଲେ । ସେମାନେ ସଂସ୍ଥା ଦ୍ୱାରା ପ୍ରସାରିତ ରେକର୍ଡ ହୋଇଥିବା ପ୍ରୋଗ୍ରାମଗୁଡ଼ିକର ଅନୁଧ୍ୟାନ କରିବା ସହ ରେଡିଓ ଷ୍ଟେସନର କାର୍ଯ୍ୟକ୍ରମର ବିଭିନ୍ନ ଦିଗ ବିଷୟରେ ଅଭିଜ୍ଞତା ହାସଲ କରିଥିଲେ ।

ପ୍ରାରମ୍ଭରେ ବିଭାଗର ମୁଖ୍ୟ ଡକ୍ଟର ନିଖିଲ କୁମାର ଗୌଡ଼ ତାଙ୍କର ନେତୃତ୍ୱରେ ଛାତ୍ର-ଛାତ୍ରୀ ଓ ଅଧ୍ୟାପକମାନେ ସୋଭା କାର୍ଯ୍ୟାଳୟ ପରିଦର୍ଶନ କରି ଅଧିକାରୀଙ୍କ ସହ ଅଲୋଚନା କରିଥିଲେ। କାର୍ଯ୍ୟାଳୟରେ ଛାତ୍ର-ଛାତ୍ରୀ ମାନଙ୍କୁ ସୋଭା ସଂଗଠନ ଏବଂ ରେଡିଓ ଢେମସାର କାର୍ଯ୍ୟକଳାପ ବିଷୟରେ ସଂକ୍ଷିପ୍ତ ସୂଚନା ପ୍ରଦାନ କରିଥିଲେ। ସୋଭା ସଚିବ ତଥା ପ୍ରତିଷ୍ଠାତା ଶ୍ରୀ ସଞ୍ଜିତ କୁମାର ପଟ୍ଟନାୟକ ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଓ ଛାତ୍ର-ଛାତ୍ରୀ ମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କୁ ସଂଗଠନ ବିଷୟରେ ପରିଚିତ କରାଇଥିଲେ। କମ୍ୟୁନିଟି ରେଡିଓର ଉଦ୍ଦେଶ୍ୟ ଏବଂ ସାମାଜିକ ଉନ୍ନତି ପାଇଁ କୋରାପୁଟ ଏବଂ ଏହାର ନିକଟବର୍ତ୍ତୀ ଗ୍ରାମଗୁଡ଼ିକରେ ରେଡିଓ ଢେମସାର କାର୍ଯ୍ୟକଳାପ ବିଷୟରେ ସେ ବର୍ଣ୍ଣନା କରିଥିଲେ। କେନ୍ଦ୍ରୀୟ ବିଶ୍ୱିଦ୍ୟାଳୟ ତରଫରୁ ବିଭାଗର ମୁଖ୍ୟ ଡକ୍ଟର ନିଖିଲ କୁମାର ଗୌଡ଼ ଅବିଭକ୍ତ କୋରାପୁଟ ଜିଲ୍ଲାର ସାମାଜିକ ଓ ଅର୍ଥନୀତିର ଉନ୍ନତି ପାଇଁ ସୋଭାଙ୍କ ଉଦ୍ୟମକୁ ପ୍ରଶଂସା କରିଥିଲେ। ଭବିଷ୍ୟତରେ କେନ୍ଦ୍ରୀୟ ବିଶ୍ୱିଦ୍ୟାଳୟ ଏବଂ ସୋଭା ଏକାଡେମିକ୍ ଯୋଗଦାନ ଏବଂ ସାମାଜିକ ପ୍ରସାର ପାଇଁ ମିଳିତ ଭାବରେ କାର୍ଯ୍ୟ କରିବେ ବୋଲି ସେ ଆଶା ପ୍ରକଟ କରିଥିଲେ । ଏହି ଅବସରରେ ସାମ୍ବାଦିକତା ଓ ଗଣଯୋଗଯୋଗର ସହ ପ୍ରାଧ୍ୟାପକ ଡକ୍ଟର ପ୍ରଦୋଷ କୁମାର ରଥ, ଡକ୍ଟର ଗୌରଭ ରଂଜନ, ଡକ୍ଟର ସୋନି ପାଢୀ ଏବଂ ଡକ୍ଟର ତଲତ ଜାହାନ ବେଗମ ପ୍ରମୁଖ ଯୋଗ ଦେଇଥିଲେ। ପ୍ରାରମ୍ଭିକ ଅଧିବେଶନ ପରେ, ଛପର ଗ୍ରାମରେ ରେଡିଓ ଢେମସାକୁ ପରିଦର୍ଶନ କରିଥିଲେ ଏବଂ ଉପସ୍ଥାପନ, ଧ୍ୱନି ମିଶ୍ରଣ, ଏବଂ ଅନ୍ୟାନ୍ୟ ଦିଗ ସହିତ ରେଡିଓ କାର୍ଯ୍ୟକ୍ରମର ପରିବେଶନର ବିଭିନ୍ନ କୌଶଳ ଉପରେ ଶିକ୍ଷା ଲାଭ କରିଥିଲେ ବୋଲି ବିଶ୍ୱବିଦ୍ୟାଳୟର ଲୋକସମ୍ପର୍କ ଅଧିକାରୀ ଡ. ଫଗୁନାଥ ଭୋଇ ସୂଚନା ଦେଇଛନ୍ତି । ସୋଭା ପକ୍ଷରୁ ଶ୍ରୀ ରାମ ପ୍ରସାଦ ପଟ୍ଟନାୟକ, ନିବେଦିତା ପଣ୍ଡା ଏବଂ ଅର୍ପିତା ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ସୀମାନ୍ତରେ ମହାସମାରୋହରେ ପାଳିତ ହେଲା ଓଡିଶା ଦିବସ: ଦର୍ଶକଙ୍କୁ ଆକର୍ଷିତ କଲା ଓଡ଼ିଆଣୀ ପିଠା, ମିଠା ଓ ଖାଦ୍ୟ ସାମଗ୍ରୀ

ଯୋଡା ,୦୩/୪ (ନି.ପ୍ର): ସୀମାନ୍ତରେ ଓଡ଼ିଆ କଳା, ସଂସ୍କୃତି ଓ ପରମ୍ପରା ଲୋପ ପାଉଥିବା ବେଳେ ଓଡ଼ିଶାର ଐତିହ୍ୟକୁ ବଜାୟ ରଖିବାକୁ ପ୍ରୟାସ ଜାରି ରହିଛି । ଜିଲାର ସୀମାନ୍ତ ତଥା ଖଣି ଅଂଚଳ ବଲାଣିରେ ଓଡିଶା ଦିବସ ପାଳନ ଅବସରରେ ଉତ୍କଳ ଦିବସ ପାଳନ ସମିତି ପକ୍ଷରୁ ଅତି ଉତ୍ସାହ ଓ ମହାସମାରୋହରେ ଏହି ଦିବସ ପାଳନ କରାଯାଇଛି । ସମିତି ପକ୍ଷରୁ ମାସକ ପୂର୍ବରୁ ଏ ନେଇ ପ୍ରସ୍ତୁତି ଆରମ୍ଭ ହୋଇଥିଲା । ବିଭିନ୍ନ ବର୍ଗରେ ପ୍ରବନ୍ଧ,ବକ୍ତୃତା, ସଙ୍ଗୀତ, ଶଙ୍ଖବାଦନ,ସାଧାରଣ ଜ୍ଞାନ, ଚିତ୍ରାଙ୍କନ ଓ ମହିଳା ମାନଙ୍କ ପାଇଁ ମୁରୁଜ ପ୍ରତିଯୋଗିତା ଆଦି ଅନୁଷ୍ଠିତ ହୋଇଥିଲା । ଓଡିଶା ଦିବସ ଅବସରରେ ପାଳନ ସମିତିର ସଦସ୍ୟ, ସ୍ଥାନୀୟ ଅଂଚଳର ବାସିନ୍ଦା ଓ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନେଇ ବିଜୁ ପଟ୍ଟନାୟକ ଛକ ନିକଟରୁ ପ୍ରଭାତ ଫେରୀ ବାହାରି ଖଣି ଟାଉନସିପ୍ ର ବିଭିନ୍ନ ମୁଖ୍ୟ ସଡକ ଦେଇ ଗୋପବନ୍ଧୁ ଛକରେ ପହଂଚିଥିଲା । ଗୋପବନ୍ଧୁ ଛକରେ ବିଭିନ୍ନ ଅତିଥି ଓ ସ୍ଥାନୀୟ ବାସିନ୍ଦାଙ୍କ ଦ୍ୱାରା ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତି ରେ ଶ୍ରଦ୍ଧାଞ୍ଜଳି ଦେବା ସହିତ ମାଲ୍ୟାର୍ପଣ କରାଯାଇଥିଲା । ପରେ ବଲାଣି ଖଣିର ମୁଖ୍ୟ ଫାଟକ ସମ୍ମୁଖରେ ଥିବା ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ରେ ମାଲ୍ୟାର୍ପଣ କରାଯାଇଥିଲା । ସନ୍ଧ୍ୟା କାର୍ଯ୍ୟକ୍ରମରେ ଉତ୍କଳ ଦିବସ ପାଳନ କମିଟିର ଅଧ୍ୟକ୍ଷ ସୁବାଷ ଚନ୍ଦ୍ର ସାହୁଙ୍କ ସଭାପତିତ୍ୱ ରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଯେଉଁଥିରେ ବଲାଣି ଖଣିର ମୁଖ୍ୟ ମହାପ୍ରବନ୍ଧକ ଜୟଦେବ ଚଟ୍ଟୋପାଧ୍ୟାୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଓଡ଼ିଶାର ବିସ୍ତୀର୍ଣ୍ଣ ଗୌରବର ଗାଥା ଅଭିଭାଷଣ ମାଧ୍ୟମରେ ରଖିଥିଲେ । ମୁଖ୍ୟ ବକ୍ତା ଭାବେ ହାସ୍ୟ କବି ଜ୍ଞାନ ହୋତା ଯୋଗ ଦେଇ ହାସ୍ୟାତ୍ମକ ଢଙ୍ଗରେ ଓଡ଼ିଆ ଭାଷା ଓ ଓଡ଼ିଆଙ୍କ ସ୍ଥିତି ସମ୍ବନ୍ଧରେ ନିଜର ମତ ରଖିବା ସହିତ ଓଡ଼ିଆ ଭାଷାକୁ କିପରି ଦୈନନ୍ଦିନ ଜୀବନରେ ବ୍ୟବହାର କରାଯିବ ସେ ନେଇ ଆଲୋକପାତ କରି ଦର୍ଶକଙ୍କୁ ଆକୃଷ୍ଟ କରି ରଖିଥିଲେ । ସମିତିର ସମ୍ପାଦକ ରାଜେନ୍ଦ୍ର ଖଟୁଆ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ । ଏହି ଅବସରରେ ବଲାଣି ଅଂଚଳର ଗୃହିଣୀ ମାନଙ୍କ ଦ୍ୱାରା ଉତ୍ସବ ସ୍ଥଳରେ ଓଡ଼ିଆଣି ପିଠା,ମିଠା ଓ ଅନ୍ୟାନ୍ୟ ଖାଦ୍ୟ ସାମଗ୍ରୀର ଆସର ଜମିଥିଲା । ଯେଉଁଥିରେ ସ୍ଥାନୀୟ ଅଂଚଳର ଦର୍ଶକ ଏହି ଖାଦ୍ୟ ଖାଇବାକୁ ଭିଡ଼ ଜମାଇଥିଲେ । ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ଏହି ଅବସରରେ ନୃତ୍ୟ ପରିବେଷଣ କରିବା ସହିତ ଭୁବନେଶ୍ୱର ରୁ ଆସିଥିବା ନୃତ୍ୟ ଅନୁଷ୍ଠାନ ଶଙ୍ଖନାଦ ପକ୍ଷରୁ ଓଡିଶୀ ଓ ଓଡିଶା ର ବିଭିନ୍ନ ଲୋକନୃତ୍ୟ ପରିବେଷଣ କରିଥିଲେ ।

## ଡୁଙ୍ଗୁରିପାଲି ବ୍ଲକରେ ଗଡିଲା ଶିକ୍ଷା ସଚେତନତା ରଥ

ସୁବର୍ଣ୍ଣପୁର,୦୩/୪ (ନି.ପ୍ର): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକର ବିଭିନ୍ନ ଗାଁରେ ଶିକ୍ଷା ସଚେତନତା ରଥ ଗଡିଛି । ପ୍ରଥମେ ରାମପୁର ନୋଡାଲ ଉଚ୍ଚ ବିଦ୍ୟାଳୟରେ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ ଅବସରରେ ବିଦ୍ୟାଳୟରେ ସମ୍ମୁଖରେ ଶିକ୍ଷା ସଚେତନତା ରଥକୁ ମୁଖ୍ୟ ଅତିଥିଭାବରେ ବରିଷ୍ଠ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଗଞ୍ଜଲୁ ମିର୍ଦ୍ଧା ଫିତା କାଟି ଶୁଭାରମ୍ଭ କରିଥିଲେ । ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ରଥକୁ ସ୍ୱାଗତ କରିବା ସହ ରାମପୁର ଗ୍ରାମ ପରିକ୍ରମା କରାଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହୋସିୟା ଛତ୍ରିଆ, ଶିକ୍ଷକ ଉମାକାନ୍ତ ତ୍ରିପାଠୀ, ବିଭୁତି ଭୂଷଣ ରଥ, ଚୌହାନ କୁମାର ଦାଶ, ବିଶ୍ୱଜିତ ସା, ଶିକ୍ଷୟିତ୍ରୀ ତରଙ୍ଗିନୀ ମହାପାତ୍ର, ସୁଜାତା ସାହୁ, ରେଣୁକା ଦାଶ, ରୀନା ବାଗ, ନମିତା ସାହୁ, ବବିତା ମେହେର, ସରୋଜ ଦାସିଆ ଓ ପ୍ରଶାନ୍ତ ବାବୁ ସହଯୋଗ କରିଥିବା ବେଳେ ଶିକ୍ଷକ ସୁଧୀର ଗଡତିଆ ସଂଯୋଜନା କରିଥିଲେ ଏବଂ କୁଶ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ରାମପୁର ସିଆରସିସି ପ୍ରଦୀପ୍ତ କିଶୋର ଦାଶ, ମାୟାବର୍ହା ସିଆରସିସି ସୌରଭ ସାହୁ ଉପସ୍ଥିତ ରହି ସମସ୍ତଙ୍କୁ ଉତ୍ସାହିତ କରିଥିଲେ । ବାଳିକା ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ନିରୁପମା ପାଣିଗ୍ରାହୀ, ଶିକ୍ଷୟିତ୍ରୀ ସଂଗୀତା ବେହେରା, ଅରୁଣା ମେହେର ଓ ସମସ୍ତ ଛାତ୍ରୀ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ତାପରେ ମାୟାବର୍ହା, ବେହେରାମାଲ, ସମଲେଇଚୁଆଁ କ୍ଲଷ୍ଟରର ବିଭିନ୍ନ ବିଦ୍ୟାଳୟରେ ଏହାକୁ ସ୍ୱାଗତ କରାଯିବା ସହ ପ୍ରବେଶ ଉତ୍ସବ, ଖଡ଼ିଛୁଆଁ ପାଇଁ ଜନସଚେତନତା ସୃଷ୍ଟି କରି ସଭିଏଁ ସ୍କୁଲ ଯିବାର ବାର୍ତ୍ତାରେ ପ୍ରତିଧ୍ୱନିତ ହୋଇଥିଲା । ଅଇଁଳାସାରୀ ଗାଁରେ ତାଳ, ଖୋଳ, ସମ୍ପ୍ରଦା ସହିତ ଗ୍ରାମ ପରିକ୍ରମା କରାଯାଇଥିଲା ।

# ଅଗ୍ନିବୀର ଯୋଜନା ମାଧ୍ୟମରେ ସମ୍ବଲପୁରଠାରେ ଆର୍ମି ନିଯୁକ୍ତି ପଞ୍ଜୀକରଣ ଆରମ୍ଭ

ସୁବର୍ଣ୍ଣପୁର,୦୩/୪ (ନି.ପ୍ର): ଅନୁଗୁଳ, ବରଗଡ, ବଲାଙ୍ଗିର, ଢେଙ୍କାନାଳ, ଦେବଗଡ, ଝାରସୁଗୁଡା, କେନ୍ଦୁଝର, ସମ୍ବଲପୁର , ସୁବର୍ଣ୍ଣପୁର ଓ ସୁନ୍ଦରଗଡ ଜିଲ୍ଲାର ଯୋଗ୍ୟ ପ୍ରାର୍ଥୀଙ୍କ ନିମନ୍ତେ ଅଗ୍ନିପଥ ଯୋଜନା ମାଧ୍ୟମରେ ଆର୍ମି ନିଯୁକ୍ତି ପଞ୍ଜୀକରଣ ଆରମ୍ଭ ହୋଇଛି । ଏହି ଆର୍ମି ନିଯୁକ୍ତି ପଞ୍ଜୀକରଣ ମାର୍ଚ୍ଚ ମାସ ୧୨ ତାରିଖ ଠାରୁ ଆରମ୍ଭ ହୋଇଥିବା ବେଳେ ଏହା ଏପ୍ରିଲ ୧୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ଏଥି ନିମନ୍ତେ ପ୍ରାର୍ଥୀମାନଙ୍କୁ ୨୫୦ ଟଙ୍କା ଫି ଦେୟ ପଡିବ । ମାନଦଣ୍ଡ , ଶିକ୍ଷାଗତ ଯୋଗ୍ୟତା ଏବଂ ଅନଲାଇନ ପରୀକ୍ଷା ଅନୁସାରେ ପ୍ରାର୍ଥୀ ମାନେ ନିଯୁକ୍ତି ପାଇବେ । ରାଲି ବିଜ୍ଞାପନ ଜଏନ ଇଣ୍ଡିଆନ ଆର୍ମି ୱେବ ସାଇଟ www.joinindianarmy.nic.in ରେ ଦେଖିପାରିବେ । ଆବେଦନ କରିବା ପାଇଁ ଅନଲାଇନ ରେଜିଷ୍ଟ୍ରେସନ ବାଧ୍ୟତାମୂଳକ ଅଟେ । ଅନଲାଇନ ରେଜିଷ୍ଟ୍ରେସନ ଏପ୍ରିଲ ୧୦ ତାରିଖ ପର୍ଯ୍ୟନ୍ତ ଖୋଲା ରହିବ । ଆର୍ମି ନିଯୁକ୍ତି ରାଲି ଆରମ୍ଭ ହେବାର ଯଥେଷ୍ଟ ପୂର୍ବରୁ ପ୍ରାର୍ଥୀମାନଙ୍କ ପଞ୍ଜିକୃତ ଇ – ମେଲ ରେ ଏଡମିଟ କାର୍ଡ ପ୍ରେରଣ କରାଯିବ ବୋଲି ସମ୍ବଲପୁର ଏଆରଓ ଜଣାଇଛନ୍ତି । ପ୍ରାର୍ଥୀମାନଙ୍କ କୌଣସି ପ୍ରକାର ସୂଚନା ନିମନ୍ତେ ୦୬୬୩-୨୫୨୦୮୪୫ ନମ୍ବରରେ ଯୋଗାଯୋଗ କରିପାରିବେ ।

# ଟାଟା ପାୱାରର ଜୁଲୁମ୍ ବିରୁଦ୍ଧରେ ଓ ୩୦୦ ୟୁନିଟ୍ ମାଗଣା ବିଜୁଳି ଦାବିରେ ସିପିଆଇର ବିକ୍ଷୋଭ

ଜୟପୁର,୦୩/୪ (ନି.ପ୍ର): ସିପିଆଇ କର୍ମୀ ମାନେ ବିଦ୍ୟୁତ୍ ବିଭାଗ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଆଜି ଦାବି ପତ୍ର ପ୍ରଦାନ କରିଛନ୍ତି। ସିପିଆଇର କର୍ମୀ ଓ ନେତା ମାନେ ଦଳୀୟ ପତକା ଧରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହି ଦାବି ପତ୍ର ରେ ଦର୍ଶାଇଛନ୍ତି ଯେ , ସରକାର ନିର୍ବାଚନ ସମୟରେ ଦେଇଥିବା ପ୍ରତିଶୃତି ଅନୁସାରେ ପ୍ରତ୍ୟେକ ବିଦ୍ୟୁତ୍ ଉପଭୋକ୍ତାଙ୍କୁ ୩୦୦ ୟୁନିଟ୍ ମାଗଣା ବିଜୁଳି ଯୋଗାଇ ଦିଅନ୍ତୁ,ଟାଟା ପାୱାର ସ୍ମାର୍ଟ ମିଟର ବସାଇ ଉପଭୋକ୍ତାଙ୍କୁ କରୁଥିବା ଶୋଷଣ ବନ୍ଦ ହେଉ , ବିଜୁଳି ଦର ବୃଦ୍ଧି ବନ୍ଦ କର , ଚାଷ ଓ ଅନ୍ୟ ଆନୁଷଙ୍ଗିକ କ୍ଷେତ୍ରକୁ ମାଗଣାରେ ବିଜୁଳି ଯୋଗାଇ ଦିଅ, ବିଜୁଳି ବିଲ୍ ଓଡ଼ିଆ ଭାଷାରେ ଗ୍ରାହକ ମାନଙ୍କୁ ଦିଆଯାଉ ଏବଂ ନିଯୁକ୍ତି କ୍ଷେତ୍ରରେ ସ୍ଥାନୀୟ ବେକାର ଯୁବକ ଯୁବତୀଙ୍କୁ ସୁଯୋଗ ଦିଆଯାଉ । ସିପିଆଇ କର୍ମୀ ମାନେ ରାଜ୍ୟ କାର୍ଯ୍ୟକାରି କମିଟି ସଭ୍ୟ ଶ୍ରୀ ପ୍ରମୋଦ କୁମାର ମହାନ୍ତି ଓ ଜିଲ୍ଲା ସମ୍ପାଦକ ଶ୍ରୀ ଯୁଧିଷ୍ଠିର ରାଉଳଙ୍କ ନେତୃତ୍ୱରେ ବିକ୍ଷୋଭ ପ୍ରଦର୍ଶନ କରି ଦାବି ପତ୍ର ପ୍ରଦାନ କରିଛନ୍ତି। ଦାବି ପୂରଣ ନହେଲେ ଆନ୍ଦୋଳନ ବ୍ୟାପକ ହେବ ବୋଲି ଚେତାବନୀ ଦିଆଯାଇଛି ଓ ଆଜିର ବିକ୍ଷୋଭ ରେ ଉତ୍ତମ ମଲ୍ଲିକ,ନନ୍ଦ ହରିଜନ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ନବମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ବଲାଙ୍ଗିର,୦୩/୪ (ନି.ପ୍ର): ଲୋଇସିଂହା ବ୍ଲକ୍ ଅନ୍ତର୍ଗତ ଆଦିବାସୀ ଉଚ୍ଚ ବିଦ୍ୟାଳୟ ତାଲଜୁରୀ ଗ୍ରାମରେ ବର୍ଣ୍ଣାଢ଼୍ୟ ପରିବେଶ ରେ ନୂତନ ଭାବରେ ପାଦ ଦେଇଥିବା ନବମ ଶ୍ରେଣୀ ର ଛାତ୍ରଛାତ୍ରୀ ମାନଙ୍କୁ ସ୍ୱାଗତ କରାଯାଇଥିଲା। ଆୟୋଜିତ ସଭାରେ ସ୍କୁଲ ର ପ୍ରଧାନ ଶିକ୍ଷକ ନେପାଳ ଚନ୍ଦ୍ର ମହାରଣା ଯୋଗଦେଇଥିବା ବେଳେ, ସମ୍ମାନୀତ ଅତିଥି ଭାବରେ ସରପଂଚ ହିମାଂଚଳ ମେହେର, ପୂରାତନ ସମିତି ସଭ୍ୟ ବିଜୟ ସାହୁ, ୟୁ ପି ସ୍କୁଲ ର ଚେୟାରମେନ କାମଧର ପାତ୍ର, ସହକାରୀ ଶିକ୍ଷକ ନିର୍ମଳ କୁମାର ଏବଂ ଏହି ବିଦ୍ୟାଳୟ ର ଚେୟାରମେନ ଶ୍ରୀମତୀ ସସ୍ମିତା ବାଗ ଯୋଗଦେଇ ଥିଲେ, ଅନ୍ୟ ତମ ସମ୍ମାନୀତ ଅତିଥି ରୂପରେ ନିମନ୍ତ୍ରିତ ହୋଇଥିଲେ ବରିଷ୍ଠ ସାମ୍ବାଦିକ ଶ୍ରୀଯୁକ୍ତ ବିମଳ ସାହୁ, ବୁର୍ଡା। ସମସ୍ତ ଙ୍କୁ ସ୍ୱାଗତ କରିଥଲେ ଶିକ୍ଷକ ସୁରେଶ କୁମାର ଦାସ ସଭା କୁ ପରିଚାଳନା କରିଥଲେ ଶିକ୍ଷକ ଦିଲିପ କୁମାର ମିଶ୍ର, ବିଦ୍ୟାଳୟ ର ପ୍ରବେଶ ଦ୍ୱାର ରୁ ନୂତନ ଛାତ୍ର ମାନଙ୍କୁ ଫୁଲ ଚନ୍ଦନ ସାଥେ ସ୍ୱାଗତ ସ୍ଲୋଗାନ ଦେଇ ସ୍ୱାଗତ କରାଯାଇଥିଲା, ଖୁସିର କଥା ଏହି ସ୍ୱାଗତ ସମାରୋହ ରେ ଗ୍ରାମର ଶତାଧିକ ବ୍ୟକ୍ତି ସାମିଲ ହୋଇଥିଲେ। ବିଦ୍ୟାଳୟ ର ଉନ୍ନତି, ପାଠପଢ଼ା ତଥା ଛାତ୍ର ମାନଙ୍କ ଉପସ୍ଥାନ ଉପରେ ବକ୍ତା ମାନେ ନିଜର ନିଜର ମତାମତ ରଖିଥିଲେ, ଅଭିଭାଷଣ ରେ ଉଭୟ ନୂତନ ତଥା ପୁରାତନ ଛାତ୍ର ଛାତ୍ରୀ ମାନଙ୍କ ଭାଷଣ ମଧ୍ୟ ହୃଦୟସ୍ପର୍ଶି ଥିଲା। କବି ତଥା ଶିକ୍ଷକ ଦିଲିପ୍ କୁମାର୍ ମିଶ୍ର ଙ୍କ ଏ ଅୟୋଜନ ଙ୍କୁ ଗ୍ରାମବାସୀ ଭୂରି ଭୂରି ପ୍ରଶଂସା କରିଥଲେ। ଶେଷରେ ଶିକ୍ଷକ ପ୍ରମାଦ କଲେତ ଧନ୍ୟବାଦ୍ ଅର୍ପଣ କରିଥିଲେ ଶେଷରେ ମିଷ୍ଟାନ୍ନ ବଂଟନ ପରେ ସଭା ସାଙ୍ଗ ହୋଇଥିଲା।

# ବିଶ୍ୱ ସ୍ୱପରାୟଣତା ସଚେତନତା ଦିବସ ପାଳିତ

ଭଦ୍ରକ,୦୩/୪ (ନି.ପ୍ର): ଜିଲ୍ଲାପ୍ରଶାସନ (ଏସଏସଇପିଡି) ଏବଂ ଡିଡିଆରସି, ଭଦ୍ରକର ସହଯୋଗରେ ସିଆରଏସ୍ଆର ଠାରେ ଜିଲ୍ଲାସ୍ତରୀୟ ବିଶ୍ୱ ସ୍ୱପରାୟଣତା ସଚେତନତା ଦିବସ ୨୦୨୫ ପାଳିତ ହୋଇଯାଇଅଛି। ଜିଲାପାଳ ଦିଲ୍ଲୀପ କୁମାର ରାଉତରାୟ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପବିତ୍ର କୁମାର ଦାସ, ଡେପୁଟି କଲେକ୍ଟର୍ ତଥା ଡିଆଇପିଆରଓ କାର୍ତ୍ତିକନାଥ ମଣ୍ଡଳ ଓ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀଙ୍କ ସହିତ ଏହି କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଭଦ୍ରକ ଜିଲ୍ଲାପାଳ ଶ୍ରୀ ରାଉତରାୟ ବିଶ୍ୱ ସ୍ୱପରାୟଣତା ସଚେତନତା ଦିବସରେ ମତାମତ ଦେବାକୁ ଯାଇ ଭିନ୍ନକ୍ଷମମାନେ ସ୍ୱାଧିନ ଭାବରେ କିପରି ବଂଚି ରହିବେ ଏବଂ ସେମାନଙ୍କ ପ୍ରତି ଆନ୍ତରିକତାର ସହ ଆମମାନଙ୍କର ଦାୟିତ୍ୱ ରହିବା ଉଚିତ ବୋଲି ପରାମର୍ଶ ଦେଇଥିଲେ। ଏଥିସହିତ ଏକ ଚଳଚିତ୍ରର ଉଦାହରଣ ଦେଇ ସମାଜର ଅଟିଜିମ୍ ପିଲାଙ୍କ ଉପରେ ପ୍ରତିଫଳିତ ହେବା ସହିତ ସଚେତନ ଓ ଦିଗଦର୍ଶନ ଦେଇଥାଏ ବୋଲି ବର୍ଣନା କରିଥିଲେ। ଅଭିଭାବକମାନେ ସଦାସର୍ବଦା ସଚେତନ ହେଲେ ପାରିବାରିକ ଓ ସାମାଜିକ କ୍ଷେତ୍ରରେ ଏହାର ନିରାକରଣ ହୋଇପାରିବ ବୋଲି ଉଚିତ ପରାମର୍ଶ ଦେଇଥିଲେ। ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମଣ୍ଡଳ ସ୍ୱପରାୟଣତା ସମ୍ବନ୍ଧରେ ବିଶଦ ଭାବରେ ଆଲୋଚନା କରି ଭଗବାନଙ୍କ ସୃଷ୍ଟିରେ ସମସ୍ତେ ସମାନ ବୋଲି କହିଥିଲେ ଏବଂ ସ୍ୱପରାୟଣତା ଏକ ଅବସ୍ଥା କିନ୍ତୁ ରୋଗ ନୁହେଁ ବୋଲି କହି ସେମାନେ କିପରି ସଧାରଣ ଚିକିତ୍ସିତ ହୋଇ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ମତବ୍ୟକ୍ତ କରିଥିଲେ। ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀଯୁକ୍ତ ଦାସ ପ୍ରଶାସନିକ ସ୍ତରରେ ସରକାରଙ୍କର ଭିନ୍ନକ୍ଷମମାନଙ୍କ ପ୍ରତି ସାହାଯ୍ୟ ସହଯୋଗ କିପରି ରହିଛି ତାହା ଉପରେ ପୁଙ୍ଖାନୁପୁଙ୍ଖ ସୂଚନା ଦେଇଥିଲେ ଏବଂ ଆର୍ଥିକ ଓ ସମାଜିକ ଅବସ୍ଥା ଉପରେ ସେମାନଙ୍କ ପ୍ରତି ଆମର ପ୍ରଗାଢ଼ କର୍ତବ୍ୟ ରହିବା ଉଚିତ ବୋଲି ମତବ୍ୟକ୍ତ କରିଥିଲେ। ସି.ଆର.ଏସ୍.ଆର.ର ମୁଖ୍ୟ କାର୍ଯ୍ୟନିର୍ବାହୀ ଡ଼. ଭଗବାନ ପରିଡ଼ା ସ୍ୱପରାୟଣତା ଉପରେ ଆଲୋଚନା କରି ଏହାର କାରଣ ଓ ନିରାକରଣ ତଥା ଏହାକୁ ବାଲ୍ୟାବସ୍ଥାରୁ କିପରି ଚିହ୍ନଟ କରିହେବ ବିଭିନ୍ନ ପ୍ରକାର ଉଦାହରଣ ମାଧ୍ୟମରେ ବର୍ଣନା କରିଥିଲେ। ସି.ଆର.ଏସ୍.ଆର. ସ୍ୱତନ୍ତ୍ର ବି.ଏଡ଼. କଲେଜ (ଆ.ଇଡ଼ି)ର ଅଧ୍ୟକ୍ଷ ଶ୍ରୀ ଲେଙ୍କା ପିଲାମାନଙ୍କ ପ୍ରତି ସ୍ୱତନ୍ତ୍ର ଯତ୍ନ ଓ ସେବା ଉପରେ ଆଲୋଚନା କରି ସେମାନଙ୍କୁ କିପରି ଥଇଥାନ କରାଯାଇପାରିବ ତା ଉପରେ ଅଭିଭାଷଣ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମ ଦୁଇଟି ଅଧିବେଶନରେ ଅନୁଷ୍ଠିତ ହୋଇଥିଲା ଏବଂ କ୍ଲିନିକାଲ୍ ସାଇକୋଲୋଜିଷ୍ଟ, ଅର୍ଥିଓଲୋଜିଷ୍ଟ ଓ ସ୍ପିଚ୍ ଥେରାପିଷ୍ଟ, ଅକୁପେସନାଲ୍ ଥେରାପିଷ୍ଟଙ୍କ ଦ୍ୱାରା ବୈଷୟିକ ଅଧିବେଶନରେ ପିତାମାତା, କ୍ଷେତ୍ରସ୍ତରୀୟ କର୍ମୀ, ସିବିଆର କର୍ମୀ ଇତ୍ୟାଦିଙ୍କ ମଧ୍ୟରେ ଅକ୍ଷମତାର ପ୍ରଭାବ ହ୍ରାସ କରିବା ପାଇଁ ପ୍ରାରମ୍ଭିକ ଚିହ୍ନଟ, କାରଣ, ପଦକ୍ଷେପ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ପାଇଁ ନିଆଯାଇଥିବା ପଦକ୍ଷେପଗୁଡ଼ିକ ଉପରେ ଆଲୋକପାତ କରାଯାଇଥିଲା।

# ଗୋକର୍ଣ୍ଣିକା ସାହିତ୍ୟ ସମାଜର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ୫ରେ

ଧର୍ମଶାଳା,୦୩/୪ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ଅଂଚଳର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ଗୋକର୍ଣ୍ଣିକା ସାହିତ୍ୟ ସମାଜର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଆସନ୍ତା ୫ ଓ ୬ ଦୁଇ ଦିନ ବ୍ୟାପି ଶାନ୍ତିବଜାର ନିକଟସ୍ଥ ମିତୋଜ କୋର୍ଟୟାର୍ଡ ମଣ୍ଡପରେ ଅନୁଷ୍ଠିତ ହେବ । ଉତ୍ସବର ପ୍ରଥମ ଦିବସ ପୁର୍ବାହ୍ନରେ ବରିଷ୍ଠ କବି ତଥା ପ୍ରାବନ୍ଧିକ ରବି ନାରାୟଣ ସେନାପତି ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିବେ ଏଥିସହ ବରେଣ୍ୟ ଅତିଥି ଭାବେ ବିଶିଷ୍ଟ କବି, ସ୍ତମ୍ଭକାର ଡ. ରଞ୍ଜନ କୁମାର ଦାସ,କବି ଅମରେଶ ପଟ୍ଟନାୟକ ଓ କବି ଅମିୟ ମହାପାତ୍ର ଯୋଗଦେବେ । ସେହିପରି ଅପରାହ୍ନରେ ଅବସରପ୍ରାପ୍ତ ପ୍ରଶାସକ ତଥା କବି ଧନଞ୍ଜୟ ସ୍ୱାଇଁଙ୍କ ସଭାପିତ୍ୱରେ ଅନୁଷ୍ଠିତ "ସାହିତ୍ୟର ବିକାଶରେ ସାହିତ୍ୟ ଅନୁଷ୍ଠାନ ମାନଙ୍କ ଭୂମିକା" ଶିର୍ଷକ ଆଲୋଚନାରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ପ୍ରଫେସର ବୈଷ୍ଣବ ଚରଣ ସାମଲ, ବରେଣ୍ୟ ଅତିଥି ଭାବେ ଓଡିଶା ସାହିତ୍ୟ ଏକାଡେମୀ ଓ ଓଡିଶା ନାଟକ ଏକାଡେମୀ ସଚିବ ଡକ୍ଟର ଚନ୍ଦ୍ର ଶେଖର ହୋତା, କିଶ ବିଶ୍ୱ ବିଦ୍ୟାଳୟର ପ୍ରଫେସର ବିଜୟାନନ୍ଦ ସିଂହ ଯୋଗଦେବେ । ୬ ତାରିଖ ପୁର୍ବାହ୍ନରେ ସାହିତ୍ୟିକ ତଥା ଗୋକର୍ଣ୍ଣିକା ସାହିତ୍ୟ ସମାଜର ସଭାପତି ରମାକାନ୍ତ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉଦଘାଟକ ଭାବେ ଜାତୀୟ ମାନବଅଧିକାର ସଦସ୍ୟ ଜଷ୍ଟିସ ଡକ୍ଟର ବିଦ୍ୟୁତ ରଞ୍ଜନ ଷଡଙ୍ଗୀ, ମୁଖ୍ୟ ଅତିଥି ଭବେ ଜ୍ଞାନପୀଠ ବିଜେତା ତଥା ପ୍ରଖ୍ୟାତ ଔପନ୍ୟାସିକ ପଦ୍ମ ଭୂଷଣ, ଡ. ପ୍ରତିଭା ରାୟ ଯୋଗଦେବେ । ଅପରାହ୍ନରେ ଗୋକର୍ଣ୍ଣିକା ସାହିତ୍ୟ ସମାଜର ଉପଦେଷ୍ଟା ପ୍ରଫେସର ବିଜୟ କୁମାର ଶତପଥୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପତ୍ରପତ୍ରିକା ସମ୍ପାଦକ ଓ ସାହିତ୍ୟ ଅନୁଷ୍ଠାନ କର୍ମକର୍ତାମାନଙ୍କୁ ସମ୍ବର୍ଦ୍ଧନା ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୁର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡେଇ,ବରେଣ୍ୟ ଅତିଥି ଭାବେ ପୁର୍ବତନ ମନ୍ତ୍ରୀ ଅମର ପ୍ରସାଦ ଶତପଥୀ ଯୋଗଦେବେ ବୋଲି ଗୋକର୍ଣ୍ଣିକା ସାହିତ୍ୟ ସମାଜର ସଭାପତି ରମାକାନ୍ତ ଜେନା ଓ ସମ୍ପାଦକ ମହେଶ୍ୱର ପାଢୀ ଏକ ପ୍ରେସ ବିବୃତିରେ ଜଣାଇଛନ୍ତି ।

# ଯେଶୱାଲ ସମାଜ ପକ୍ଷରୁ ଚୈତ୍ର ପର୍ବ ସୁନ୍ଦରାକାଣ୍ଡ ଏବଂ ୧୫୦୦ ଭକ୍ତଙ୍କୁ ପ୍ରସାଦ ବଂଟନ

ବଲାଙ୍ଗିର,୦୩/୪ (ନି.ପ୍ର): ସମଲେଇ ମନ୍ଦିର ଚୈତ୍ର ମାସରେ ମାଁ ଙ୍କ ପୂଜାର୍ଚ୍ଚନା ଭକ୍ତଙ୍କ ସୁଅ ଛୁଟୁଥିବା ବେଳେ ମାଁ ଙ୍କ ବେଶ ଦେଖିବା ପାଇଁ ବେଶ୍ ଭିଡ ହେଉଛି । ଯେଶୱାଲ ସମାଜ ପକ୍ଷରୁ ଚୈତ୍ର ମାସ ଆଜି ଦିନରେ ପ୍ରଭୁଶ୍ରୀ ରାମଚନ୍ଦ୍ର ଯୁଦ୍ଧ ବିଜେ କରିବା ପାଇଁ ମାଁ ଙ୍କୁ ପୂଜାର୍ଚ୍ଚନା କରିଥିଲେ । ଏହି ଅବସରରେ ଆଜି ସମଲେଇ ମନ୍ଦିର ପ୍ରାଙ୍ଗଣରେ ଯେଶୱାଲ ସମାଜ ପକ୍ଷରୁ ସୁନ୍ଦରାକାଣ୍ଡ ,ରାମ କଥା ଓ ହୋମ ଯଜ୍ଞ ସହ ମହା ଆଳତି ହୋଇଥିଲା । ପୂଜକ ବଳରାମ ମିଶ୍ର ରାମ କଥା କହିଥିବା ବେଳେ ସହଯୋଗ କରିଥିଲେ ଶରତ ଯେଶୱାଲ । ପୂଜା କର୍ତ୍ତା ଭାବେ କୁଲଦିପ ଯେଶୱାଲ ତାଙ୍କ ଧର୍ମପତ୍ନୀ ପ୍ରୀତି ଯେଶୱାଲ ପୂଜା ଦାୟିତ୍ୱ ତୁଲାଇଥିଲେ । ପୂଜାରେ ସମାଜର କର୍ମକର୍ତ୍ତା ଉପସ୍ଥିତ ଥିବା ବେଳେ ସଭାପତି ଚେଲାରାମ ଯେଶୱାଲ, ଉପ-ସଭାପତି ରାଜକୁମାର ଯେଶୱାଲ, କୋଷାଧ୍ୟକ୍ଷ ଅନିଲ କୁମାର ଯେଶୱାଲ, ରାମ ପ୍ରସାଦ ଯେଶୱାଲ, ଅନିଲ ଯେଶୱାଲ, ପ୍ରଦୀପ ଯେଶୱାଲ, ଉଦୟ ଯେଶୱାଲ ଉପସ୍ଥିତ ଥିଲେ ।

# ଜିଲ୍ଲାସ୍ତରୀୟ ଓଡ଼ିଶା ଦିବସ ପାଳିତ

ଖୋରଧା, ୩/୪ (ନି.ପ୍ର): ଖୋରଧା ଜିଲ୍ଲାରେ ଆଜି ଓଡ଼ିଶା ଦିବସ ମହାସମାରୋହରେ ପାଳନ ହୋଇଯାଇଛି । ପ୍ରାତଃ ଘ ୪.୩୦ ମି. ରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ତରଫରୁ ଡାକବାଜି ଯନ୍ତ୍ର ଯୋଗେ ଦେଶାତ୍ମବୋଧକ ସଙ୍ଗୀତର ରେକର୍ଡିଂ ବଜାଯାଇ ସହର ପରିକ୍ରମା କରାଯାଇଥିଲା । ପ୍ରାତଃ ଘ ୭.୦୦ ମି. ରେ ଜିଲ୍ଲାର ସମସ୍ତ ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ସମସ୍ତ ଗୋଷ୍ଠି ଉନ୍ନୟନ ଅଧିକାରୀ/କାର୍ଯ୍ୟ ନିର୍ବାହୀ ଅଧିକାରୀ, ଖୋରଧାଙ୍କ ଦ୍ୱାରା ପୁଷ୍ପମାଲ୍ୟ ମାଲ୍ୟାର୍ପଣ କରାଯାଇଥିଲା । ସନ୍ଧ୍ୟା ଘ. ୬.୩୦ ମି. ରେ ଜୟୀ ରାଜଗୁରୁ ଟାଉନ ହଲ ଠାରେ ସାଧାରଣ ସଭା, ସାଂସ୍କୃତିକ କାର୍ଯ୍ୟକ୍ରମ, ଫଟୋ ପ୍ରଦର୍ଶନୀ ସହିତ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା । ଏହି ସାଧାରଣ ସଭାରେ ମୁଖ୍ୟ ଅତିଥି ମାନ୍ୟବର ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା ମହୋଦୟା ଏବଂ ସମ୍ମାନିତ ଅତିଥି ମାନ୍ୟବର ବିଧାୟକ ଶ୍ରୀଯୁକ୍ତ ପ୍ରଶାନ୍ତ କୁମାର ଜଗଦ୍ଦେବ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ରୁପଶ୍ରୀ ରାଣୀ ଗୁମାନ ସିଂହ/ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଗୋପିନାଥ ମହାରଣା ଜିଲ୍ଲାପାଳ ଚଞ୍ଚଳ ରାଣା, ଅଧ୍ୟକ୍ଷତା କରୁଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ(ପ୍ରଶାସନ) ପ୍ରତାପ ଚନ୍ଦ୍ର ବେଉରା ସ୍ୱାଗତ ଭାଷଣ ରଖିଥିଲେ । ସମସ୍ତ ଙ୍କଉପସ୍ଥିତିରେ ପୁଷ୍ପମାଲ୍ୟ ଅର୍ପଣ ସହିତ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା । ପରେ ପରେ ଅତିଥିମାନଙ୍କୁ ଉତ୍ତରୀୟ ସହିତ ଚାରା ପ୍ରଦାନ କରାଯାଇ ସମ୍ବର୍ଦ୍ଧନା କରାଯାଇଥିଲା । ଅତିରିକ୍ତ ଜିଲ୍ଲାପାଳ(ପ୍ରଶାସନ) ପ୍ରତାପ ଚନ୍ଦ୍ର ବେଉରା ସ୍ୱାଗତ ଅଭିଭାଷଣ ରଖିଥିଲେ । ଏହା ପରେ ସମସ୍ତ ଅତିଥି ବକ୍ତବ୍ୟ ପ୍ରଦାନ କରିଥିଲେ । ପ୍ରଥମେ ମାନ୍ୟବର ଉପ ମୁଖ୍ୟମନ୍ତ୍ରୀ ତାଙ୍କ ଅଭିଭାଷଣରେ କହିଲେ ଯେ ଯେଉଁ ଜାତିର ଇତିହାସ ଯେତେ ସମୃଦ୍ଧ ସେ ଜାତି ସେତେ ଉନ୍ନତ, ପିଲାମାନଙ୍କୁ ଇତିହାସ ପଢିବାକୁ ଉପଦେଶ ଦେଇଥିଲେ, ସେହିପରି ମାନ୍ୟବର ବିଧାୟକ କହିଲେ ଯେ ଆଜି ହେଉଛି ଆତ୍ମ ବିଶ୍ଳେଷଣର ଦିନ, ଆଜି ସମୟ ଆସିଛି ଆମେ ସମସ୍ତେ ଓଡ଼ିଆ କହିବା ଅନୁଧ୍ୟାନ କରିବା, ମାନନୀୟା ଅଧକ୍ଷା ଜିଲ୍ଲା ପରିଷଦ କହିଲେ, ଆଜି ଆମେ ବୀର ପୁରୁଷର ମହାନତା ଓ ବଳିଦାନ ବିଷୟରେ ମନେପକାଇବା। ସେହିପରି ଜିଲ୍ଲାପାଳ କହିଲେ ଓଡ଼ିଆ ପକ୍ଷକୁ ଏତେ ସୁନ୍ଦର ଭାବେ ପାଳନ କରାଯାଉଛି, ଏପ୍ରିଲ ୧ ତାରିଖରୁ ୧୪ ତାରିଖ ପର୍ଯ୍ୟନ୍ତ ଏହା ଚାଲିବ, ଓଡ଼ିଆ ବୋଲି ଆମେ ଜାଣିବୁ, ପିନ୍ଧିବୁ ଏବଂ ସାରା ଭାରତ ଆମକୁ ଜାଣିବ। ଖୋର୍ଦ୍ଧା ଜିଲ୍ଲାର ଐତିହ୍ୟ ଗୌରବମୟ ବୋଲି ସମ୍ମାନୀୟ ଉପାଧ୍ୟକ୍ଷ ଜିଲ୍ଲା ପରିଷଦ ବକ୍ତବ୍ୟ ରଖିଥିଲେ। ସେହିପରି ଆରକ୍ଷୀ ଅଧିକ୍ଷକ ସାଗରୀକା ନାଥ କହିଲେ ଯେଉଁ ଗଛର ମୂଳ ଯେତେ ଦୃଢ ସେ ସେତେ ଦୃଢ, ସେହିପରି ଓଡିଶା ଭାଷାକୁ ସୁଦୃଢ କରିବାକୁ ହେଲେ ତାର ମୂଳଦୁଆକୁ ସୁଦୃଢ କରିବାକୁ ହେବ। ପରେ ଓଡ଼ିଶା ଦିବସ ଉପଲକ୍ଷେ କରାଯାଇଥିବା ଜିଲ୍ଲା ସ୍ତରରେ ପ୍ରତିଯୋଗିତା ରେ ଉଚ୍ଚ ବିଦ୍ୟାଳୟ, ଉଚ୍ଚ ମାଧ୍ୟମିକ ଏବଂ ମହା ବିଦ୍ୟାଳୟ ସ୍ତରୀୟ ପ୍ରବନ୍ଧ, ବକ୍ତୃତା ଏବଂ ଦେଶାତ୍ମବୋଧକ ସଙ୍ଗୀତ ପ୍ରତିଯୋଗୀତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା (୩୧ ଜଣ ଛାତ୍ର/ଛାତ୍ରୀ ଙ୍କୁ) ମାନପତ୍ର ସହିତ ଟ୍ରଫି ପ୍ରଦାନ କରାଯାଇଥିଲା । ଶେଷରେ ଜିଲ୍ଲା ସଂସ୍କୃତି କାର୍ଯ୍ୟାଳୟ ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ମେମ୍ବର, ପୌର ପରିଷଦ ମେମ୍ବର, ଉପଜିଲ୍ଲାପାଳ କିଶୋର କୁମାର ପଣ୍ଡା, ପଂଚାୟତ ସ୍ତରୀୟ ମେମ୍ବର, ସମସ୍ତ ଡେପୁଟି କଲେକ୍ଟର, ସମସ୍ତ ଗୋଷ୍ଠି ଉନ୍ନୟନ ଅଧିକାରୀ, ତହସିଲଦାର, କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲାର ବିଭାଗୀୟ ଅଧିକାରି, ବ୍ଲକ ସ୍ତରୀୟ ଅଧିକାରୀ, ବୁଦ୍ଧିଜୀବୀ, ବିଭାଗୀୟ କର୍ମଚାରୀ ଏବଂ ବିଦ୍ୟାଳୟ ମାନଙ୍କରୁ ଆସିଥିବା ଛାତ୍ରୀ/ଛାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜ୍ୟୋତ୍ସ୍ନାମୟୀ ଆଚାର୍ଯ୍ୟ ଉପସ୍ଥିତ ରହି କାର୍ଯ୍ୟକ୍ରମ ସୁଚାରୁରୂପେ ପରିଚାଳନା କରୁଥିଲେ। ଶେଷରେ ମୁଖ୍ୟ ଉନ୍ନୟନ ଅଧିକାରୀ, ଜିଲ୍ଲା ପରିଷଦ ଜ୍ୟୋତି ଶଙ୍କର ସାହୁ ଧନ୍ୟବାଦ ପ୍ରଦାନ କରିବା ପରେ ସଭାସାଙ୍ଗ କରଯାଇଥିଲା ।

## ଶିମିଳିପାଳକୁ ନିଆଁ ଦାଉରୁ ରକ୍ଷା ପାଇଁ ସଚେତନତା କାର୍ଯ୍ୟକ୍ରମ

ଉଦଳା , ୩/୪ (ନି.ପ୍ର): ଉଦଳା ବ୍ଲକ ଅନ୍ତର୍ଗତ କୁଣ୍ଡାବାଇ ଗ୍ରାମସ୍ଥିତ ରୋହିଦାସ ସୋରେନ କନିଷ୍ଠ ମହାବିଦ୍ୟାଳୟରେ ଥିବା ଜାତୀୟ ସେବା ଯୋଜନା ତରଫରୁ ଶିମିଳିପାଳକୁ ନିଆଁ ଦାଉରୁ ରକ୍ଷା କରିବା ପାଇଁ ସଚେତନତା କାର୍ଯ୍ୟକ୍ରମ ଜାରି ରହିଛି । ମହାବିଦ୍ୟାଳୟର ଅଧ୍ୟକ୍ଷ ଅରବିନ୍ଦ ମୁଦୁଲି ସେବା ଯୋଜନାର ଏପରି ଅଭିନବ ଉଦ୍ୟମକୁ ପ୍ରଶଂସା କରିବା ସହ ଜଙ୍ଗଲରେ ନିଆଁ ଲାଗିବା ଦ୍ୱାରା ପରିବେଶ ଉପରେ ପଡୁଥିବା ଏହାର କୁ ପ୍ରଭାବ ବିଷୟରେ ବିସ୍ତୃତ ବର୍ଣ୍ଣନା କରିଥିଲେ । ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ବିଜୟ କୁମାର ପଣ୍ଡା ଉକ୍ତ ସଚେତନତା କାର୍ଯ୍ୟକ୍ରମରେ ନେତୃତ୍ୱ ନେବା ସହ ପ୍ରାକୃତିକ ଜଙ୍ଗଲ ଥରେ ନଷ୍ଟ ହୋଇଗଲେ ଏହାକୁ ଆଦୌ ଆଉ ସୃଷ୍ଟି କରିହେବ ନାହିଁ ବୋଲି ଛାତ୍ର ଛାତ୍ରୀ ମାନଙ୍କୁ ଜଣାଇଛନ୍ତି । ସାଧାରଣ ଲୋକଙ୍କୁ ଏ ବାବଦରେ ଅବଗତ କରାଇବା ପାଇଁ ଛାତ୍ର ଛାତ୍ରୀ ମାନେ ଶିମିଳିପାଳକୁ ଲାଗିକରିଥିବା ଗ୍ରାମ ଯଥା- ଉପରଡାଳଡ଼ିହା, ବାଲମା, ଜାମୁଡ଼ିହା, ମାଣିକପୁର ଇତ୍ୟାଦି ଅଂଚଳରେ ଶୋଭାଯାତ୍ରା ଓ ପଥପ୍ରାନ୍ତ ନାଟକ ମାନ କରି ସଚେତନତାର ବାର୍ତା ବାଂଟୁଛନ୍ତି । କାର୍ଯ୍ୟକ୍ରମକୁ ସଫଳ କରିବାରେ ଅଭିମନ୍ୟୁ ଗିରି, ଡ଼. ହିମାଂଶୁ ଶେଖର ସାହୁ, ବେଣୁଧର ମହାନ୍ତ, ସନ୍ତୋଷ ଦେହୁରି, ଉପେନ୍ଦ୍ର ପ୍ରସାଦ ବେହେରା ପ୍ରମୁଖ ସହଯୋଗ କରୁଛନ୍ତି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ରାତି ପାହିଲା...

ଚୟନ ନେଇ ପ୍ରକ୍ରିୟା ଆରମ୍ଭ ହେବ। ବିଶ୍ୱବିଦ୍ୟାଳୟରେ ସିଣ୍ଡିକେଟ ଗଠନ କରାଯିବ। କୁଳପତିଙ୍କ କାର୍ଯ୍ୟକାଳ ୭୦ ବର୍ଷକୁ ବୃଦ୍ଧି । ବିଲକୁ ଆଉ ଥରେ ତର୍ଜମା ଓ ସିଲେକ୍ଟ କମିଟିକୁ ପଠାଯାଉ ବୋଲି ଦାବି କରିଥିଲେ ବିରୋଧୀ ସଦସ୍ୟ । ବହୁଦିନ ଧରି ବିଶ୍ୱବିଦ୍ୟାଳୟ ନିଯୁକ୍ତି ପ୍ରକ୍ରିୟାରେ ଏହି ବିଲ୍ ସାଜିଥିଲା ବାଧକ । ବିଶ୍ୱବିଦ୍ୟାଳୟରେ ଶୈକ୍ଷିକ ବାତାବରଣ ଠିକ୍ ଭାବେ ଚାଲି ପାରୁନଥିଲା । ଏବେ ସଂଶୋଧିତ ବିଲ୍ ପାରିତ ଦ୍ୱାରା ବିଶ୍ୱବିଦ୍ୟାଳୟର ସ୍ୱାୟତତ୍ତା କେତେ ଅକ୍ଷୁର୍ଣ୍ଣ ରହୁଛି ତାହା ଆଗାମୀ ଦିନରେ ସ୍ପଷ୍ଟ ହେବ ।

### ବନ୍ଦ ଡାକରା...

ଭୂମିକା ରହିଥିଲା। ଏମାନେଙ୍କ ଶେଷ ଇଚ୍ଛାକୁ ପୂରଣ କରାଯିବ ବୋଲି ସଂଗଠନ କହିଛି। ସରକାରଙ୍କର ଆଦିବାସୀ ଦଳିତଙ୍କ ଉପରେ ନର୍ଯାତନା ବଢି ଚାଲିଛି। ଏହି ଅଂଚଳର ଖଣିଜକୁ ଲୁଟ କରିବା ପାଇଁ ସମସ୍ତ ବ୍ୟବସ୍ଥା ସରକାର କରୁଥିବା କୁହାଯାଇଛି। ଏହି ହତ୍ୟାକାଣ୍ଡକୁ ସମସ୍ତେ ବିରୋଧ କରିବାକୁ ଆହ୍ୱାନ କରାଯାଇଛି। ଆସନ୍ତା ୭ ତାରିଖ ଦିନ ବସ୍ତର ଜିଲ୍ଲା ସମେତ ସୁକମା,ଦନ୍ତେୱାଡା ଜିଲ୍ଲା ବନ୍ଦ ଡାକରା ଦେଇଛି ମାଓ ସଂଗଠନ।

## ପାରାଦୀପ ବନ୍ଦର ଗୋପବନ୍ଧୁ କ୍ରୀଡା ସଂସଦ ପକ୍ଷରୁ ୫ମ ଇଣ୍ଟର ଡିପାର୍ଟମେଣ୍ଟ ଓ ୪ର୍ଥ କର୍ପୋରେଟ କ୍ରିକେଟ ପ୍ରତିଯୋଗିତା ଉଦ୍‌ଘାଟିତ




ପାରାଦୀପ, ୩/୪ : ପ୍ରତି ବର୍ଷ ପରି ପାରାଦୀପ ବନ୍ଦରର ଗୋପବନ୍ଧୁ କ୍ରୀଡ଼ା ସଂସଦ ଆନୁକୁଲ୍ୟରେ ସ୍ଥାନୀୟ ଗୋପବନ୍ଧୁ ଷ୍ଟାଡିୟମ୍ ଠାରେ ୩ ତାରିଖ ଦିନ ୫ମ ଇଣ୍ଟର୍ ଡିପାର୍ଟମେଣ୍ଟ ଓ ୪ର୍ଥ କର୍ପୋରେଟ କ୍ରିକେଟ ପ୍ରତିଯୋଗିତା ଉଦ୍ଘାଟିତ ହୋଇ ଯାଇଛି । ପ୍ରତିଯୋଗିତାକୁ ବନ୍ଦର ଉପାଧ୍ୟକ୍ଷ ନିଳଭ୍ର ଦାସଗୁପ୍ତା ଉଦ୍ଘାଟନ କରି କହିଥିଲେ ଯେ ଏ ପ୍ରକାର ପ୍ରତିଯୋଗିତା ବନ୍ଦରର ଅଧିକାରୀ ଓ କର୍ମଚାରୀ ତଥା ବନ୍ଦର ବ୍ୟବହାରକାରୀ ଓ ଅନ୍ୟ ସଂସ୍ଥା ମାନଙ୍କ ମଧ୍ୟରେ ଏକ ଭାଇଚାରାର ସମ୍ପର୍କ ସୃଷ୍ଟି କରିବାରେ ସହାୟକ ହେବ ଯାହାକି ଭବିଷ୍ୟତରେ ବନ୍ଦରର ଉତ୍ପାଦକତା ବୃଦ୍ଧିରେ ମୁଖ୍ୟ ଅଂଶ ଗ୍ରହଣ କରିବ । ପାରାଦୀପ ବନ୍ଦର ପଣ୍ୟ କାରବାରରେ ନିରନ୍ତର ଭାବରେ ଦ୍ୱିତିୟ ଥର ସର୍ବ ଭାରତୀୟ ସ୍ତରରେ ପ୍ରଥମ ସ୍ଥାନ ଅଧିକାର କରିଥିବାରୁ ସେ ସମସ୍ତଙ୍କୁ ଅଭିନନ୍ଦନ ଜଣାଇବା ସଙ୍ଗେ ସଙ୍ଗେ ଆସନ୍ତା ବର୍ଷ ପାଇଁ ସହଯୋଗ କାମନା କରିଥିଲେ ।ଉଦଘାଟନୀ କାର୍ଯ୍ୟକ୍ରମରେ ଆଇଓସିଏଲର କାର୍ଯ୍ୟକାରୀ ନିର୍ଦ୍ଦେଶକ କୌଶିକ ବସୁ ତଥା ବନ୍ଦରର ସମସ୍ତ ବିଭାଗ ମୁଖ୍ୟ ଉପସ୍ଥିତ ଥିଲେ । ଶେଷରେ ଫୁଟବଲ କୋଚ ରବି ଦାସ ଧନ୍ୟବାଦ୍ ଦେଇଥିଲେ ।ଏହି ପ୍ରତିଯୋଗିତା ୧୧ ଦିନ ଧରି ଚାଲିବ ଏବଂ ଏଥିରେ ବନ୍ଦରର ୭ଟି ବିଭାଗ ଓ ୧୩ଟି ଅନ୍ୟ ସରକାରୀ, ବେସରକାରୀ ସଂସ୍ଥା, ବ୍ୟାଙ୍କ ଓ ବନ୍ଦର ବ୍ୟବହାରକାରୀ ସଂସ୍ଥା ଭାଗ ନେଉଛନ୍ତି । ଇଂଟର୍ ଡିପାର୍ଟମେଣ୍ଟ ପ୍ରତିଯୋଗିତାର ପ୍ରଥମ ମ୍ୟାଚରେ ବନ୍ଦର ଟ୍ରାଫିକ ବିଭାଗ ଇଞ୍ଜିନିୟରିଂ ବିଭାଗକୁ ଭେଟିଥିଲା । ଟ୍ରାଫିକ ବିଭାଗ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୩ ୱିକେଟ ବିନିମୟରେ ୧୦୯ ରନ କରିଥିବା ବେଳେ ନିର୍ଦ୍ଧାରିତ ଓଭରେ ଇଞ୍ଜିନିୟରିଂ ବିଭାଗ ୫ ୱିକେଟ ବିନିମୟରେ ୧୦୪ ରନ କରିବାରେ ସକ୍ଷମ ହୋଇଥିଲା। ଟ୍ରାଫିକ ତାର ପ୍ରଥମ ମ୍ୟାଚରେ ୬ ରନରେ ବିଜୟୀ ହୋଇଛି । ଦ୍ୱିତୀୟ ମ୍ୟାଚରେ 'ଇ ଏଣ୍ଡ ଏମ ' ବିଭାଗ ୪ ଉଇକେଟ ବିନିମୟରେ ୧୧୯ ରନ କରିଥିବା ବେଳେ ନିର୍ଦ୍ଧାରିତ ଓଭରେ ୧୨୦ ରନର ବିଜୟ ଲକ୍ଷ୍ୟ ନେଇ ମେରାଇନ ବିଭାଗ ୫ଟି ଉଇକେଟ ହରାଇ ମାତ୍ର ୯୫ ରନ କରି ପରାଜିତ ହୋଇଥିଲା । ଇଏଣ୍ଡଏମ ବିଭାଗ ୨୫ ରନରେ ମ୍ୟାଚଟିକୁ ଜିତିଥିଲା ।

## ଖୁଲୁଡା ଶୀତଳା ସରକାରୀ ଉଚ୍ଚ ବିଦ୍ୟାଳୟରେ ଖଡ଼ିଛୁଆଁ ପ୍ରବେଶ ଉତ୍ସବ ପାଳିତ

ଜଳେଶ୍ୱର, ୩/୪ (ନି.ପ୍ର):ଖୁଲୁଡା ପଞ୍ଚାୟତ ଅଧୀନସ୍ଥ ଖୁଲୁଡା ଶୀତଳା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ପ୍ରବେଶ ଉତ୍ସବ ଖଡୀଛୁଆଁ-୨୦୨୫ ଉତ୍ସବ ଓ,ଶିଶୁ ବାଟିକାର ଶୁଭାରମ୍ଭ ହୋଇଯାଇଛି। ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଡଃ ଅଜିତ କୁମାର ମହାନ୍ତି ଙ୍କ ସଭାପତିତ୍ୱ ରେ ଏସ ଏମ ଡି ସି ର ଚେୟାର ମ୍ୟାନ ତଥା ଖୁଲୁଡା ପଞ୍ଚାୟତ ର ସରପଞ୍ଚ ଜ୍ୟୋତିର୍ମୟ ଆଚାର୍ଯ୍ୟ ଯୋଗଦାନ କରିଥିଲେ ଏବଂ ସମସ୍ତ ସଦସ୍ୟ , ସଦସ୍ୟା, ଗ୍ରାମବାସୀ, ବୁଦ୍ଧିଜୀବୀ, ଅଭିଭାବକ, ଖୁଲୁଡା ଗ୍ରାମର ଯୁବକର୍ମୀ ନାରାୟଣ ମୁଖୀଙ୍କ ମିଳିତ ଉଦ୍ୟମରେ ନୂଆ ଆଶା ଓ ସମ୍ଭାବନା ନେଇ ପାଦ ଥାପିଥିବା ବିଦ୍ୟାର୍ଥୀ ମାନଙ୍କୁ ମିଷ୍ଟାନ୍ନ ବଣ୍ଟନ, ଦଶମ ଶ୍ରେଣୀ ଛାତ୍ର ଛାତ୍ରୀ ନୂତନ କରି ଆସୁଥିବା ପିଲାମାନଙ୍କୁ ପୁଷ୍ପ ଗୁଚ୍ଛ ପ୍ରଦାନ କରି ପିଲାମାନଙ୍କୁ ସ୍ୱାଗତ କରିଥିଲେ ।ସହକାରୀ ଶିକ୍ଷକ ସଂଜୟ କୁମାର ପାକଳ, ବିଜ୍ଞାନ ଶିକ୍ଷକ ଅଞ୍ଜନ କୁମାର ପ୍ରଧାନ, ଗଣିତ ଶିକ୍ଷକ ରାଜେଶ ଦାସ, ଶିକ୍ଷୟିତ୍ରୀ ଆର ମୋଲିନା,ମୌ ।ସୁଖୀ ଗୁପ୍ତା ସୁଜିତ ସିଟ୍, ସଞ୍ଜିବ ଗିରି, କମଳାକାନ୍ତ ସାମଲ, ପୂର୍ଣ୍ଣଚନ୍ଦ୍ର ଗିରି ,ତ୍ରିଦୀପ ପାଣିଗ୍ରାହୀ, ମଞ୍ଜୁଲତା ଜେନା, ପଭୃତି ଉପସ୍ଥିତ ରହି କାର୍ଯକ୍ରମ ପରିଚାଳନା କରିଥିଲେ। ଶେଷରେ ନାରାୟଣ ମୁଖୀ ଧନ୍ୟବାଦ ଅର୍ପଣ କରିଥିଲେ।

## ବେଧଡ଼କ ଭାବେ ଚାଲିଛି ପଲିଥିନ୍ ଓ ପ୍ଲାଷ୍ଟିକ୍ ବ୍ୟବହାର: ପ୍ରଦୂଷଣମୁକ୍ତ ହୋଇପାରୁନି ପରିବେଶ

ବାଲିଆପାଳ , ୩/୪ (ଝାଡ଼େଶ୍ୱର ପ୍ରଧାନଙ୍କଠାରୁ): ସରକାରୀ କଟକଣା ଓ ନିର୍ଦ୍ଦେଶନାମା ଥାଇ ବି ପଲିଥିନ ଓ ପ୍ଲାଷ୍ଟିକ୍ ବ୍ୟବହାର ଉପରେ ଅଙ୍କୁଶ ଲଗାଯାଇପାରୁ ନାହିଁ । ବାଲିଆପାଳ ବ୍ଲକ ରେ ପଲିଥିନ ଓ ପ୍ଲାଷ୍ଟିକ ବ୍ୟବହାର ବହୁଳ ଭାବରେ ଚାଲିଥିଲେ ସୁଦ୍ଧା ପ୍ରଶାସନ ପକ୍ଷରୁ ଏହାର ବ୍ୟବହାର ଉପରେ କଟକଣା ଜାରି କରାଯାଇ ନାହିଁ ଓ ଯାହାଫଳରେ କି ସହରର ଗଳିକନ୍ଦିରେ ବହୁଳ ଓ ବ୍ୟାପକ ଭାବେ ପଲିଥିନ ଏବଂ ପ୍ଲାଷ୍ଟିକ ବ୍ୟବହାର ଚାଲିଛି। ଦୋକାନ ବଜାର ଓ ବ୍ୟବସାୟୀ ପ୍ରତିଷ୍ଠାନ ଗୁଡିକରୁ ଜିନିଷ ପତ୍ର କିଣିଲେ ପଲିଥିନ ରେ ଦୋକାନୀ ଗ୍ରାହକଙ୍କୁ ଜିନିଷ ପତ୍ର ଦେଇଥିବା ଦେଖିବାକୁ ମିଳୁଛି । ପଲିଥିନ କମ୍ ଦାମ୍ରେ ମିଳୁଥିବାରୁ ଏଥିରେ ଜିନିଷ ପତ୍ର ଭର୍ତ୍ତି କରି ଗ୍ରାହକଙ୍କୁ ଦେବାରେ ବ୍ୟବ ସାୟୀମାନଙ୍କୁ ସୁବିଧା ହେଉଛି। ପୂର୍ବରୁ କାଗଜ ଠୁଙ୍ଗାର ବହୁଳ ବ୍ୟବହାର ହେଉଥିବା ବେଳେ ଏବେ ବଜାରରେ କାଗଜ ଠୁଙ୍ଗା ପ୍ରାୟତଃ ଦେଖିବାକୁ ମିଳୁ ନାହିଁ। ସେହିପରି ଝୋଟରେ ତିଆରି ବ୍ୟାଗ ସବୁ ବଜାରରେ ବିକ୍ରି ହେଉନଥିବାରୁ ଶସ୍ତାରେ ବିକ୍ରି



ହେଉଥିବା ପ୍ଲାଷ୍ଟିକ୍ ବ୍ୟାଗର ବ୍ୟବହାର ବହୁଳ ଭାବେ ଦେଖାଯାଉଛି। ବାଲିଆପାଳ ବ୍ଲକ ଓ ଆଖପାଖ ଅଞ୍ଚଳରେ ୨୦ରୁ ଉର୍ଦ୍ଧ୍ୱ ହୋଟେଲ ଓ ବିବାହ ମଣ୍ଡପ ରହିଥିବାରୁ ଏଠାରେ ମାଙ୍ଗଳିକ, ସାଂସ୍କୃତିକ ଓ ଶ୍ରୁତିସଭା ଭଳି କାର୍ଯ୍ୟକ୍ରମ ଗୁଡିକ ଅନୁଷ୍ଠିତ ହେଉଛି । ଫଳରେ ବହୁଳ ଭାବେ ପ୍ଲାଷ୍ଟିକ୍ ଓ ସୋଲରେ ତିଆରି ହୋଇଥିବା ଗ୍ଲାସ୍, ଥାଳି ଏବଂ ଦନା ଗୁଡିକ ଭୋଜି ଉତ୍ସବ ପାଇଁ ବ୍ୟବହାର କରା ଯାଇଛି। ଏହି ଗୁଡିକ ବର୍ଜ୍ୟବସ୍ତୁ ଭାବେ କୁଢ କୁଢ଼ ଜମା ହୋଇ ରହୁଥିବା ଦେଖିବାକୁ ମିଳୁଛି। ଯାହା ଦ୍ୱାରା ପରିବେଶ ପ୍ରଦୂଷିତ ହେଉଥିବା ବେଳେ ପ୍ଲାଷ୍ଟିକ ଓ ସୋଲ ବ୍ୟବହାର କରି ସେଥିରେ ଖାଦ୍ୟ ପଦାର୍ଥ ଖାଇଲୋକମାନଙ୍କର ସାସ୍ଥ୍ୟ ଖରାପ ହେଉଛି। ପଲିଥିନ କିମ୍ୱା ପ୍ଲାଷ୍ଟିକ୍ ବ୍ୟବହାର କରି କେହି ଧରାପଡିଲେ ୩ ବର୍ଷ ପର୍ଯ୍ୟନ୍ତ ଜେଲ ଦଣ୍ଡ ସହ ଜରିମାନା କରାଯିବା ନେଇ ନିୟମ ରହିଛି । ୨୦୨୪ ଏପ୍ରିଲ ପହିଲାରୁ ଏହି ନିୟମକୁ କଡାକଡି ଭାବେ ପାଳନ କରିବାକୁ ରାଜ୍ୟ ସରକାର ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି । କିନ୍ତୁ ଇତି ମଧ୍ୟରେ ଗୋଟିଏ ବର୍ଷ ବିତିଯିବା ପରେ ବି ଜାରି କରିଥିବା କଟକଣା କେବଳ କାଗଜ କଲମରେ ସୀମିତ ରହିଛି । ପଲିଥିନ ଓ ପ୍ଲାଷ୍ଟିକ ବ୍ୟବହାରକାରୀଙ୍କ ବିରୁଦ୍ଧରେ ଧରପଗଡ଼ ହେବା ଦୂରେ ଥାଉ ସମସ୍ତଙ୍କ ନଜରରେ ମାର୍କେଟ ରେ ପଲିଥିନ ଓ ପ୍ଲାଷ୍ଟିକ ବ୍ୟବହାର ସହଜରେ ଚାଲିଥିବା ଦେଖିବାକୁ ମିଳୁଛି। ଏପରିକି ବାଲିଆପାଳ ବ୍ଲକ ରେ ଚିକିତ୍ସାଳୟ ପରିସରରେ ବର୍ଜ୍ୟବସ୍ତୁ ଭାବେ ପଲିଥିନ ଓ ପ୍ଲାଷ୍ଟିକ ଗଦା ହୋଇରହିଥିବା ଦେଖାଯାଇଛି । ସହରରେ ଥିବା ବିଭିନ୍ନ ଧର୍ମୀୟ ଅନୁଷ୍ଠାନ ଓ ଦେବାଦେବୀ ମନ୍ଦିର ପରିସରରେ ପଲିଥିନ ଓ ପ୍ଲାଷ୍ଟିକ ବ୍ୟବହାର ବେଧଡ଼କ ଭାବେ ଚାଲିଛି। ବିଭିନ୍ନ ଥଣ୍ଡା ପାନୀୟ ଓ ପାଣି ବୋତଲ, ପାଣି ପାଉଚ ନିର୍ମାତା ମାନେ ପଲିଥିନ ଓ ପ୍ଲାଷ୍ଟିକ ବ୍ୟବହାର କରି ଚାଲିଥିବା ବେଳେ ଏଗୁଡିକୁ ବାରଣ କରିବା ପାଇଁ ସରକାରଙ୍କର କୌଣସି ନିର୍ଦ୍ଦିଷ୍ଟ ଆଭିମୁଖ୍ୟ ରହୁ ନାହିଁ। କ୍ଷୀର ପ୍ୟାକେଟ୍ ଠୁ ଆରମ୍ଭ କରି ଦହି ପ୍ୟାକେଟ୍ ଓ ଲସି ପର୍ଯ୍ୟନ୍ତ ସବୁକିଛି ପଲିଥିନ ପ୍ୟାକେଟ୍ରେ ବିକ୍ରି ହେଉଛି। କିନ୍ତୁ ସରକାର ଏହାର ନିର୍ମାତା ଓ କମ୍ପାନୀଗୁଡିକ ଉପରେ କଟକଣା ଜାରି କରୁନଥିବା ପଲିଥିନ ଓ ପ୍ଲାଷ୍ଟିକ ବ୍ୟବହାର ଧିରେ ଧିରେ ବଢିବାରେ ଲାଗିଛି ।ବାଲିଆପାଳ ବ୍ଲକ ଓ ଆଖପାଖ ଅଞ୍ଚଳରେ ଏକାଧିକ ପ୍ଲାଷ୍ଟିକ ପାଣି ବୋତଲ, ଗ୍ଲାସ ଓ ପାଉଚ ନିର୍ମାଣ ସଂସ୍ଥା ଗଢି ଉଠିଛି । ଏହା ଉପରେ ସ୍ଥାନୀୟ ପ୍ରଶାସନ କିମ୍ୱା ଜିଲ୍ଲା ପ୍ରଶାସନ କଟକଣା କରୁନାହିଁ । ସହରର ବିଭିନ୍ନ ଛକମାନଙ୍କରେ ଠେଲା ଗାଡିରେ ବିକ୍ରି କରାଯାଇଥିବା ଚାଟ୍, ଦହିବରା, ଘୁଗୁନି ଆଦି ଖାଦ୍ୟ ପଦାର୍ଥ ପଲିଥିନ୍ରେ ପାର୍ସଲ କରାଯାଇଛି । ସହରରେ ବୁଲୁଥିବା ଗାଈ ଗୋରୁ ଓ ଅନ୍ୟାନ୍ୟ ଗୃହପାଳିତ ପଶୁମାନେ ଖାଦ୍ୟ ଭାବି ପଲିଥିନ ଗୁଡିକୁ ଗିଳି ପକାଇବାରୁ ଏଗୁଡିକ ସେମାନଙ୍କ ମୃତ୍ୟୁର କାରଣ ପାଲଟିଛି । ଓଡିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପ୍ଲାଷ୍ଟିକ କଟକଣା ସମ୍ପର୍କିତ ନିୟମାବଳୀ ଜାରି କରିଥିଲା। ଧାର୍ମିକ ସ୍ଥଳୀ , ସମୁଦ୍ରକୂଳ, ପର୍ଯ୍ୟଟନ ସ୍ଥଳୀ ଓ ସହର ବଜାରରେ ଏକକ ବ୍ୟବହାର ଅଯୋଗ୍ୟ ପଲିଥିନ୍ ଓ ପ୍ଲାଷ୍ଟିକ୍ ବୋତଲ ବ୍ୟବହାର ନ କରିବାକୁ ପରାମର୍ଶ ଦିଆଯାଇଥିଲା । ପ୍ରଦୂଷଣ ବୋର୍ଡ ମୁତାବକ ଏହାଦ୍ୱାରା ପରିବେଶ ଉପରେ କୁପ୍ରଭାବ ପଡୁଛି । ତେଣୁ ପଲିଥିନ୍ ଓ ପ୍ଲାଷ୍ଟିକ୍ ବ୍ୟବହାର ପାଇଁ ଅନୁମତି ଦିଆଯିବ ନାହିଁ । ବାଲିଆପାଳ ବ୍ଲକ ରେ ବହୁଳ ଭାବେ ଚାଲିଥିବା ପଲିଥିନ ଓ ପ୍ଲାଷ୍ଟିକ୍ ବ୍ୟବହାରର ଚିତ୍ର ଓ ଚରିତ୍ର ଦେଖିଲେ ସ୍ଥାନୀୟ ପ୍ରଶାସନ ଏବଂ ଜିଲ୍ଲା ପ୍ରଶାସନ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ'ର ନିୟମ କିଭଳି ପାଳନ କରୁଛନ୍ତି ତାହା ଜଳଜଳ ହୋଇ ଦିଶୁଛି ।

## ଡାକ ଓ ତାର ପେନସନଭୋଗୀଙ୍କ ପ୍ରତିବାଦ ସଭା ଓ ବିକ୍ଷୋଭ

ବାଲେଶ୍ୱର, ୩/୪ (ନି.ପ୍ର): ଆଜି ବାଲେଶ୍ୱର ପ୍ରଧାନ ଡାକଘର ଓ ବିଏସ୍ଏନ୍ଏଲ୍ ଭବନ ସମ୍ମୁଖରେ ଡାକ ଓ ତାର ବିଭାଗର ପେନସନଭୋଗୀ ଏକତ୍ରିତ ହୋଇ କେନ୍ଦ୍ର ପେନ୍ସନ୍ ଓ ତାର ସମନ୍ୱୟ ସଂଘର ସଭାପତି ନିରଞ୍ଜନ ରାଉତଙ୍କ ସଭାପତିତ୍ୱରେ ଏକ ପ୍ରତିବାଦ ସଭା ଓ ବିକ୍ଷୋଭ, ଶାନ୍ତିପୂର୍ଣ୍ଣ ଭାବେ ସକାଳ ୧୦.୩୦ରୁ ୧୧.୩୦ ପର୍ଯ୍ୟନ୍ତ ହୋଇଥିଲା। ବିତ୍ତ ବିଧେୟକ ୨୦୨୫ର ଅଂଶବିଶେଷ ଭାବେ ୨୫ ମାର୍ଚ୍ଚ ୨୦୨୫ରେ କେନ୍ଦ୍ରୀୟ ବେସାମରିକ ସେବା (ପେନ୍ସନ୍) ନିୟମ ତଥା ଭାରତ ସରକାରଙ୍କ ସଞ୍ଚୟ ପାଣ୍ଠିରୁ ପେନ୍ସନ୍ ଦେୟ, ବୈଧିକରଣ ସମ୍ବନ୍ଧୀୟ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଭାରତର ସମସ୍ତ ପେନ୍ସନ୍ ଭୋଗୀ ଭୟଭୀତ ହେବା ସହ ପେନସନ୍‌ର ଭବିଷ୍ୟତ ସ୍ୱରୂପକୁ ନେଇ ଅନେକ ଆଶଙ୍କା ପ୍ରକଟ କରିଛନ୍ତି। ଏବେ ପେନସନ୍‌ଭୋଗୀଙ୍କ ମଧ୍ୟରେ ଆଶଙ୍କା ଉପୁଜିବାର କାରଣ ହେଲା ଯେ ପ୍ରସ୍ତାବିତ ଅଷ୍ଟମ ଆୟୋଗଙ୍କ ସୁପାରିଶ ଆସନ୍ତା ୦୧-୦୧-୨୦୨୬ରୁ ଲାଗୁ ହେବାକୁ ଯାଉଥିବା ସମୟରେ ଯଦି ଅବସର ତାରିଖକୁ ନେଇ ଉପରୋକ୍ତ ବିଜ୍ଞପ୍ତି ଅନୁଯାୟୀ ପେନସନ୍ ଭୋଗୀଙ୍କୁ ଭାଗଭାଗ କରାଯାଏ, ତେବେ ଅନୁମୋଦନ ଲାଗୁ ହେବା ପୂର୍ବରୁ ଅବସର ନେଇଥିବା କର୍ମଚାରୀଙ୍କ ପେନ୍ସନ୍ ଅଷ୍ଟମ ବେତନ ଆୟୋଗଙ୍କ ସୁପାରିଶ୍ ମୁତାବକ ବୃଦ୍ଧି ନହୋଇ କେବଳ ଅନୁମୋଦନ ଲାଗୁ ହେବା ପରେ ଯେଉଁମାନେ ଅବସର ନେବେ ସେମାନଙ୍କ ପାଇଁ ପ୍ରଯୁଜ୍ୟ ହେବ। ପୂର୍ବରୁ ୭ଟି ଯାକ ବେତନ ଆୟୋଗ ଲାଗୁ ହେବା ସମୟରେ ଏଭଳି ଆଶଙ୍କା ବା ପରିସ୍ଥିତି ସୃଷ୍ଟି ହୋଇନଥିଲା। ପୁରୁଣା ପେନସନ୍ ଯୋଜନା (ଓପିଏସ୍), ଜାତୀୟ ପେନସନ୍ ଯୋଜନା (ଏନ୍‌ପିଏସ୍) ଏବଂ ଏକୀକୃତ ପେନ୍ସନ୍ (ୟୁପିଏସ୍) ଯୋଜନାକୁ ନେଇ ପେନ୍ସନ୍‌ଭୋଗୀମାନେ ପୂର୍ବରୁ ବିଭାଜିତ ହୋଇ ସାରିଥିବାବେଳେ ବିତ୍ତ ବିଧେୟକ ୨୦୨୫ ଆଳରେ ଅବସର ତାରିଖକୁ ନେଇ ପୂର୍ଣ୍ଣ ବିଭାଜିତ ହେବା ସହ ଓ ବୃଦ୍ଧିକୁ ଗ୍ରହଣ କରିବାକୁ କେହି ପ୍ରସ୍ତୁତ ନୁହଁନ୍ତି। ଏଥିପାଇଁ ଆଜି ସୃଷ୍ଟିଧର ଦାସ, ସମ୍ପାଦକ ସମନ୍ୱୟ ସମିତି, ବାଲେଶ୍ୱର ପେନ୍ସନ୍ ସଂଘ, ପୁରସ୍ତମ ପ୍ରଧାନ, ସମ୍ପାଦକ ଏଆଇବିଡିପିଏ ବାଲେଶ୍ୱର, ରାମଚନ୍ଦ୍ର ନାୟକ, ଡିଷ୍ଟ୍ରିକ୍ଟ ସେକ୍ରେଟାରୀ ଏସ୍ଏନ୍‌ପିଡବ୍ଲ୍ୟୁଏ ବାଲେଶ୍ୱର, ବିମ୍ବାଧର ପଣ୍ଡା, ଡିଷ୍ଟ୍ରିକ୍ଟ ସେକ୍ରେଟାରୀ, ଏଆଇବିଏସ୍ଏନ୍ଏଲ୍ ପିଡବ୍ଲ୍ୟୁଏ ବାଲେଶ୍ୱର, ଡାକ କର୍ମଚାରୀ ସଂଘର ପ୍ରାକ୍ତନ ସମ୍ପାଦକ ଅକ୍ଷୟ କୁମାର ତ୍ରିପାଠୀ, ଗୋପାଳ ଚନ୍ଦ୍ର ପଢ଼ିଆରୀ, କୁଞ୍ଜବିହାରୀ ଦାଶ, ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ବ୍ରଜକିଶୋର ପ୍ରଧାନ, ମହେଶ୍ୱର ନାୟକ, କୁଳମଣି ଗିରି, ବିଜୟ କୁମାର ପ୍ରଧାନ, ଦୁଲାଲ ଚନ୍ଦ୍ର ଦେ, ଟିୟୁଏସିସି ସମ୍ପାଦକ ଗୌରାଙ୍ଗ ପାଣିଗ୍ରାହୀ, ଏଆଇଟିୟୁସିର ସମ୍ପାଦକ ଶ୍ୟାମସୁନ୍ଦର ଜେନା ଉପସ୍ଥିତ ରହି ସରକାରଙ୍କ ଏହି ପ୍ରସ୍ତାବକୁ ନିନ୍ଦା କରିବା ସହ ଗୃହୀତ ଆଇନକୁ ତୁରନ୍ତ ପ୍ରତ୍ୟାହାର କରିବା ଦାବି ଓ କେନ୍ଦ୍ର ସରକାର ୧୬ ଜାନୁଆରୀ ୨୦୨୫ରେ ପ୍ରକାଶ କରିଥିବା ଅଷ୍ଟମ ବେତନ ଆୟୋଗକୁ ଶୀଘ୍ର ଗଠନ କରିବା, ସମସ୍ତ କର୍ମଚାରୀଙ୍କୁ ଅପିଏସ୍ (ସ୍କିମ୍)ରେ ଅନ୍ତର୍ଭୁକ୍ତ କରିବା ପାଇଁ ଦାବି କରିଥିଲେ। ଏଥିରେ ବାଲେଶ୍ୱର ଜିଲ୍ଲାର ବହୁ ପ୍ରାନ୍ତରରୁ ୨୦୦ରୁ ଉର୍ଦ୍ଧ୍ୱ ପେନସନ୍ ଭୋଗୀମାନେ ଯୋଗ ଦେଇ ଶାନ୍ତିଶୃଙ୍ଖଳା ସହ ବିକ୍ଷୋଭ ପ୍ରଦର୍ଶନ କରିବା ସହ ସରକାରଙ୍କ ଏହି ପ୍ରସ୍ତାବକୁ ତୁରନ୍ତ ପ୍ରତ୍ୟାହାର ପାଇଁ ଦାବି କରିଥିଲେ। ସରକାର ଦାବି ନ ଶୁଣିଲେ ଆଗାମୀ ଦିନରେ ସମସ୍ତେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବାକୁ ବାଧ ହେବେ। ଏହି ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର, ମାନ୍ୟବର ପ୍ରଧାନମନ୍ତ୍ରୀ ଭାରତ ସରକାର, ନୂଆଦିଲ୍ଲୀଙ୍କୁ ସମସ୍ତେ ସାକ୍ଷର କରି ପଠାଯାଇଥିଲା।

## ସଦାଶିବ ସରକାରୀ ଉଚ୍ଚ ବିଦ୍ୟାଳୟରେ ଖଡ଼ିଛୁଆଁ ଦିବସ ପାଳନ



ଜଳେଶ୍ୱର, ୩/୪ (ନି.ପ୍ର): ଜଳେଶ୍ୱର ବ୍ଲକ ଆରୁହା ପଞ୍ଚାୟତ ଶାଳୀକୋଠା ସଦାଶିବ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ପ୍ରବେଶ ଉତ୍ସବ, ଖଡ଼ିଛୁଆଁ -୨୦୨୫ ଓ ଶିଶୁ ବାଟିକାର ଶୁଭାରମ୍ଭ ହୋଇ ଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହରେକୃଷ୍ଣ ଜେନାଙ୍କ ଆହ୍ୱାନରେ ସରପଞ୍ଚ ତପନୀ ଭୂୟାଁ,ଏସଏମସି ଚେୟାରମ୍ୟାନ କେଦାର ଚରଣ ଗିରି, ସଦସ୍ୟ ସଦସ୍ୟା, ଗ୍ରାମବାସୀ, ବୁଦ୍ଧିଜୀବୀ, ଅଭିଭାବକ, ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ଶିଶୁ ବାଟିକା ତାଲିମ୍ ପ୍ରାପ୍ତ ଶିକ୍ଷୀକା ପ୍ରଣତୀ ବାଳା ଦତ୍ତ ଉପସ୍ଥିତ ଥିଲେ। ଏହି ଅବସରରେ ବିଦ୍ୟାଳୟର ପରିସରକୁ ବ୍ୟାନର, ପୁଷ୍ପଗୁଚ୍ଛ, ବେଲୁନ, ପତାକା, କଳସ,ଝୋଟି ଇତ୍ୟାଦି ଦ୍ୱାରା ସୁସଜ୍ଜିତ କରାଯାଇ ଥିଲା। ସରକାରଙ୍କ ଏହି କାର୍ଯ୍ୟକ୍ରମକୁ ସମସ୍ତେ ଭୂୟସି ପ୍ରଶଂସା କରିବା ସଙ୍ଗେ ସଙ୍ଗେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ଶିକ୍ଷୟିତ୍ରୀ, ଶିକ୍ଷା କର୍ମଚାରୀ ମାନଙ୍କୁ ସାଧୁବାଦ୍ ଜଣାଇ ଥିଲେ।

## ୨୦୨୪-୨୫ରେ ସର୍ବାଧିକ ମାଲ ପରିବହନ କାର୍ଯ୍ୟଦକ୍ଷତା ସହିତ ଦକ୍ଷିଣ ପୂର୍ବ ରେଳବାଇର ଉଲ୍ଲେଖନୀୟ ସଫଳତା

କୋଲକାତା, ୩/୪ (ନି.ପ୍ର): ଦକ୍ଷିଣ ପୂର୍ବ ରେଳପଥ ୨୦୨୪-୨୫ ଆର୍ଥିକ ବର୍ଷରେ ନୂତନ ରେକର୍ଡ ସ୍ଥାପନ କରିଛି ଏବଂ ଏହାର ପୂର୍ବ ସଫଳତାକୁ ଅତିକ୍ରମ କରିଛି। ଝରଜ ୨୦୨୪-୨୫ ଆର୍ଥିକ ବର୍ଷରେ ୨୧୨.୩୭ ନିୟୁତ ଟନ୍ ରେକର୍ଡ ମାଲ ପରିବହନ ସହିତ ସମାପ୍ତ କରିଛି। ଏହା ଦକ୍ଷିଣ ପୂର୍ବ ରେଳପଥର ସର୍ବକାଳୀନ ସର୍ବାଧିକ ମାଲ ପରିବହନ କାର୍ଯ୍ୟଦକ୍ଷତା। ପୂର୍ବ ବର୍ଷ ତୁଳନାରେ, ଝରଜ ମୂଳ ମାଲ ପରିବହନରେ ୦.୩୬% ଅଭିବୃଦ୍ଧି ପଞ୍ଜିକୃତ କରିଛି। ଚକ୍ରଧରପୁର ଡିଭିଜନ ଏବଂ ଆଦ୍ରା ଡିଭିଜନ ମଧ୍ୟ ମାଲ ପରିବହନରେ ଉତ୍କୃଷ୍ଟ ହୋଇଛି ଏବଂ ସର୍ବକାଳୀନ ଲୋଡିଂ କାର୍ଯ୍ୟଦକ୍ଷତା ହାସଲ କରିଛି। ଚକ୍ରଧରପୁର ଡିଭିଜନ ୧୫୪.୦୪ ନିୟୁତ ଟନ୍ ଲୋଡିଂ କରିଛି ଯାହା ଗତ ଆର୍ଥିକ ବର୍ଷ ତୁଳନାରେ ୩.୨୫% ଅଧିକ। ଆଦ୍ରା ଡିଭିଜନ ୨୯.୧୨ ନିୟୁତ ଟନ୍ ଲୋଡ୍ କରିଛି ଯାହା ଗତ ଆର୍ଥିକ ବର୍ଷ ତୁଳନାରେ ୪.୧୬% ଅଧିକ। ଦକ୍ଷିଣ ପୂର୍ବ ରେଳବାଇ ଦ୍ୱାରା ୨୦୨୪-୨୫ ବର୍ଷ ମଧ୍ୟରେ ମାଲ ପରିବହନରୁ ରାଜସ୍ୱ ୧୮୯୪୯.୮୩ କୋଟି ପ୍ରାୟ ହୋଇଛି। ଏହି ଉଲ୍ଲେଖନୀୟ ମାଲ ପରିବହନ ପ୍ରଦର୍ଶନରେ ଝରଜ ନିମ୍ନଲିଖିତ ମାଇଲଖୁଣ୍ଟ ମଧ୍ୟ ହାସଲ କରିଛି। ଗୋଟିଏ ଦିନରେ ସର୍ବଶ୍ରେଷ୍ଠ ଲୋଡିଂ (୩୧ ମାର୍ଚ୍ଚ, ୨୦୨୫) -୧.୭୮ ମିଲିୟନ୍ ଟନ୍, ପୂର୍ବର ତୁଳନାରେ ୩୦.୯% ଅଧିକ । ୩୪୯ ଦିନରେ ଦ୍ରୁତ ୨୦୦ ମିଲିୟନ୍ ଟନ୍ ଲୋଡିଂ (୧୫.୦୩.୨୦୨୫ ରେ)। ସର୍ବଶ୍ରେଷ୍ଠ କୋଇଲା ଲୋଡିଂ - ୫୫.୫୬ ମିଲିୟନ୍ ଟନ୍, ଗତ ଆର୍ଥିକ ବର୍ଷ ତୁଳନାରେ ୪.୨୩% ଅଧିକ । ଚଳିତ ବର୍ଷ ସର୍ବଶ୍ରେଷ୍ଠ କଣ୍ଟେନର ଲୋଡିଂ - ୨.୪୩ ମିଲିୟନ୍ ଟନ୍, ଗତ ଆର୍ଥିକ ବର୍ଷ ତୁଳନାରେ ୪୪.୮% ଅଧିକ । ଚଳିତ ବର୍ଷ ସର୍ବଶ୍ରେଷ୍ଠ ସାର ଲୋଡିଂ - ୦.୯୨ ମିଲିୟନ୍ ଟନ୍, ଗତ ଆର୍ଥିକ ବର୍ଷ ତୁଳନାରେ ୧୬.୨% ଅଧିକ । ସର୍ବଶ୍ରେଷ୍ଠ ଇ.ଙ.ଏ ଚଳିତ ବର୍ଷ ଲୋଡିଂ - ୬.୪୧ ମିଲିୟନ୍ ଟନ୍, ଗତ ଆର୍ଥିକ ବର୍ଷ ତୁଳନାରେ ୪.୪୩% ଅଧିକ ।

## ଓଡ଼ିଆ ପକ୍ଷ ପାଳନ ପାରମ୍ପରିକ ପୋଷାକ ପିନ୍ଧିଲେ ଅଧିକାରୀ, ଜନସାଧାରଣ

ସୁବର୍ଣ୍ଣପୁର, ୩/୪ (ନି.ପ୍ର): ଓଡିଶା ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶ କ୍ରମେ ରାଜ୍ୟରେ ଅପ୍ରେଲ ୧ରୁ ୧୪ ତାରିଖ ପର୍ଯ୍ୟନ୍ତ ଓଡ଼ିଆ ପକ୍ଷ ପାଳନ ହେଉଛି। ଏହି କ୍ରମରେ ସୁବର୍ଣ୍ଣପୁର ଜିଲ୍ଲାରେ ଗୁରୁବାର ଆମ ପୋଷକ ଆମ ପରିଚୟ ଦିବସ ଭାବେ ପାଳନ କରାଯାଇଥିଲା । ଜିଲ୍ଲାସ୍ତରୀୟ ଓ ବ୍ଲକସ୍ତରୀୟ କାର୍ଯ୍ୟାଳୟରେ ପ୍ରଶାସନିକ ଅଧିକାରୀ, କର୍ମଚାରୀଙ୍କ ସହ ଜନସାଧାରଣ ପାରମ୍ପରିକ ହସ୍ତତନ୍ତ ପୋଷାକ ପରିଧାନ କରିଥିଲେ କ୍ଷ ୧୪ ଦିନ ଧରି ଚାଲିବାକୁ ଥିବା ଓଡିଆ ଅସ୍ମିତାର ଉତ୍ସ୍ୱ ଓଡ଼ିଆ ପକ୍ଷ ୨୦୨୫ ପାଳନ ଅବସରରେ ଆମ ପୋଷାକ ଆମ ପରିଚୟରେ ସମସ୍ତ ଅଧିକାରୀ କର୍ମଚାରୀ ତଥା ଜନସାଧାରଣ ପାରମ୍ପରିକ ପୋଷାକ ପରିଧାନ ପୂର୍ବକ ଏହି ଉତ୍ସବରେ ଯୋଡି ହୋଇଛନ୍ତି।

ଶୁକ୍ରବାର, ଏପ୍ରିଲ ୦୪, ୨୦୨୫

# ଧ୍ୱନି ପ୍ରତିଧ୍ୱନି

## ସରିଲା ବାରୁଣୀ ମେଳା: ଆବର୍ଜନାମୟ କଷାଫଳ ବେଳାଭୂମି

ଲଙ୍ଗଳେଶ୍ୱର , ୩/୪ (ନି.ପ୍ର): ମହାବାରୁଣୀ ସ୍ନାନ ଉପଲକ୍ଷେ ସଦର ବ୍ଲକର କଷାଫଳ ବେଳାଭୂମି ରେ ହଜାର ହଜାର ଲୋକଙ୍କ ସମାଗମ ହୋଇଥିଲା ଓ ଏହି ବେଳାଭୂମି ରେ ଶହଶହ ଅସ୍ଥାୟୀ ଦୋକାନ ବସିଥିଲା । ଗୋଟିଏ ଦିନ ପାଇଁ ଏହି ମେଳା ଅନୁଷ୍ଠିତ ହୋଇଥାଏ।ମାତ୍ର ମେଳା ସରିବାକୁ ୭ ଦିନ ବିତିଯାଇଥିଲେ ମଧ ବାରୁଣୀ ମେଳା ପଡ଼ିଆରେ କୁଢକୁଢ ଅଳିଆ ଆବର୍ଜନା ପଡ଼ିଥିବାରୁ ଦୁର୍ଗନ୍ଧ ରେ ଫାଟିପଡୁଛି ପରିବେଶ। ଫଳରେ ଏ ଅଞ୍ଚଳରେ ଭୁତାଣୁଜନିତ ସଂକ୍ରମଣକୁ ଏଡାଇ ଦିଆଯାଇନପାରେ। ସରକାର ସ୍ୱଚ୍ଛ ଭାରତର ଡିଙ୍ଗୁରା ଦେଉଥିବା ବେଳେ ଏଠାରେ ତାହା ପ୍ରହସନ ପାଲଟିଛି। ପ୍ରକାଶ କଷାଫଳ ପଞ୍ଚାୟତ ଟି ଏବେ ବିଜେପି ସମର୍ଥନ ରେ ସରପଞ୍ଚ ପଦବୀ ଟି ରହିଛି। ସରକାର ସ୍ୱଚ୍ଛ ଭାରତ ଯୋଜନାରେ କୋଟି କୋଟି ଟଙ୍କା ବିନିଯୋଗ କରୁଛନ୍ତି। ଏହି ମେଳାରେ ବସୁଥିବା ଦୋକାନି ମାନଙ୍କ ଠାରୁ ବେଆଇନ ଭାବରେ ବେଳାଭୂମି ସଫେଇ ନା ରେ ମୋଟା ଅଙ୍କର ଟଙ୍କା ଆଦାୟ ହୋଉଛି ମାତ୍ର ଆଦାୟ ହେଉଥିବା ଟଙ୍କା ସଫେଇ ଓ ଉନ୍ନତି କାର୍ଯ୍ୟ ରେ ନ ଲଗାଇ ଲକ୍ଷାଧିକ ଟଙ୍କା ବାଟମାରଣା ହେଉଛି ବୋଲି ଲୋକମାନେ ଅଭିଯୋଗ କରିଛନ୍ତି।



## ମୁଖ୍ୟମନ୍ତ୍ରୀ ପୁରସ୍କାରପ୍ରାପ୍ତ ସହକାରୀ ଶିକ୍ଷକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା



ନୀଳଗିରି, ୩/୪ (ନି.ପ୍ର): ନୀଳଗିରି ଉପଖଣ୍ଡ ଔପଦା ଗୋଷ୍ଠୀ ଶିକ୍ଷାଅଧିକାରୀ ଅଧୀନ କାଣ୍ଡଗରଡ଼ି ଗ୍ରାମପଞ୍ଚାୟତର ସିଂଘବାହିନୀ ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ମୁଖ୍ୟମନ୍ତ୍ରୀ ପୁରସ୍କାରପ୍ରାପ୍ତ ପ୍ରଧାନଶିକ୍ଷକ କରୁଣାକର ମହାପାତ୍ରଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି ।ଉକ୍ତ ସମ୍ବର୍ଦ୍ଧନା ସଭାରେ ପୂର୍ବତନ ସମ୍ପାଦକ ଗୟାଧର ପରିଡା ସଭାପତିତ୍ୱ କରିଥିବା ବେଳେ ମୁଖ୍ୟଅତିଥିଭାବେ ବାବା ପଞ୍ଚଲିଙ୍ଗେଶ୍ୱର କଲେଜ ଅଧକ୍ଷ ପ୍ରଶାନ୍ତ କୁମାର ବେହେରା ଯୋଗଦେଇଥିଲେ ।ମୁଖ୍ୟବକ୍ତା ଭାବେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଅବସରପ୍ରାପ୍ତ ଶିକ୍ଷକ ଗୌରାଙ୍ଗ ପ୍ରସାଦ ପଟ୍ଟନାୟକ,ବରେଣ୍ୟ ଅତିଥିଭାବେ ଶ୍ରୀକାନ୍ତ ପାଣିଗ୍ରାହୀ, ପୂର୍ଣ୍ଣଚନ୍ଦ୍ର ରାଉତ, ପୂର୍ବତନ ସିଆରସିସି ମହେଶ୍ୱର ମହାଳିକ ଏବଂ ବିଦାୟକାଳୀନ ସହକାରୀ ଶିକ୍ଷକ ବିଜୟ କୁମାର ନାୟକ ମଞ୍ଚାସିନ ରହି ନିଜନିଜର ବକ୍ତବ୍ୟ ପ୍ରଦାନ କରିଥିଲେ।ମୁଖ୍ୟଅତିଥି ଶ୍ରୀଯୁକ୍ତ ବେହେରା ନିଜ ବକ୍ତବ୍ୟରେ ଗୁରୁ ଶିଷ୍ୟ ପରମ୍ପରାରେ ଗୁରୁଙ୍କ ପ୍ରଦତ୍ତ ଜ୍ଞାନର ଆଲୋକରେ ଅଜ୍ଞାନ ରୂପକ ଅନ୍ଧକାର ସହିତ ଅନ୍ଧବିଶ୍ୱାସକୁ ଦୂରକରି ଭବିଷ୍ୟତରେ ଜଣେ ଉତ୍ତମ ଚରିତ୍ରବାନ ନାଗରିକ ଗଠନ କରିବା ପରମ୍ପରାର ଆଦର୍ଶ ହେବା ଉଚିତ୍ ବୋଲି କହିଥିଲେ। ମୁଖ୍ୟବକ୍ତା ଶ୍ରୀଯୁକ୍ତ ପଟ୍ଟନାୟକ ଚାକିରୀ ପଛରେ ନ ଧାଇଁ ବରଂ ଚରିତ୍ର, ସଂସ୍କାର ଏବଂ ସଂଯମତା ରକ୍ଷାକଲେ ପ୍ରତେକଟି ଛାତ୍ର ସୁନାଗରିକ ହେବା ସହିତ ନିଜର ଭବିଷ୍ୟତ ଗଠନ କରିପାରିବେ ବୋଲି ଉଦବୋଧନ ଦେଇଥିଲେ। ମଞ୍ଚ ସଂଯୋଜନା କରିଥିଲେ ସନ୍ତରାଗଡିଆ ନୋଡାଲ ଉଚ୍ଚବିଦ୍ୟାଳୟର ଶିକ୍ଷକ ବିଦ୍ୟାଧର ବେହେରା । ଉପସ୍ଥିତ ସମସ୍ତ ମଞ୍ଚାସିନ ଅତିଥି ଅବସର ନେଉଥିବା ଶିକ୍ଷକ ଶ୍ରୀଯୁକ୍ତ ନାୟକଙ୍କ ଗୌରବମୟ ଇତିହାସ ବିଷୟରେ ଆଲୋକପାତ କରିଥିବା ବେଳେ ସେ ନିଜେ ସ୍କୁଲରେ ଜଣେ ଶିକ୍ଷକଭାବେ ପାଇଥିବା ବହୁ ଆଦର, ସମ୍ମାନ, ସ୍ନେହପ୍ରେମକୁ କେବେ ଭୁଲିପାରିବେ ନାହିଁ କହି ଦୁଃଖ ପ୍ରକାଶ କରିଥିଲେ ।ଉପସ୍ଥିତ ମଞ୍ଚାସିନ ଅତିଥି ମାନଙ୍କ ଦ୍ୱାରା ମାନପତ୍ର, ଉପଢୌକନ ଏବଂ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ବିଦ୍ୟାଳୟର ଆଲୁମିନି ସଦସ୍ୟ ଦୀପ୍ତିକାନ୍ତ ପରିଡା, ଦିବାକର ପରିଡା,ଅଜୟ ପାଣିଗ୍ରାହୀ, ବ୍ୟୋମକେଶ ମହାପାତ୍ର, ମାନସ ପରିଡାଙ୍କ ସମେତ ସହକାରୀ ଶିକ୍ଷୟିତ୍ରୀ ସରୋଜିନୀ ଦାସ, ପରିଚାଳନା କମିଟିର ସମସ୍ତ ସଦସ୍ୟ ସଦସ୍ୟା, ପାଚିକା, ସହାୟିକାଙ୍କ ସହଯୋଗରେ ଏହିସଭା ସଫଳ ହୋଇଥିବାବେଳେ, ସ୍କୁଲର ଛାତ୍ରଛାତ୍ରୀ, ଅଭିଭାବକ ଅଭିଭାବିକାଙ୍କ ସମେତ ବହୁ ସ୍ଥାନୀୟ ବାସିନ୍ଦା ଉପସ୍ଥିତ ଥିଲେ ।

## ଆସନ୍ତା ୩୦ରୁ ଚନ୍ଦନ ଯାତ୍ରା: ଚାଲିଛି ଡ଼ଙ୍ଗା ମରାମତି

ସାକ୍ଷିଗୋପାଳ, ୩/୪ (ନି.ପ୍ର): ଆସନ୍ତା ୩୦ ତାରିଖ ପବିତ୍ର ଅକ୍ଷୟ ତୃତୀୟା ତିଥିରେ ଆରମ୍ଭ ହେବ ଚନ୍ଦନ ଯାତ୍ରା । ଶ୍ରୀ ସାକ୍ଷିଗୋପାଳଙ୍କ ଚଳନ୍ତି ପ୍ରତିମା ମଦନମୋହନ ଚନ୍ଦନ ପୋଖରୀରେ ଚାପ ଖେଳିବେ । ୨୧ ଦିନ ବ୍ୟାପୀ ଅନୁଷ୍ଠିତ ହେବ ଚନ୍ଦନ ଯାତ । ସେନେଇ ମନ୍ଦିର ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି । ଡ଼ଙ୍ଗା ମରାମତି କାର୍ଯ୍ୟ ଜୋରସୋରରେ ଆଗେଇ ଚାଲିଛି । ମାର୍ଚ୍ଚ ୩୧ ତାରିଖ ଠାରୁ ଡ଼ଙ୍ଗା ମରାମତି କାର୍ଯ୍ୟ ଆରମ୍ଭ ହୋଇଛି । ୪ ଜଣ କାରିଗର ଏହି ଡ଼ଙ୍ଗା ମରାମତି କାର୍ଯ୍ୟରେ ନିୟୋଜିତ ଅଛନ୍ତି । ଆଉ ପ୍ରାୟ ସପ୍ତାହକ ମଧରେ ମରାମତି କାର୍ଯ୍ୟ ସମ୍ପନ୍ନ କରାଯିବା ନେଇ ସୂଚନା ମିଳିଛି । ଅନେକ ସମୟରେ ମାଟି ଲାଗି ଡ଼ଙ୍ଗାରେ ଲାଗିଥିବା କାଠପଟା କେତେକାଂଶରେ ନଷ୍ଟ ହୋଇଯାଇଥାଏ । ଯାହାକି ମରାମତିର ଆବଶ୍ୟକତା ରହିଥାଏ ।

## ବିନ୍ଦୁ ମାଧବ ବାଗୁରାଇ ସରକାରୀ ହାଇସ୍କୁଲରେ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ



ଭଦ୍ରକ, ୩/୪ (ନି.ପ୍ର): ସ୍ଥାନୀୟ ପିଏମଶ୍ରୀ ବିନ୍ଦୁ ମାଧବ ବାଗୁରାଇ ହାଇସ୍କୁଲରେ ଶିଶୁ ବାଟିକାର ଶୁଭାରମ୍ଭ ନିମନ୍ତେ ବ୍ଲକ ସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇପାରିଛି । ଭଦ୍ରକ ବ୍ଲକ ଶିକ୍ଷାଧିକାରୀ ଚକ୍ରଧର ମଲ୍ଲିକଙ୍କ ସଭାପତିତ୍ୱ କରିଥିବା ବେଳେ ଭଦ୍ରକ ବ୍ଲକ ଚେୟାରମ୍ୟାନ୍ ଉର୍ମିଳା ନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ ଜାତୀୟ ଶିକ୍ଷାନୀତି-୨୦୨୦ ଅନୁଯାୟୀ ଶିଶୁ ବାଟିକାର ଗୁରୁତ୍ୱ ଆରୋପ କରିଥିଲେ । ଶିକ୍ଷକ ରବିନାରାୟଣ ମହାନ୍ତି ସ୍ୱାଗତ ଭାଷଣ କ୍ରମରେ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବି.ଆର.ସି.ସି. ନିର୍ମଳ ଚନ୍ଦ୍ର ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ । ସମ୍ମାନୀତ ଅତିଥିମାନଙ୍କ ମଧରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଶାନ୍ତ କୁମାର ସାହୁ, ସିଆରସିସି ରଚନା ପାଲ, ୮ନଂ ୱାର୍ଡ଼ କାଉନ୍‌ସିଲର ସ୍ୱାଗତିକା ନାୟକ, କୌଶଳୀ ସପୋର୍ଟଟିମ୍‌ର ମାନସ କୁମାର ଚକ୍ର, ସୁବାସିନି ଖିଲାର, ଏସ୍.ଏମ୍.ସି.ର ପ୍ରେସିଡ଼େଣ୍ଟ ଦୀଲ୍ଲିପ କୁମାର କବାଟ ପ୍ରମୁଖ ଯୋଗଦାନ କରିଥିଲେ । ଶେଷରେ ଶିଶୁ ବାଟିକାରେ ନାମ ଲେଖାଇଥିବା ୧୦ଜଣ ଛାତ୍ରଛାତ୍ରୀଙ୍କୁ ଷ୍ଡ଼ି କଟି ବଣ୍ଟନ କରାଯାଇଥିଲା ।

## ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ପାଳିତ



ବାଲିଆପାଳ , ୩/୪ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବାଲିଆପାଳ ସ୍ଥିତ ଜଗାଇରେ ଅବସ୍ଥିତ ପୁରାତନ କୃଷ୍ଣଚନ୍ଦ୍ର ପିପିଲି ମହାବିଦ୍ୟାଳୟରେ ଅଧକ୍ଷ ପ୍ରହ୍ଲାଦ ବତ୍ସଳ ବେହେରାଙ୍କ ସଭାପତିତ୍ୱରେ ଅବସର କାଳୀନ ସମ୍ବର୍ଦ୍ଧନା ଉତ୍ସବ ପାଳିତ ହୋଇଯାଇଛି । ଅଧ୍ୟାପକ ଦୟାନିଧି ସାହୁ ଅତିଥିଙ୍କୁ ମଞ୍ଚକୁ ଆହ୍ୱାନ କରିଥିବା ବେଳେ ଇଂରାଜୀ ବିଭାଗ ମୁଖ୍ୟ ଶ୍ରୀଯୁକ୍ତ ବିଜୟ କୁମାର ଜେନା, କ୍ରୀଡା ଶିକ୍ଷକ ଶ୍ରୀଯୁକ୍ତ ଲମ୍ବୋଦର ନାୟକ ଓ ଅଣଶିକ୍ଷକ କର୍ମଚାରୀ ଶ୍ରୀଯୁକ୍ତ ବିଜୟ କୁମାର ନାୟକ ଦୀର୍ଘ ୩୫ ରୁ ୩୯ ବର୍ଷ ଜୀବିକା ନିର୍ବାହ କରି ଅବସର ଗ୍ରହଣ କରିଛନ୍ତି । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୁରାତନ ଅଧକ୍ଷ ପ୍ରାଧାପକ ରବୀନ୍ଦ୍ର ନାଥ ବିଶ୍ୱାଳ, ବିଦାୟୀ ଅଧାପକ ଓ କର୍ମଚାରୀମାନଙ୍କ ବିବିଧ ଗୁଣ ବର୍ଣ୍ଣନା କରିବା ସହିତ ଅଧକ୍ଷ ସ୍ମୃତି ସମସ୍ତଙ୍କ ତ୍ୟାଗ ଉନ୍ମୋଚନ କରି ବିହ୍ୱଳ ହୋଇ ଉଠିଥିଲେ । ଅଧାପକ ପ୍ରଭାତ କୁମାର ଜେନା, କମଳାକାନ୍ତ ପ୍ରଧାନ, ପ୍ରଭାଂଶୁ କୁମାର ସି, ବିଦ୍ୟାଧର କୁଲ୍‌ହାରୀ, ସଂଜୟ ଦାସ, ସନ୍ତୋଷ କୁମାର ମାହାନା, ଦୟାନିଧି ସାହୁ, ରାଜୀବ ଲୋଚନ ମାଝୀ, ରାଧାକାନ୍ତ ମହାନ୍ତି, ବିକାଶ ପ୍ରଧାନ, ବିଦ୍ୟାଧର ପରିଡା, ସରୋଜ କୁମାର ତ୍ରିପାଠୀ, ବାମଦେବ ଆଚାର୍ଯ୍ୟ, ସୁଶାନ୍ତ ରାଜ, ଅଧାପିକା ଶାନ୍ତିଲତା ଦାସ, ସୁପ୍ରସିନୀ ବେହେରା, ସସ୍ମିତା ସିଂ, ଅନିତା ପାତ୍ର,ମନସ୍ୱିନୀ ଆଚାର୍ଯ୍ୟ, ଅନ୍ତକର୍ମୀ ଶାନ୍ତନୁ ସାମଲ, ପ୍ରକାଶ ସାହୁ, ଜୟନ୍ତୀ ଦାସ,ଅଣଶିକ୍ଷକ କର୍ମଚାରୀ ଅଚିନ୍ତ୍ୟ ମଣ୍ଡଳ, ହରିବନ୍ଧୁ ସାହୁ, କାହ୍ନୁ ଚରଣ ଅଦକ, ପ୍ରମୁଖ ବିଦାୟୀଙ୍କ ଗୁଣରେ ଭାବ ବିହ୍ୱଳ ହୋଇଉଠିଥିଲେ । ଅନେକ ପୁରାତନ ଛାତ୍ର ପ୍ରଦୀପ ଗଙ୍ଗାଇ, ପ୍ରଭାକର ପଢ଼ିଆରୀ, ଶ୍ରଦ୍ଧାଞ୍ଜଳି ପରିଡା ଶୁଭଙ୍କର ବେହେରା ପ୍ରମୁଖ ବିଦାୟୀ ଅଧାପକ ଓ ଅନ୍ୟମାନଙ୍କ ଗୁଣଗାନ କରିବାରେ ଶତମୁଖର ହୋଇଉଠିଥିଲେ । ବିଦାୟୀ ଅଧାପକ ବିଜୟ କୁମାର ଜେନା, ଅଣଶିକ୍ଷକ ବିଜୟ କୁମାର ନାୟକ ଅବସରକାଳୀନ ଭତ୍ତା ବିନା ରିକ୍ତ ହସ୍ତରେ ବିଦାୟ ନେଉଥିବାରୁ ଦୁଃଖରେ ମ୍ରିୟମାଣ ହୋଇ ଉଠିଥିଲେ । ପରିଶେଷରେ ଅଧାପକ ବିଦ୍ୟାଧର କୁଲ୍‌ହାରୀ ଅତିଥିଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ ।

## ଚଳିତ ବର୍ଷ ପ୍ରସିଦ୍ଧ ଚୈତ୍ର ପର୍ବ ପାରମ୍ପରିକ ଛଉ ନୃତ୍ୟ ସହିତ ନୂତନରୂପରେ ଆୟୋଜିତ ହେବ

ବାରିପଦା , ୩/୪ (ନି.ପ୍ର): ଚଳିତ ବର୍ଷ ଜିଲ୍ଲା ପ୍ରଶାସନ ତରଫରୁ ପ୍ରସିଦ୍ଧ ଚୈତ୍ର ପର୍ବକୁ ଏକ ଅଭିନ୍ନ ଢଙ୍ଗରେ ଆୟୋଜନ କରିବା ପାଇଁ ସ୍ଥିର କରାଯାଇଛି । ଏହି ପ୍ରସିଦ୍ଧ ପାରମ୍ପରିକ ଉତ୍ସବର ମୌଳିକତାକୁ ଅକ୍ଷୁର୍ଣ୍ଣ ରଖି ଦର୍ଶକ ମାନଙ୍କ ପାଇଁ ଏହାକୁ ଅଧିକ ଆକର୍ଷଣୀୟ କରିବା ତଥା ଜାତୀୟ ସ୍ତରରେ ଏହାକୁ ଜନଆଦୃତ କରିବା ପାଇଁ ଉକ୍ତ ଉତ୍ସବରେ କିଛି ଅନ୍ୟାନ୍ୟ କାର୍ଯ୍ୟକ୍ରମ ଯୋଡ଼ାଯାଇଛି । ଏବର୍ଷ ଚୈତ୍ର ପର୍ବ ବାରିପଦା ସ୍ଥିତ ଛଉ ପଡିଆ ଠାରେ ଏପ୍ରିଲ ୧୧ ତାରିଖରୁ ଆରମ୍ଭ ହୋଇ ଏପ୍ରିଲ ୧୫ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବ। ଚୈତ୍ର ପର୍ବ ସହିତ ସମାନ୍ତରାଳ ଭାବେ ପଲ୍ଲିଶ୍ରୀ ମେଳା ଆୟୋଜିତ ହେବ। ଏହି ପଲ୍ଲୀଶ୍ରୀ ମେଳାରେ ପାଖାପାଖି ୧୭୫ଟି ଷ୍ଟଲ ବସିବ ଯେଉଁଥିରେ ସ୍ଥାନୀୟ ଅଂଚଳ, ରାଜ୍ୟର ଅନ୍ୟାନ୍ୟ ଜିଲ୍ଲାର ଓ ରାଜ୍ୟ ବାହାରର ବିଭିନ୍ନ ପ୍ରକାର ସାମଗ୍ରୀ ବିକ୍ରୟ ହେବ। ଏହି ଉତ୍ସବ ଉପଲକ୍ଷେ ଏପ୍ରିଲ ୧୧ ତାରିଖ ପ୍ରଥମ ଦିନ ଅପରାହ୍ନ ରେ ଏକ କାର୍ଣ୍ଣିଭାଲ ଶୋଭାଯାତ୍ରା ସହର ପରିକ୍ରମା କରିବ। ବାଣ,ରୋଶଣୀ,ରଙ୍ଗୋଲି,ଡିଜେ ସାଉଣ୍ଡ ସହିତ ମୟୁରଭଞ୍ଜ ତଥା ଓଡିଶାର ଲୋକକଳା ସହିତ ଜଡିତ କଳସ ଯାତ୍ରା, ଘୋଡାନାଚ ଝୁମର ନାଚ, ଆଦିବାସୀ ନୃତ୍ୟ ଇତ୍ୟାଦି ପ୍ରଦର୍ଶନ ମାଧମରେ ଉକ୍ତ ଶୋଭାଯାତ୍ରା ମାଆ ଅମ୍ବିକା ମନ୍ଦିରରୁ ବାହାରି ସହର ପରିକ୍ରମା କରି ଛଉ ପଡିଆ ଠାରେ ପହଂଚିବ । ଏହାପରେ ଏହି ଉତ୍ସବର ଉଦଘାଟନୀ ଉତ୍ସବ ଅନୁଷ୍ଠିତ ହେବା ପରେ ଉତ୍ତର ସାହି ଓ ଦକ୍ଷିଣ ସାହି ଛଉ ଦଳ ଦ୍ୱାରା ମିଳିତ ଭାବେ ଛଉ ନୃତ୍ୟ ପରିବେଷଣ ହେବ। ଏହାପରେ ପଦ୍ମଶ୍ରୀ ଡ଼. ଅରୁଣା ମହାନ୍ତି ଓ ତାଙ୍କ ସାଥି କଳାକାରଙ୍କ ଦ୍ୱାରା ଓଡିଶୀ ନୃତ୍ୟ ପରିବେଷଣ ପରେ ଜିଲ୍ଲାର ଗ୍ରାମାଞ୍ଚଳ ଛଉ ନୃତ୍ୟ ଦଳ ଦ୍ୱାରା ଛଉ ନୃତ୍ୟ ପରିବେଷଣ ହେବ। ସେହିପରି ଦ୍ୱିତୀୟ ଦିନ ତା ୧୨-୦୪-୨୦୨୫ ରିଖ ସନ୍ଧ୍ୟାରେ ଉତ୍ତର ସାହି ଓ ଦକ୍ଷିଣ ସାହି ଛଉ ନୃତ୍ୟ ଦଳ ଦ୍ୱାରା ଛଉ ନୃତ୍ୟ ପରିବେଷଣ ହେବା ସହିତ ସମ୍ବଲପୁର ଜିଲ୍ଲାର ଦୁଲଦୁଲି ନାଚ ଓ କଳାହାଣ୍ଡି ଜିଲ୍ଲାର ବଜଶାଲ ନୃତ୍ୟ ପରିବେଷଣ ହେବ। ସେହିପରି ତୃତୀୟ ଦିନ ତା ୧୩-୦୪-୨୦୨୫ ରିଖ ସନ୍ଧ୍ୟାରେ ଉତ୍ତର ସାହି ଓ ଦକ୍ଷୀଣ ସାହି ଛଉ ନୃତ୍ୟ ଦଳ, ପୁରୁଲିଆ ଓ ସଢ଼େଇକଳା ଛଉ ନୃତ୍ୟ ଦଳ ଦ୍ୱାରା ଛଉ ନୃତ୍ୟ ପରିବେଷଣ ହେବ ଚତୁର୍ଥ ଦିନ ସନ୍ଧ୍ୟାରେ ତା ୧୪-୦୪-୨୦୨୫ ରିଖ ଛାଉଣୀ ଅନୁଷ୍ଠାନ କଳାକାରଙ୍କ ଦ୍ୱାରା ଛଉ ନୃତ୍ୟ ପରିବେଷଣ ହେବା ସହିତ ମଣିପୁର ରାଜ୍ୟର ଥାଙ୍ଗ-ଟା ନୃତ୍ୟ, ଆସାମ ରାଜ୍ୟର କଳାକାର ଙ୍କ ଦ୍ୱାରା ବିହୁ ନୃତ୍ୟ, ମହାରାଷ୍ଟ୍ରର କଳାକାରଙ୍କ ଦ୍ୱାରା ମର୍ଦାନି ଖେଲ ନୃତ୍ୟ, ଏବଂ କେରଳର କଳାକାରଙ୍କ ଦ୍ୱାରା କଳାରିପାୟତ୍ତୁ ନୃତ୍ୟ ପରିବେଷଣ ହେବ। ଏଥି ସହିତ ଓଡିଶାର ସାଂସ୍କୃତିକ ପରମ୍ପରା ଏବଂ ହସ୍ତଶିଳ୍ପକୁ ଜନ ଆଦୃତ କରିବା ପାଇଁ ମନରଞ୍ଜନ ଧର୍ମୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏତଦ ବ୍ୟତୀତ ଓଡ଼ିଆ କଣ୍ଠ ଶିଳ୍ପୀ ହ୍ୟୁମାନ ସାଗରଙ୍କ ଦ୍ୱାରା ସଂଗୀତ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ସେହିପରି ଅନ୍ତିମ ଦିନ ତା ୧୫-୦୪-୨୦୨୫ ରିଖ ସନ୍ଧ୍ୟକ୍ଷରେ ଛାଉଣୀ କଳାକାରଙ୍କ ଦ୍ୱାରା ନୃତ୍ୟ ପରିବେଷଣ, ଓଡ଼ିଆ ସଂସ୍କୃତି ଓ ହସ୍ତତନ୍ତ ଓ ହସ୍ତଶିଳ୍ପ କୁ ନେଇ କାର୍ଯ୍ୟକ୍ରମ ପ୍ରଦର୍ଶିତ ହେବ। ଉକ୍ତ ଦିନ ମଧ୍ୟ ମଣିପୁରର ଥାଙ୍ଗ -ଟା ଆସାମର ବିହୁ, ମହାରାଷ୍ଟ୍ରର ମାର୍ଦାନୀ ଖେଲ ଓ କେରଳର କଳାରିପାୟତ୍ତୁ ନୃତ୍ୟ ପରିବେଷଣ ହେବ ।ଶେଷ ରଜନୀରେ ଓଡ଼ିଆ ଲୋକପ୍ରିୟ କଣ୍ଠଶିଳ୍ପୀ ଋତୁରାଜ ମହାନ୍ତି ଙ୍କ ଦ୍ୱାରା ସଂଗୀତ ପରିବେଷଣ ହେବ। ଏତଦ ବ୍ୟତୀତ ଏହି କାର୍ଯ୍ୟକ୍ରମ କୁ ଅଧିକ ଆକର୍ଷିତ କରିବା ପାଇଁ ଗେମ ଜନ (ଏବଙ୍କର ତକୁଭର ) ରହିବ ଯେଉଁଥିରେ ମୋଟକା ଫୋଡ, ଟାର୍ଗେଟ ଟସ, କମ୍ବିନେସନ ଟଚ ଇତ୍ୟାଦି ଖେଳ ରହିବ। ଦର୍ଶକ ମାନେ ଚାହିଁଲେ ନିର୍ଦ୍ଧାରିତ ଏଣ୍ଟ୍ରିଫି ଜରିଆରେ ଖେଳି ପାରିବେ।

## ୩୦୮ଟି ଜୀବନ୍ତ କଇଁଛ ଜବତ: ୨ ଗିରଫ

ମାଲକାନଗିରି, ୩/୪ (ନି.ପ୍ର): ମାଲକାନଗିରି ଜିଲ୍ଲା ମୋଟୁ ବନ ବିଭାଗ ପକ୍ଷରୁ ମୋଟୁ ନିକଟରୁ ମାଛ ଗାଡ଼ିରେ ଚୋରା ଚାଲାଣ ହେଉଥିବା ପ୍ରାୟ ୫ ଲକ୍ଷ ଟଙ୍କାର ଜୀବନ୍ତ କଇଁଛକୁ ଉଦ୍ଧାର କରିଛି ବନ ବିଭାଗ। ଏହି ମାମଲାରେ ଦୁଇ ଜଣଙ୍କୁ ଗିରଫ କରାଯାଇଛି। ଆନ୍ଧ୍ରରୁ କାଲିମେଳା ଅଂଚଳକୁ ଏହି କଇଁଛ ଚୋରା ଚାଲାଣ ହେଉଥିବା ବେଳେ ଗତକାଲି ବିଳମ୍ବିତ ରାତିରେ ମୋଟୁ ତନଖି ଫାଟକ ନିକଟରୁ ମୋଟୁ ବନ ବିଭାଗ ଦ୍ୱାରା ଜବତ ହୋଇଛନ୍ତି ୩୦୮ଟି ଜୀବନ୍ତ କଇଁଛ। ମାଛ ଗାଡ଼ିରେ ଚାଲାଣ ହେଉଥିଲା ଏହି ସବୁ କଇଁଛ। ଗୋଟିଏ ପିକ ଅପ ଗାଡ଼ି ସହ ଦୁଇଟି ବାଇକକୁ ଜବତ କରିବାରେ ସଫଳ ହୋଇଛି ବନ ବିଭାଗ। ଏହି ଚୋରାଚାଲାଣରେ ସମ୍ପୃକ୍ତ ୨ ଜଣ ଯୁବକଙ୍କୁ ଗିରଫ କରାଯାଇ ଅଧିକ ତଦନ୍ତ କରୁଛି ମୋଟୁ ବନ ବିଭାଗ। କାଲିମେଳା ଅଂଚଳରେ କଇଁଛ ମାଂସର ଚାହିଦା ଅଧିକ ଥିବାରୁ ଆନ୍ଧ୍ରର ବିଭିନ୍ନ ଅଂଚଳରୁ ଚୋରାରେ କଇଁଛ ପ୍ରତିଦିନ ଚାଲାଣ ହେଉଛି।

## ଜେମାମଣି, ଶରତ ମଂଜରୀ, ସରୋଜିନୀ ଓ ସ୍ୱର୍ଣ୍ଣମୟୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା




ଉଦଳା , ୩/୪ (ନି.ପ୍ର): ଶିକ୍ଷୟିତ୍ରି ଭାବରେ ଚାକିରୀ ଜୀବନରୁ ନିକଟରେ ଅବସର ଗ୍ରହଣ କରିଥିବା ଜେମାମଣି ସେଠୀ, ଶରତ ମଂଜରି ଲେଙ୍କା, ସରୋଜିନି ସୋରେନ ଓ ସ୍ୱର୍ଣ୍ଣମୟୀ ବାରିକଙ୍କୁ ଉଦଳା ପ୍ରାଥମିକ ଶିକ୍ଷକ ସଂଘ ତରଫରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଏହି ଅବସରରେ ସ୍ଥାନୀୟ ସଂଘ କାର୍ଯ୍ୟାଳୟ ପରିସରରେ ଆଜି ଏପ୍ରିଲ ୩ ତାରିଖ ଗୁରୁବାର ଦିନ ଦିବସବ୍ୟାପି ଏକ ସାଧାରଣ ସଭାର ପର୍ବ ଅନୁଷ୍ଠିତ ହୋଇ ଯାଇଛି । ଉକ୍ତ ସଭାରେ ସଂଘର ସଭାପତି ଅନ୍ତର୍ଯ୍ୟାମି ବେହେରା ଅଧକ୍ଷତା କରିଥିବା ବେଳେ ଜିଲ୍ଲା ସଭାପତି ଆରତ କୁମାର ପରିଡ଼ା, କାର୍ଯ୍ୟକାରୀ ସଭାପତି ଦୁଲାରାମ ହାଁସଦା, କୋଷାଧକ୍ଷ ପ୍ରମୋଦ ମହାନ୍ତି ଓ ସଂପାଦକ ଲଳିତ ବେହେରା ପ୍ରମୁଖ ମଂଚାସୀନ ଅତିଥି ଭାବରେ ଯୋଗ ଦେଇ ଶିକ୍ଷକତା ପରି ଏକ ମହାନ ବୃତି ହେଉଛି ଈଶ୍ୱର ପ୍ରଦତ ବୋଲି ବ୍ୟକ୍ତ କରିଥିଲେ । ଏହାପରେ ଅବସର ଗ୍ରହଣ କରିଥିବା ଶିକ୍ଷୟିତ୍ରି ମାନେ ନିଜ ନିଜର ଚାକିରୀ ଜୀବନର ଅନୁଭବ ଶୁଣାଇଥିଲେ । ପରେ ସଂଘ ତରଫରୁ ସମସ୍ତଙ୍କୁ ମାନପତ୍ର, ଉତରୀୟ ଓ ପୁଷ୍ପଗୁଚ୍ଛ ଅର୍ପଣ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଛି । ପ୍ରାରମ୍ଭରେ କ୍ଲଷ୍ଟର ସଂଯୋଜିକା ମୀନାକ୍ଷୀ ମିଶ୍ର ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଦେବେନ୍ଦ୍ର ନାଥ ପଣ୍ଡା ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମକୁ ସଫଳ କରିବାରେ ସତ୍ୟେନ୍ଦୁ ଜେନା, ସୂର୍ଯ୍ୟମଣି ଡ଼ାକୁଆ, ବର୍ଷା ପରିଡ଼ା, ଶୁଭଲକ୍ଷ୍ମୀ ପଣ୍ଡା, ଇନ୍ଦିରା ସାମଲ, ମାଣିକ ଅପା, ବିଭୁଦତ ବିନ୍ଧାଣୀ, ଶୁଭଲକ୍ଷ୍ମୀ ହାତି ପ୍ରମୁଖ ସହଯୋଗ କରିଥିଲେ ।

## ଲକ୍ଷ୍ମୀ ବସ୍ ଚଳାଚଳ ପାଇଁ ଚଢ଼ଦା ଗ୍ରାମବାସୀଙ୍କ ଦାବି

ଉଦଳା , ୩/୪ (ନି.ପ୍ର): ଉଦଳା ବ୍ଲକ କାର୍ଯ୍ୟାଳୟ ଠାରୁ ଶ୍ରୀଦାମଚନ୍ଦ୍ରପୁର ପଂଚାୟତ ଅନ୍ତର୍ଗତ ଚଢ଼ଦା ଗ୍ରାମଟି ପ୍ରାୟ ୨୦ କିମି ଦୁର ଅଟେ । ଉକ୍ତ ଗ୍ରାମକୁ ଲକ୍ଷ୍ମୀ ବସ ଚଳାଚଳ କରୁନଥିବାରୁ ଲୋକେ ନାହିଁନଥିବା ଅସୁବିଧାର ସମ୍ମୁଖିନ ହେଉଥିବାର ଜଣାଇଛନ୍ତି । ଉକ୍ତ ଗ୍ରାମକୁ ଲକ୍ଷ୍ମୀବସ ଚଳାଚଳ କରୁ ବୋଲି ଲୋକେ ଦାବି ଜଣାଇବା ସହ ଏହାଦ୍ୱାରା ଚଢ଼ଦା ଗ୍ରାମ ସମେତ ଲାଗିକରିଥିବା ୫ ଗୋଟି ଗ୍ରାମର ଲୋକେ ଉପକୃତ ହେବେ ବୋଲି କହିଛନ୍ତି । ପ୍ରକାଶ ଥାଉକି କେବଳ ଚଢ଼ଦା ଗ୍ରାମର ଲୋକ ସଂଖ୍ୟା ପ୍ରାୟ ୨ ହଜାରରୁ ଅଧିକ ହେବ ବୋଲି ଆକଳନ କରାଯାଇଛି । ଚଢ଼ଦା ଗ୍ରାମବାସୀଙ୍କ ଏପରି ଏକ ଦାବିକୁ ବିଭିନ୍ନ ମହଲରୁ ସମର୍ଥନ ମିଳୁଥିବାର ଖବର ଆମର ହସ୍ତଗତ ହୋଇଛି । ଗ୍ରାମରେ ଗଢ଼ି ଉଠୁଥିବା ଛୋଟ ଛୋଟ ବ୍ୟବସାୟ ପ୍ରତିଷ୍ଠାନ ଗୁଡ଼ିକ ବସ୍ ଚଳାଚଳ ଦ୍ୱାରା ଲାଭବାନ ହେବେ ବୋଲି କୁହାଯାଉଛି ।

## ଜିଲ୍ଲାରେ ପାଳିତ ହେଲା ପାରମ୍ପରିକ ପୋଷାକ ପରିଧାନ ଦିବସ



ବାଲେଶ୍ୱର, ୩/୪ (ନି.ପ୍ର): ଓଡିଶାର ସାଂସ୍କୃତିକ ଐତିହ୍ୟକୁ ପ୍ରଚାର ପ୍ରସାର କରିବା ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ଆହ୍ୱାନ କ୍ରମେ ଏପ୍ରିଲ ୧, ଓଡ଼ିଶା ଦିବସରୁ ଏପ୍ରିଲ ୧୪, ଓଡ଼ିଆ ନବବର୍ଷ ଯାଏଁ ପ୍ରଥମଥର କରି ପାଳନ ହେଉଥିବା 'ଓଡ଼ିଆ ପକ୍ଷ, ୨୦୨୫'ର ତୃତୀୟ ଦିବସରେ ପାରମ୍ପରିକ ପୋଷାକ ପରିଧାନ ଦିବସ ରୂପେ ପାଳନ ହୋଇଛି । ଉକ୍ତ ଅବସରରେ ଆମ ସ୍ୱାଭିମାନ ଓ ପରିଚୟ ବହନ କରୁଥିବା ସ୍ୱଦେଶୀ ପାରମ୍ପରିକ ପୋଷାକର ପ୍ରଚାର ପ୍ରସାର ନିମନ୍ତେ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ବ୍ଲକ, ତହସିଲ, ମଣ୍ଡଳ, ଉପଖଣ୍ଡ ତଥା ଜିଲ୍ଲାସ୍ତରୀୟ ଅଧିକାରୀ ଓ କର୍ମଚାରୀମାନେ ପାରମ୍ପରିକ ପୋଷାକ ପରିଧାନ କରି ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ଫଟୋ ଓ ସେଲ୍ଫି ଉଠାଇ ନେଇ ସୋସିଆଲ ମିଡ଼ିଆରେ ପୋଷ୍ଟ କରିଛନ୍ତି । ଏହି ପରିପ୍ରେକ୍ଷୀରେ ହସ୍ତତନ୍ତ ପୋଷକ ପରିଧାନକୁ ଅଧିକ ଆଦୃତ କରିବା ସହ ପ୍ରଚାର ପ୍ରସାର କରିବା ପାଇଁ ହସ୍ତତନ୍ତ ପୋଷକ ପରିଧାନକୁ ଅଭ୍ୟାସରେ ପରିଣତ କରି ବୁଣାକାର ଏବଂ ଗ୍ରାମ୍ୟ ଅର୍ଥନୀତିକୁ ଆହୁରି ସଶକ୍ତ କରିବା ସହ ସମୃଦ୍ଧ ଓଡ଼ିଶା ଗଠନରେ ଅଂଶୀଦାର ହେବା ପାଇଁ ଜିଲ୍ଲାପାଳ ଶ୍ରୀ ସୂର୍ଯ୍ୟବଂଶୀ ମୟୂର ବିକାଶ ନିବେଦନ କରିଛନ୍ତି । ଏଠାରେ ସୂଚନା ଥାଉ କି, ହସ୍ତତନ୍ତ ବୟନ ଓ ହସ୍ତ ଶିଳ୍ପ ବିଭାଗ ଦ୍ୱାରା ପରିଚାଳିତ ବୟନିକା, ଉତ୍କଳିକା, ଅମ୍ଳାନ ଓ ସମ୍ବଲପୁରୀ ବାସ୍ତ୍ରାଳୟର ଶାଖାରେ ହସ୍ତତନ୍ତ ବସ୍ତ୍ର କ୍ରୟ ଉପରେ ଶତକଡା ୨୦+୧୦ ଭାଗ ରିହାତି ୧ ଏପ୍ରିଲ, ୨୦୨୫ ରୁ ୧୪ ଏପ୍ରିଲ ୨୦୨୫ ପର୍ଯ୍ୟନ୍ତ ପ୍ରଦାନ କରାଯାଉଛି । ତେଣୁ ଜନସାଧାରଣ ଏହାର ସୁଯୋଗ ନେବା ସହିତ ହସ୍ତତନ୍ତ ବସ୍ତ୍ର ପରିଧାନ କରି ଆମର ଗୌରବମୟ ହସ୍ତତନ୍ତ ପରମ୍ପରାକୁ ପ୍ରସାର କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଉତ୍ସାହିତ କରାଯାଉଛି ।

❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**

**Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704**

❒ Editor: Sairindhree Sahoo
❒ Managing & Executive Editor : Srustidhar Parida